

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 December 2024

Vol.No. 35 ■ No.334 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହାରାଷ୍ଟ୍ରରେ ଛିଡ଼ିଲା ଅଙ୍କ: ମନ୍ତ୍ରୀ ଭାବେ ଶପଥ ନେଲେ ୩୯ ବିଧାୟକ



ନୂଆଦିଲ୍ଲୀ, ୧୫/୧୨ : ବହୁ ଚର୍ଚ୍ଚା ଆଲୋଚନା ପରେ ଛିଡ଼ିଲା ଭାଗ। ଆଜି ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନାବିସଙ୍କ କ୍ୟାବିନେଟ୍ ବିସ୍ତାର ହୋଇଛି। ବିଜେପି, ଶିବସେନା ଓ ଏନସିପି ମନ୍ତ୍ରୀମାନେ ଶପଥ ନେଇଛନ୍ତି। ନାଗପୁରରେ ଏହି ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏହି ମନ୍ତ୍ରୀ ପରିଷଦର କାର୍ଯ୍ୟକାଳ ମାତ୍ର ଅଢ଼େଇ ବର୍ଷ ହେବ। ଏହାପରେ ପୁଣିଥରେ ତିନି ଦଳ ମଧ୍ୟରେ ମନ୍ତ୍ରୀ ମଣ୍ଡଳ ଭାଗବଣ୍ଟା ହୋଇପାରେ। ମନ୍ତ୍ରୀ ପରିଷଦରେ ଆଜି ୩୯ଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ନାଗପୁରରେ ଆୟୋଜିତ ଏହି ଶପଥଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ଏବଂ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଉପସ୍ଥିତ ଥିଲେ। କ୍ୟାବିନେଟ ବିସ୍ତାରରେ ବିଜେପିରୁ ୧୯ଜଣ ବିଧାୟକ ମନ୍ତ୍ରୀ ପଦ ପାଇଥିବାବେଳେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରୁ ୧୧ ଏବଂ ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ରୁ ୯ଜଣ ବିଧାୟକ ମନ୍ତ୍ରୀ ପଦ ପାଇଛନ୍ତି। ୩୩ ବିଧାୟକ କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବାବେଳେ ୬ଜଣ ବିଧାୟକ ରାଜ୍ୟ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ରାଜ୍ୟପାଳ ପିସି ରାଧାକ୍ରିଷ୍ଣନ୍ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବିଜେପିରୁ ଚନ୍ଦ୍ରଶେଖର ବାୱନକୁଲେ, ରାଧାକୃଷ୍ଣ ଭିଖେ ପାଟିଲ, ଚନ୍ଦ୍ରକାନ୍ତ ପାଟିଲ ଓ ଗିରିଶ ମହାଜନଙ୍କ ପରି ବିଧାୟକ ନେଇଛନ୍ତି ମନ୍ତ୍ରୀପଦର ଶପଥ। ▶▶ପୃଷ୍ଠା ୭

## ଓଡ଼ିଶାର ପ୍ରତି ପଞ୍ଚାୟତରେ ହେବ ୱେଲନେସ୍ ସେଂଟର: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଆଗାମୀ ଦୁଇ ବର୍ଷରେ ପ୍ରତି ପଞ୍ଚାୟତରେ ଥିବ ହେଲ୍ଥ ଆଣ୍ଡ ୱେଲନେସ ସେଣ୍ଟର ଖୋଲାଯିବ। ନ୍ୟାସନାଲ ଡାଏଲିସିସ ମିସନ ଅଧୀନରେ ରାଜ୍ୟରେ ପିପିପି ମୋଡରେ ଡାଏଲିସିସ ସେଣ୍ଟର ଖୋଲାଯିବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ରବିବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସଂରଚନାକୁ ସୁଦୃଢ଼ କରିବା ପାଇଁ ସରକାରର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏବେ ରାଜ୍ୟରେ ଏବେ ପ୍ରାୟ ୧୧ଶହ ଥିବା ବେଳେ ଆଗାମୀ ପାଂଚ ବର୍ଷରେ ଏହାକୁ ଦ୍ୱିଗୁଣିତ କରାଯିବ। ଏହାଛଡା ଆଗାମୀ ଦିନରେ ରାଜ୍ୟରେ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବା ପାଇଁ ସରକାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବ ଏବଂ ଏକାବେଳକେ ସାଢେ ତିନିକୋଟି ଲୋକଙ୍କୁ ଏଥିରେ ପ୍ରାୟ ଦେଶର ୨୭ ହଜାର ▶▶ପୃଷ୍ଠା ୭

## ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା: ପତ୍ନୀ ନିକିତାଙ୍କ ସମେତ ୩ ଗିରଫ



ନୂଆଦିଲ୍ଲୀ, ୧୫/୧୨ : ବେଙ୍ଗାଲୁରୁର ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମମଲାରେ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଞ୍ଜିନିୟରଙ୍କ ପତ୍ନୀ ନିକିତା ସିଙ୍ଘାନିଆ ତାଙ୍କ ମା' ନିଶା ସିଙ୍ଘାନିଆ ଓ ଭାଇକୁ ବେଙ୍ଗାଲୁରୁ ପୁଲିସ ଗିରଫ କରିଛି। ନିକିତାଙ୍କୁ ଗୁରୁଗ୍ରାମରୁ ଓ ମା' ଏବଂ ଭାଇକୁ ପୁଲିସ ଆହ୍ଲାବାଦରୁ ଗିରଫ କରିଥିବା ସୂଚନା ମିଳିଛି। ସମସ୍ତ ତିନି ଜଣଙ୍କୁ ବେଙ୍ଗାଲୁରୁ ଆଣି କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ବେଙ୍ଗାଲୁରୁ ପୁଲିସ ଡିସେମ୍ବର ୧୩ ତାରିଖରେ ଅତୁଲ ସୁଭାଷଙ୍କ ପତ୍ନୀ ନିକିତା ସିଙ୍ଘାନିଆଙ୍କ ଜୈନପୁର ସ୍ଥିତ ବାସଭବନ ବାହାରେ ଏକ ନୋଟିସ୍ ଲଗାଇଥିଲା। ତେବେ ଏହା ପୂର୍ବରୁ ନିକିତା ଫେରର ଥିବା ବେଳେ ତାଙ୍କ ମା' ଓ ଭାଇ ମଧ୍ୟ ଗିରଫ ଭୟରେ ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲେ। ▶▶ପୃଷ୍ଠା ୭

## ନକ୍ସଲ ଦମ୍ପତିଙ୍କ ସହ ୫ ହାର୍ଡକୋର ନକ୍ସଲଙ୍କ ଆତ୍ମସମର୍ପଣ: ୯ ମାଓବାଦୀ ଗିରଫ

ମାଲକାନଗିରି, ୧୫/୧୨ (ନି.ପ୍ର): ସୀମାନ୍ତ ଛତିଶଗଡ଼ ସୁକମା ପୁଲିସକୁ ମିଳିଛି ପୁଣି ଏକ ବଡ ସଫଳତା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆଗମନ ପୂର୍ବରୁ ୫ ଜଣ ଦୁର୍ଦାନ୍ତ ନକ୍ସଲଙ୍କ ଆତ୍ମସମର୍ପଣ ଏକ ବଡ଼ ସଫଳତା ବୋଲି ପୁଲିସ କହିଛି। ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୫ ଜଣ ନକ୍ସଲ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମରେ ୮ ଲକ୍ଷ ରେଖାଏଁ ପୁରସ୍କାର ରହିଥିବା ବେଳେ ଜଣକ ନାମରେ ୫ ଲକ୍ଷ ଏବଂ ଅନ୍ୟ ଦୁଇ ଜଣଙ୍କ ନାମରେ ୨ ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ଏମାନଙ୍କ ମୁଣ୍ଡରେ ମୋଟ ୨୫ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିଲା। ଲଗାତାର ପୁଲିସର ଚଢ଼ାଉ ଏବଂ ସରକାରଙ୍କ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାଭିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସଂଗଠନରେ ଆଉ କ୍ୟାଡର ନକ୍ସଲ ନାହାନ୍ତି। ସମସ୍ତେ ମଲେଣି ନଚେତ ସଂଗଠନ ଛାଡି ଅନ୍ୟତ୍ର ଚାଲିଗଲେଣି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ପୁଲିସ କହିଛି। ଆତ୍ମସମର୍ପଣ କରି ନିଜର ବାକି ଜୀବନ ଖୁସିରେ କଟାନ୍ତୁ ବୋଲି କୁହାଯାଇଛି। ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଜଗରଗୁଣ୍ଡା ଥାନା ଅଂଚଳରୁ ୯ ଜଣ ନକ୍ସଲଙ୍କୁ ଗିରଫ କରିବାରେ ଡିଆରଜି, ସିଆରପିଏଫ ଏବଂ କୋବ୍ରା ଯବାନ ସଫଳ ହୋଇଛନ୍ତି। ସୁରକ୍ଷାକର୍ମୀ ଜଗରଗୁଣ୍ଡା ଥାନା ଅଂଚଳର ପୁବର୍ତ୍ତୀ ଏବଂ ଟେକଲଗୁଡା ଅଂଚଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲରେ କିଛି ସଂଦିଗ୍ଧ ଯବାନଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ।

## ଆଇଏଏସ ଅନିମେଶ ପ୍ରଧାନଙ୍କୁ ମିଳିଲା ଓଡ଼ିଶା କ୍ୟାଡର



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ୪୦୯ ନଂ ରାଙ୍କରେ ଥିବା ସନ୍ତୋଷ କୁମାର ପାତ୍ରଙ୍କୁ ଓଡ଼ିଶା କ୍ୟାଡର। ୩୬ ନଂ ରାଙ୍କରେ ଥିବା ଆୟୁଷୀ ପ୍ରଧାନଙ୍କୁ ଆସାମ-ମେଘାଳୟ କ୍ୟାଡର। ୫୪ ନଂ ରାଙ୍କରେ ଥିବା ହରିୟାଣାର କଶିସ୍ ବକ୍ସିଙ୍କୁ ଓଡ଼ିଶା କ୍ୟାଡର। ୬୮ ନଂ ରାଙ୍କରେ ଥିବା କେରଳର କସ୍ତୁରୀ ସା'ଙ୍କୁ ଓଡ଼ିଶା କ୍ୟାଡର। ଆଇଏଏସ ଅନିମେଶ ପ୍ରଧାନଙ୍କୁ ମିଳିଲା ଓଡ଼ିଶା କ୍ୟାଡର। ୨୦୨୩ ସିଭିଲ ସର୍ଭିସ ପରୀକ୍ଷାରେ ଦ୍ୱିତୀୟ ରାଙ୍କ ପାଇଥିଲେ ଅନିମେଶ। ଠିକ୍ ସେହିପରି ୨୪ ନଂ ରାଙ୍କରେ ଥିବା ପ୍ରଜ୍ଞାନନ୍ଦନ ଗିରିଙ୍କୁ ମଧ୍ୟ ଓଡ଼ିଶା କ୍ୟାଡର ମିଳିଛି। ୪୦୯ ନଂ ରାଙ୍କରେ ଥିବା ସନ୍ତୋଷ କୁମାର ପାତ୍ରଙ୍କୁ ଓଡ଼ିଶା କ୍ୟାଡର।

## ବଢୁଛି ବିଷ୍ଣୁପଦଙ୍କ ଅଡୁଆ

## ଏସସି-ଏସଟି ବିଭାଗ ହାଇସ୍କୁଲ କାମରେ ହେଉଥିଲା କି କେଳେଙ୍କାରୀ ?



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ରାଜ୍ୟ ଉଦ୍ୟୋଗକୁ ନଦେଇ କେନ୍ଦ୍ରୀୟ ଉଦ୍ୟୋଗଗୁଡିକୁ ହାଇସ୍କୁଲ କାମ ବାଣ୍ଟିଥିଲେ ବିଷ୍ଣୁପଦ। କେବଳ ବିଦ୍ୟୁତ କ୍ଷେତ୍ରରେ କାମ କରୁଥିବା ଉଦ୍ୟୋଗକୁ ବି ସ୍କୁଲ ଅପଗ୍ରେଡେସନ କାମ ଦେଇଛନ୍ତି ଆଇଏଏସ୍ ବିଷ୍ଣୁପଦ ସେଠୀ। ବ୍ରିଜ ଆଣ୍ଡ ରୁଫ୍ କଂପାନୀ ସହ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଲିଙ୍କ୍ ସାମ୍ନାକୁ ଆସିବା ପରେ ଖୋଲିଛି ଆଉ କିଛି ଗୁମର। ବିଷ୍ଣୁପଦ ଏବେ ଏସଟି-ଏସସି ବିଭାଗର ପ୍ରମୁଖ ସଚିବ ଥିବାବେଳେ ବିଭାଗ ଅଧିନରେ ଥିବା ହାଇସ୍କୁଲ କାମଗୁଡ଼ିକୁ କାହିଁକି ରାଜ୍ୟ ଉଦ୍ୟୋଗକୁ ଦିଆନଯାଇ କେନ୍ଦ୍ରୀୟ ଉଦ୍ୟୋଗଗୁଡିକୁ ଦିଆଗଲା, ତାକୁ ନେଇ ଛିଡା ହେଲାଣି ପ୍ରଶ୍ନ। ଏମିତି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ବି କିଛି ହାଇସ୍କୁଲ ଅପଗ୍ରେଡେସନ କାମକୁ ବିଜୁଳି କ୍ଷେତ୍ରରେ କାମ କରୁଥିବା ରାଷ୍ଟ୍ରୀୟ ଉଦ୍ୟୋଗକୁ ଦିଆଯାଇଛି। ସନ୍ଦେହରେ ଆଇଏଏସ୍ ବିଷ୍ଣୁପଦ ସେଠୀ ବାଣ୍ଟିଥିବା ହାଇସ୍କୁଲ ଅପଗ୍ରେଡେସନ କାମ। ଏସଟି-ଏସସି ବିଭାଗ ହାଇସ୍କୁଲ କାମରେ ହେଉଥିଲା କି କେଳେଙ୍କାରୀ ? ବ୍ରିଜ ଆଣ୍ଡ ରୁଫ୍ ଭଳି କେନ୍ଦ୍ରୀୟ ଉଦ୍ୟୋଗ ଜରିଆରେ ହେଉଥିଲା କି କିକବ୍ୟାକ୍ ରାଜ୍ୟ ସରକାରଙ୍କ ସଂସ୍ଥାକୁ ବାଦ୍ ଦେଇ କାହିଁକି କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକୁ ଦେଲେ ସ୍କୁଲ କାମ ? ଏମିତି କି ବିଦ୍ୟୁତ କ୍ଷେତ୍ରରେ କାମ କରୁଥିବା ଉଦ୍ୟୋଗକୁ ବି ସ୍କୁଲ କାମ ଦେଇଛନ୍ତି ବିଷ୍ଣୁପଦ। ବ୍ରିଜ ଆଣ୍ଡ୍ ରୁଫ୍ କମ୍ପାନୀ ସହ ବିଷ୍ଣୁପଦ ସେଠୀଙ୍କ ଲିଙ୍କ୍ ସାମ୍ନାକୁ ଆସିବା ପରେ ଉଠିଛି ଏଭଳି ପ୍ରଶ୍ନ। ନୟାଗଡ଼ ଏବଂ ବୌଦ୍ଧର ହାଇସ୍କୁଲ ଓ ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ପାଇଁ ବ୍ରିଜ ଆଣ୍ଡ ରୁଫ୍ କଂପାନୀକୁ ଚିଠି ଲେଖିଥିଲେ ବିଷ୍ଣୁପଦ। ▶▶ପୃଷ୍ଠା ୭

## ରାସ୍ତା ମଝିରେ ଅଟୋ ଚାଳକଙ୍କ ଗଳା କାଟି ହତ୍ୟା

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ରାସ୍ତା ମଝିରେ ଅଟୋ ଚାଳକଙ୍କ ଗଳା କାଟିଦେଲେ। ଆଜି ଅପରାହ୍ନରେ ଏପରି ବୀଭତ୍ସ ହତ୍ୟାକାଣ୍ଡ ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବର୍ତ୍ତମାନ ସୁଦ୍ଧା ପୁଲିସ୍ ହତ୍ୟାକାରୀଙ୍କ ପାଖରେ ପହଞ୍ଚି ପାରି ନାହିଁ। ମୃତ ବଳରାମ ଖରାଙ୍କ ଘର କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗାରିଡ଼ି ଗାଁରେ। କିନ୍ତୁ ସେ ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ଆରଆଇ କଲୋନୀରେ ଘର ଭଡ଼ା ନେଇ ପରିବାର ▶▶ପୃଷ୍ଠା ୭

## ବିଶିଷ୍ଟ ତବଲା ବାଦକ ଉସ୍ତାଦ ଜାକିର ହୁସେନଙ୍କ ପରଲୋକ



ନୂଆଦିଲ୍ଲୀ, ୧୫/୧୨ : ନିଜ ତବଲାର ଧ୍ୱନୀରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିବା ବିଶିଷ୍ଟ ତବଲା ବାଦକ ଉସ୍ତାଦ ଜାକିର ହୁସେନଙ୍କ ପରଲୋକ ଘଟିଛି। କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଆମେରିକାର ସାନ ଫ୍ରାନ୍ସିସ୍କୋର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେ ହୃଦଜନିତ ଓ ରକ୍ତଚାପଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପଦ୍ମଶ୍ରୀ, ପଦ୍ମ ଭୂଷଣ ଓ ପଦ୍ମ ବିଭୂଷଣ ଭଳି ସମ୍ମାନରେ ସମ୍ମାନୀତ ଉସ୍ତାଦ ଜାକିର ହୁସେନଙ୍କୁ ମୃତ୍ୟୁ ବେଳକୁ ୭୩ ବର୍ଷ ବୟସ ହୋଇଥିଲା। ସଂଗୀତ ଜଗତର ବେତାଜ ବାଦଶାହ ଉସ୍ତାଦ ଜାକିର ହୁସେନ ଆଉ ନାହାଁନ୍ତି। ତାଙ୍କର ଅବର୍ତ୍ତମାନରେ ସଙ୍ଗୀତ ଜଗତରେ ଶୋକର ଲହରୀ ଖେଳିଯାଇଛି। ୩ଥର ଗ୍ରାମି ପୁରସ୍କାର ପାଇଥିଲେ ସେ। ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ▶▶ପୃଷ୍ଠା ୭

## କଲରାପତରିଆ ବାଘ ଛାଲ ଓ ହାତୀ ଦାନ୍ତ ଜବତ: ଜଣେ ଗିରଫ, ୫ ଅଟକ



ରାୟଗଡା/ମୁନିଗୁଡ଼ା, ୧୫/୧୨ (ନି.ପ୍ର): ରାୟଗଡା ଜିଲ୍ଲାରେ ଆଜି କଟକ ଠାରୁ ଆସିଥିବା ଭିଜିଲାନ୍ସ ଟିମ ଓ ସ୍ଥାନୀୟ ଜଙ୍ଗଲ ବିଭାଗ ମିଳିତ ଚଢ଼ାଉରେ ଦୁଇଟି କଲରାପତରିଆ ବାଘଛାଲ ସହିତ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ଗତକାଲି ମୁନିଗୁଡା ବନାଞ୍ଚଳର ନିୟମଗିରି ପାହାଡ ଅଞ୍ଚଳରୁ ମୁନିଗୁଡା ବନବିଭାଗ ଓ ଏସ.ଟି.ଏଫ ୨ଟି ହାତୀ ଦାନ୍ତ ଜବତ ▶▶ପୃଷ୍ଠା ୭

## ଟ୍ରେନ୍‌ରେ କଟି ଦୁଇ ପାଚିକା ସହାୟିକାଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଭୁବନେଶ୍ୱରରେ ପାଚିକା ସହାୟିକା ସଂଘର ରାଲିରେ ଯୋଗ ଦେବାକୁ ଯାଉଥିବା ବେଳେ ଟ୍ରେନ୍‌ରୁ ପଡ଼ି ଦୁଇ ଜଣ ପାଚିକା ସହାୟିକାଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ସୁରଳ ରୋଡ୍ ରେଳ ଷ୍ଟେସନ ଆଜି ସକାଳେ ଘଟିଛି ଏହି ଘଟଣା। ମୃତ ପାଚିକା ସହାୟିକା ଦ୍ୱୟ ହେଉଛନ୍ତି ପାର୍ବତୀ ଗୌଡ଼ ଓ ଝୁନୁ ଗୌଡ଼। ସେମାନଙ୍କ ଘର ଚିକିଟି ବ୍ଲକ ପିତାଡଳି ପଞ୍ଚାୟତ ଜଗନ୍ନାଥପୁର ଗାଁରେ। ସେମାନେ ଜଗନ୍ନାଥପୁର ସ୍କୁଲରେ ପାଚିକା ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଭୁବନେଶ୍ୱର ଯିବା ପାଇଁ ସେମାନେ ଆଜି ସକାଳେ ପଲାସା-କଟକ ଡିଏମ୍ୟୁରେ ଚଢ଼ିଥିଲେ। ସୂଚନା ଅନୁଯାୟୀ, ସେମାନେ ତରତର ହୋଇ ଟ୍ରେନ୍‌ରେ ଚଢୁଥିବା ବେଳେ ପଡ଼ି ଯାଇଥିଲେ। ପ୍ରଥମେ ଜଣେ ପଡ଼ି ଯାଇଥିଲେ। ▶▶ପୃଷ୍ଠା ୭

## କାଳକାଜିରୁ ଆତିଶୀ ଓ ନୂଆଦିଲ୍ଲୀରୁ ଭାଗ୍ୟ ପରୀକ୍ଷା କରିବେ କେଜ୍ରିୱାଲ୍



ନୂଆଦିଲ୍ଲୀ, ୧୫/୧୨ : ନୂଆ ଦିଲ୍ଲୀରୁ ନିର୍ବାଚନ ଲଢ଼ିବେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ସେ ପୁଣି ଥରେ ଏଠୁ କରିବେ ନିଜ ଭାଗ୍ୟ ପରୀକ୍ଷା। ସେହିପରି କାଳକାଜିରୁ ମୈଦାନକୁ ଓହ୍ଲାଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ। ସେ ମଧ୍ୟ ପୁଣି ଏଠୁ ହିଁ ନିର୍ବାଚନ ଲଢ଼ିବେ। ଆପ୍ ଜାରି କରିଥିବା ତା'ର ଚତୁର୍ଥ ପ୍ରାର୍ଥୀ ତାଲିକାରୁ ଏହା ଜଣାପଡିଛି। ଆସନ୍ତା ବର୍ଷ ପଡ଼ିବ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍। ଏଥିପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି। ସମସ୍ତ ଦଳ ଲାଗି ପଡିଛନ୍ତି। କିଏ କେଉଁଠୁ ନିର୍ବାଚନ ଲଢ଼ିବ ତାକୁ ନେଇ ଚାଲିଛି ମାନସ ମନ୍ଥନ। ଏହାରି ଭିତରେ ଆମ୍ ଆଦମୀ ପାର୍ଟି ଗୋଟିଏ ପରେ ଗୋଟିଏ ନିଜ ପ୍ରାର୍ଥୀ ଘୋଷଣା କରି ଚାଲିଛି। ଏବେ ବିଧାନସଭା ନିର୍ବାଚନ ପାଇଁ ଆପ୍ ତା'ର ଚତୁର୍ଥ ତଥା ଅନ୍ତିମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ୩୮ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ଅରବିନ୍ଦ କେଜ୍ରିୱାଲ ନୂଆଦିଲ୍ଲୀରୁ ନିର୍ବାଚନ ଲଢ଼ିବେ। ସେହିପରି ମୁଖ୍ୟମନ୍ତ୍ରୀ ଆତିଶୀ ପୁଣି ଥରେ କାଲକାଜୀରୁ ନିର୍ବାଚନ ଲଢ଼ିବେ। ସେହିଭଳି ସୌରଭ ଭରଦ୍ୱାଜ ଗ୍ରେଟର କୈଳାଶରୁ ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ହେବେ। ବର୍ତ୍ତମାନ ଏହି ଆସନରୁ ସେ ବିଧାୟକ ଅଛନ୍ତି। ତେବେ ଦଳ ଆମ୍ ଆଦମୀ ପାର୍ଟିର ବର୍ତ୍ତମାନର ବିଧାୟକ ମଦନ ଲାଲଙ୍କ ଟିକେଟ୍ କାଟିଛି। ତାଙ୍କ ବଦଳରେ କସ୍ତୁରବା ନାଗରରୁ ରମେଶ ପେହଲୱାନଙ୍କୁ ମୈଦାନକୁ ଓହ୍ଲାଇଛି ଦଳ। ରମେଶ ପେହଲୱାନ ଏବଂ ତାଙ୍କ କାଉନସିଲର ପତ୍ନୀ କୁସୁମ ଲତା ଆଜି ହିଁ ବିଜେପି ଛାଡି ଆପ୍‌ରେ ଯୋଗ ଦେଇଥିଲେ। ସେହିପରି ବାବରପୁରରୁ ମନ୍ତ୍ରୀ ଗୋପାଳ ରାୟ ଓ ତିଲକ ନଗରରୁ ଜରନୈଲ ସିଂହ ନିର୍ବାଚନ ଲଢ଼ିବେ। ଏହାବ୍ୟତୀତ ସତ୍ୟେନ୍ଦ୍ର କୁମାର ଜୈନ ଶକୁର ବସ୍ତିରୁ, ଓଖଲାରୁ ଅମାନତୁଲ୍ଲା ଖାନ୍, ମୁକେଶ କୁମାର ଅହଲାବାତ ସୁଲତାନପୁର ମାଜରାରୁ, ରଘୁବିନ୍ଦର ସୌକିନ ନାଙ୍ଗଲୋଇ ଜାଟରୁ, ସୋମ ଦତ୍ତ ସଦର ବାଜାରରୁ ଓ ▶▶ପୃଷ୍ଠା ୭

## ରାଜ୍ୟରେ ୧୦ଡିଗ୍ରୀ ତଳେ ୮ ସହର: ଆହୁରି କଲବଲ କରିବ ଶୀତ



ଭୁବନେଶ୍ୱର: ପ୍ରବଳ ଶୀତରେ ସାରା ଓଡ଼ିଶା ଥରୁଛି। ବଣ, ପାହାଡ଼ ଘେରା ଅଞ୍ଚଳର ଲୋକେ ଅଧିକ ହନ୍ତସନ୍ତ ହେଉଛନ୍ତି। ସୂର୍ଯ୍ୟ ଉଦୟ ହେଲେ ସାମାନ୍ୟ ଆଶ୍ୱସ୍ତି ଲାଭ କରୁଥିବା ବେଳେ ସୂର୍ଯ୍ୟାସ୍ତ ପରଠାରୁ ପୁଣି ସମାନ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଜୀବଜନ୍ତୁ ଓ ବୟସ୍କମାନଙ୍କୁ ଶୀତ ଅଧିକ କଲବଲ କରୁଛି। ଆଗାମୀ ଦିନରେ ଶୀତ ଆହୁରି ବଢ଼ିବାର ଆଶଙ୍କା ରହୁଛି। ଆଭ୍ୟନ୍ତରୀଣରୁ ଉପକୂଳରୁ ଓଡିଶା ପର୍ଯ୍ୟନ୍ତ ପାଣିପାଗ ବିଭାଗ ପକ୍ଷରୁ କୋଲଡ ୱେବ ପାଇଁ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ୮ଟି ସହରର ତାପମାତ୍ରା ୧୦ ଡିଗ୍ରି ତଳକୁ ରହିଛି। ଏଥିରେ ଝାରସୁଗୁଡ଼ାରେ ତାପାତ୍ରା ୬.୮ ଡିଗ୍ରି ରହିଛି। ରାଉରକେଲାରେ ୬.୮ ଡିଗ୍ରି, ▶▶ପୃଷ୍ଠା ୭

# ଜେ.ଏସ୍.ଏମ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଛାତ୍ର ଛାତ୍ରୀଙ୍କ ବିଶାଖାପାଟଣା ଶିକ୍ଷା ଯାତ୍ରା

ବଲାଙ୍ଗିର, ୧୫/୧୨ (ନି.ପ୍ର): ମଙ୍ଗଳବାର ଦିନ ଜେ. ଏସ୍. ଏମ କଳା, ବିଜ୍ଞାନ ଏବଂ ବାଣିଜ୍ୟ ମହାବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ଓ ୯ ଜଣ ଶିକ୍ଷକ ଶିକ୍ଷୟତ୍ରୀମାନେ ଦୁଇ ଦିନିଆ ଏକ ଶିକ୍ଷା ଯାତ୍ରାରେ ଭାଇଜାଗ୍ (ଭିଶାଖାପଟ୍ଟନମ) ଯାଇଥିଲେ । ଏହି ଯାତ୍ରାର ଉଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ସ୍ଥାନ ଓ ସଂସ୍କୃତି ସହିତ ପରିଚିତ କରାଇବା ଓ ସେମାନଙ୍କର ଶିକ୍ଷାରେ ନୂତନ ଅନୁଭବ ସୃଷ୍ଟି କରିବା ସହିତ ପ୍ରାକୃତିକ ଦୃଶ୍ୟ ଓ ସୁନ୍ଦର୍ଯ୍ୟତାକୁ ଉପଭୋଗ କରିବା । ଯାତ୍ରା ରେ ଛାତ୍ର ଛାତ୍ରୀ ମାନେ ଭାଇଜାକ୍ ର ଅନେକ ପର୍ଯ୍ୟଟନ ସ୍ଥଳ ଦର୍ଶନ କରିଥିଲେ। ଯେଉଁଥିରେ କୈଳାସଗିରି, ସିମାଚଂଳମ୍, ଆରକୁ ଭ୍ୟାଲି, ବିମାନ ସଂଗ୍ରହାଳୟ, ମେରାଇନ୍ ଡ୍ରାଇଭ୍ ଆଦି ସ୍ଥାନ ଗୁଡିକ ଅନ୍ତର୍ଭୁକ୍ତ ଥିଲା । ଏହି ସ୍ଥାନ ଗୁଡ଼ିକର ସୌନ୍ଦର୍ଯ୍ୟ ଓ ସଂସ୍କୃତିର ମହତ୍ତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ଆକର୍ଷିତ କରିଥିଲା । ସମ୍ପୂର୍ଣ୍ଣ ଯାତ୍ରାରେ କଲେଜର ଚେୟରମ୍ୟାନ୍ ସିଏ ଶ୍ରୀକାନ୍ତ ଶର୍ମା, କଲେଜର ସମ୍ପାଦିକ ଶ୍ରୀମତୀ ସୁମନ ଶର୍ମା, ଏ ଓ ଶୈଳେଶ ପାଲ, ଏବଂ ଶିକ୍ଷକ ନିରୋଜ ମିଶ୍ର, ସଦାଶିବ ସାହୁ, ସୌମ୍ୟ ଭୋଇ, ସୌରଭ ବଡେଇ, ମଧୁ ଏବଂ ପଦ୍ମା ମା'ମ୍ ରହି ପିଲାମାନଙ୍କୁ ମାର୍ଗ ଦର୍ଶନ ଓ ଉତ୍ସାହିତ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କର ଜ୍ଞାନ ଓ ଅନୁଭବକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲେ। ଏହା ସେମାନଙ୍କର ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଛାତ୍ର ଛାତ୍ରୀ ବିଭିନ୍ନ ମନୋରମ ସ୍ଥାନ ଅନୁସନ୍ଧାନ କରିଥିଲେ ଓ ଭାଇଜାଗର ସମୁଦ୍ର ଦୃଶ୍ୟ ଓ ସଂସ୍କୃତିରେ ନିଜକୁ ବୁଡ଼ାଇ ଦେଇଥିଲେ ଏବଂ ଅଗଣିତ ସ୍ମରଣୀୟ ସ୍ମୃତି ସୃଷ୍ଟି କରିଥିଲେ। ଏହି ଉଲ୍ଲେଖନୀୟ ଯାତ୍ରା ଏକ ଆନନ୍ଦଦାୟକ ହେବା ସହିତ ଶିକ୍ଷଣ ଏବଂ ପ୍ରେରଣାରେ ପରିପୂର୍ଣ୍ଣ ଥିଲା, ଯାହାକି ସମସ୍ତଙ୍କ ଉପରେ ଏକ ଅନନ୍ତ ଛାପ ଛାଡିଥିଲା।

# ଜାତୀୟ ଯୁବ ଉତ୍ସବ-୨୦୨୫ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗୀର, ୧୫/୧୨ (ନି.ପ୍ର): ଜାତୀୟ ଯୁବ ଉତ୍ସବ- ୨୦୨୫ ନିମନ୍ତେ ଓଡିଶା ସରକାରଙ୍କ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜ଼ିଲ୍ଲା ସସ୍କୃତି ପରିଷଦ, ବଲାଙ୍ଗୀର ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିବାବେଳେ ଡିଆଇପିଆରଓ ସରୋଜ କୁମାର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ଉଦଘାଟନୀ ସମାରୋହକୁ ପରିଚାଳନା କରିଥିଲେ। ଉଭୟ ହିନ୍ଦୀ ଓ ଇଂରାଜୀରେ କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା ପ୍ରଦାନ ସହ ଚିତ୍ରକଳା,ଏକକ ଓ ଦଳଗତ ଲୋକନୃତ୍ୟ ତଥା ଏକକ ଓ ଦଳଗତ ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂରାଜୀ ବକ୍ତୃତାରେ ବଲାଙ୍ଗୀର ପୌରାଂଚଳ ର ବ୍ୟୋମକେଶ ଦତ ତ୍ରିପାଠୀ, ହିନ୍ଦୀରେ ଗ୍ରେସି କ୍ରିଷ୍ଟିନା କୁମାର, ସେହିପରି କବିତା ଲିଖନ ଇଂରାଜୀରେ ବଲାଙ୍ଗୀର ପୌରାଂଚଳର ସିଂଚନ ପାଣିଗ୍ରାହୀ ଓ ହିନ୍ଦୀରେ ଲୋଇସିଂହା ବ୍ଲକର ସ୍ୱୟଂପ୍ରଭା ରାୟ ସାମନ୍ତ, ଗଳ୍ପ ଲିଖନ ଇଂରାଜୀରେ ଲୋଇସିଂହା ବ୍ଲକର ଚିନ୍ମୟୀ ଚାଟାର୍ଜୀ ଓ ହିନ୍ଦୀରେ ବଲାଙ୍ଗୀର ପୌରାଂଚଳର ଆକାଶ ପତି, ଚିତ୍ରାଙ୍କନରେ ଦେଓଗାଁ ବ୍ଲକର ଶୁଭମ ସେଠ,ଏକକ ଲୋକଗୀତରେ ରୋନକ ମହାନ୍ତି ଓ ଦଳଗତ ଲୋକଗୀତରେ ବଲାଙ୍ଗୀର ପୌରାଂଚଳ, ଏକକ ଲୋକନୃତ୍ୟରେ ଚନ୍ଦ୍ରକାନ୍ତ ବାଗ ଓ ଦଳଗତ ଲୋକନୃତ୍ୟରେ ବଲାଙ୍ଗୀର ପୌରାଂଚଳର ପ୍ରତିଭାଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ ବିଥିକା ଚାଟାର୍ଜୀ, ନବୀନ କିଶୋର କୁଅଁର, ଶୁଭ୍ରାଂଶୁ ଶେଖର ମିଶ୍ର, ସନାତନ ଠାକୁର, ସନ୍ଦୀପ କୁମାର କୁଅଁର, ପ୍ରଶାନ୍ତ ଖମାରୀ, ସତ୍ୟାନନ୍ଦ ବିଶ୍ୱାଳ, ନରେନ୍ଦ୍ରନାଥ ମିଶ୍ର, ଡକ୍ଟର ଅଶ୍ୱିନୀ କୁମାର ରଥ, ଗୋପାଳ ପ୍ରଧାନ, ଦିଲ୍ଲିପ ସିଂହଦେଓ, ଲିଲି ପାଢୀ, ପ୍ରତିମା ଯୋଷୀ, ପ୍ରମୋଦ କୁମାର ବାଗ, ଧନେଶ୍ୱର ତାଣ୍ଡି, ଶ୍ରାବଣୀ ମେହେର ଓ ଚନ୍ଦନା ସିଂ ଯୋଗଦେଇଥିଲେ। ଉଦଯାପନୀ ସମାରୋହରେ ସମସ୍ତ ପ୍ରତିଯୋଗୀଙ୍କୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ପୁରସ୍କୃତ କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡାର ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୫/୧୨ (ନି.ପ୍ର): ଆଜି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ସିଭିଲ କୋର୍ଟ ଠାରେ ଅନୁଷ୍ଠିତ ହେଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ି, ମୁଖ ଓ ଦାନ୍ତ ବିଶେଷଜ୍ଞ ଶ୍ରେୟସ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ତରଫରୁ ଡାକ୍ତର ଦିବ୍ୟ କିଶୋର ପତି ଓ ରାମାନୁଜ ପଣ୍ଡା ତଦାରଖ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୦୦ ରୁ ଉର୍ଦ୍ଧ ରୋଗୀ ମାଗଣା ସେବା ଲାଭ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା ।

# ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ

ଆଳି, ୧୫/୧୨ (ନି.ପ୍ର): ଆଳି ବ୍ଲକ ଚଣ୍ଡିଆଗଡି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଉକ୍ତ କ୍ଲଷ୍ଟର ଅନ୍ତର୍ଭୁକ୍ତ ରାମଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁନାମଧନ୍ୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୌମେନ୍ଦ୍ର ପଣ୍ଡାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଳି ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଭାରେ ସହକାରୀ ଶିକ୍ଷା ଅଧିକାରୀ ଉଦକର ସାମଲ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ଜ୍ୟୋତିପୁଷ୍ପା ମହାନ୍ତି ଓ ମୁଖ୍ୟ ବକ୍ତାଭାବେ କଥିତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରକାନ୍ତ ମିଶ୍ର,ସମ୍ମାନିତ



ଅତିଥି ଭାବେ ଆଳି ପ୍ରାଥମିକ ଶିକ୍ଷକ ସଙ୍ଘର ସମ୍ପାଦକ ରତିକାନ୍ତ ପାତ୍ର ନିଜ ଗୁରୁଙ୍କର ସମସ୍ତ ସୁଗୁଣାବଳିର ଆଲୋଚନା କରିଥିଲେ। ଶ୍ରୀଯୁକ୍ତ ପଣ୍ଡାଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁକାନ୍ତ କୁମାର ଲେଙ୍କା, ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଦାସ,ଅକ୍ଷୟ କୁମାର ଜେନା, ଅନିଲ କୁମାର ନନ୍ଦ, ଧୀରେଶ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ସୁବ୍ରତ ପାତ୍ର,ଗୌର ହରି ସେଠି, ସଞ୍ଜୟ ମହାଳିକ, ନୀଳିମା ପ୍ରିୟଦର୍ଶିନୀ,ସମୀର କୁମାର ନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଓ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୧୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ର ଶୁଣାଣି କରିଥିବା ବେଳେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ଓ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ମାନଙ୍କ ଦାବି ତଥା ମାଲକାନଗିରି ଜିଲ୍ଲା ର କିଛି ସମସ୍ୟା ନେଇ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟତଃ ସାମ୍ବାଦିକ ମାନଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିବା, ମାସିକ ପେନସନ ପ୍ରଦାନ କରିବା, ସ୍ୱାସ୍ଥ୍ୟ ବିମା ୫ ଲକ୍ଷ ରୁ ୧୦ ଲକ୍ଷ ବଢାଇବା ସହ ଏଥିରେ ପିତାମାତା ଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବା, ଜିଲ୍ଲାରେ ଏୟାରପୋର୍ଟ କାର୍ଯ୍ୟକ୍ଷମ ଏବଂ ଉଡାଣ କାର୍ଯ୍ୟ ଶୀଘ୍ର ଚାଲୁ କରିବା । ସାମ୍ବାଦିକ ମାନଙ୍କ ର ମାସିକ ଭତ୍ତା ସର୍ବୋନିମ୍ନ ୨୦,୦୦୦କରିବା ମୁଖ୍ୟ ଦାବି ଥିଲା ।ଅନ୍ୟ ଦାବି ମଧ୍ୟ ରେ ମାଲକାନଗିରି ଜିଲ୍ଲା ରେ ମାଲକାନଗିରି ରୁ ଜୟପୁର ରେଳ ପଥ ଅତି ଶୀଘ୍ର କାର୍ଯ୍ୟ କାରୀ କରିବା ଆଦି ଦାବି ପ୍ରଦାନ କରାଯାଇଥିଲା ।

# ଆଳୁ ପରେ ଅଣ୍ଡା ଦର ଆକାଶ ଛୁଆଁ: ଖୁଚୁରା ବଜାରରେ ପ୍ରତି ଅଣ୍ଡା ପିଛା ୭ରୁ ୮ ଟଙ୍କା

ଜୟପୁର, ୧୫/୧୨ (ନି.ପ୍ର): ବଜାରରେ ଆଳୁ ସମସ୍ୟାର ସମାଧାନ ହୋଇପାରୁ ନଥିବାବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦର ଖାଉଟିଙ୍କୁ ଚିନ୍ତାରେ ପକାଉଛି। ଗତ କିଛିଦିନ ହେଲା ଆଳୁଦରକୁ ନେଇ ରାଜ୍ୟ ସରକାରଙ୍କ ସମେତ ବ୍ୟବସାୟୀ ମୁଣ୍ଡରେ ହାତ ଦେଉଥିବାବେଳେ ଏବେ ଅଣ୍ଡାଦର ଆକାଶଛୁଆଁ ହୋଇଛି। ଆମ ଦୈନନ୍ଦିନ ଚଳଣୀ ଭିତରେ ଆତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଙ୍ଗା ଆଳୁ ଦରରୁ ଆଶ୍ୱସ୍ତି ମିଳିନଥିବାବେଳେ ଏବେ ଅଣ୍ଡା ଦରକୁ ନେଇ ଚିନ୍ତାରେ ଖାଉଟି। ଯେଉଁଠି ୫ରୁ ୬ ଟଙ୍କା ମଧ୍ୟରେ ଅଣ୍ଡା ମିଳୁଥିଲା ତାହା ଏବେ ବଢ଼ି ୭ରୁ ୮ ଟଙ୍କାରେ ପହଂଚିଛି। ଏହାସହ ହୋଲସେଲ ଅଣ୍ଡା ଟ୍ରେର ଦାମ ୧୯୫ ଟଙ୍କା ରହିଥିବାବେଳେ ଖୁଚୁରା ବଜାରରେ ପ୍ରତି ଅଣ୍ଡା ପିଛା ୭ରୁ ୮ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ଯାହାଫଳରେ ଦର ଖାଉଟିଙ୍କ ପକେଟ୍‌କୁ ବାଧୁଛି। ଏହାସହ ଅନେକ ଜାଗାରେ ମନଇଚ୍ଛା ୯ଟଙ୍କାରେ ଦୋକାନେ ବିକ୍ରି କରୁଥିବାବେଳେ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ଆମିଷ ଖାଇବାକୁ ଇଚ୍ଛୁକ ଗ୍ରାହକଟି ଯେତେବେଳେ ମଟନ, ଚିକେନ, ମାଛ ଖାଇପାରୁନି ସେତେବେଳେ ଅଣ୍ଡା ଖାଇ ଏହାର ଭରଣା କରିଥାନ୍ତି। ହେଲେ ହଠାତ ବଜାରରେ ଅଣ୍ଡା ଦର ବୃଦ୍ଧି ଯୋଗୁଁ ନା କେବଳ ଗ୍ରାହକ ବରଂ ବ୍ୟବସାୟୀ ମଧ୍ୟ ଚିନ୍ତାରେ ପଡ଼ି ଯାଇଛନ୍ତି। ବ୍ୟବସାୟୀଙ୍କ କହିବାନୁସାରେ କୁକୁଡ଼ା ଦାନା ଦର ବୃଦ୍ଧି ଯୋଗୁଁ ଏହାର ପ୍ରଭାବ ଅଣ୍ଡା ଉପରେ ପଡୁଛି। ସେପଟେ ପରିବହନ ଖର୍ଚ୍ଚ ମଧ୍ୟ ଦୁଇଗୁଣା ହୋଇଯାଇଛି। ଗୋଟିଏପଟେ ଖାଉଟି ହନ୍ତସନ୍ତ ହେଉଥିବାବେଳେ ଯୋଗାଣ ବିଭାଗଙ୍କ ପାଖରେ ଦରବୃଦ୍ଧି ନେଇ କୌଣସି ଖବର ନାହିଁ। ଆନ୍ଧ୍ରରେ ନୂଆ ରୋଗ ଯୋଗୁଁ ପର୍ଯ୍ୟାପ୍ତ ପରିମାଣର ଅଣ୍ଡା ଆସିପାରୁ ନାହିଁ। ଯାହାର ପ୍ରଭାବ ଜୟପୁର ବଜାରରେ ପଡୁଚି। ତେଣୁ ଆନ୍ଧ୍ରରୁ ଅଣ୍ଡା ଆସି ପାରୁନଥିବାରୁ ଜୟପୁରର ଅଣ୍ଡା ଉପରେ ବ୍ୟବସାୟୀମାନେ ନିର୍ଭର କରୁଛନ୍ତି। ଜୟପୁର ସହରରେ ପ୍ରତିଦିନ ୧୦ ହଜାର ଅଣ୍ଡାର ଆବଶ୍ୟକତା ରହୁଥିବାବେଳେ ଏଠାକାର ବ୍ୟବସାୟୀମାନେ ଜୟପୁର ରଣ୍ଡାପାଲି ଓ ଡାଙ୍ଗରାରେ ଥିବା ଫାର୍ମ ଉପରେ ନିର୍ଭର କରନ୍ତି। ଜୟପୁର ସହରରେ ୩ଜଣ ଅଣ୍ଡା ହୋଲସେଲର ଥିବାବେଳେ ଦୁଇଜଣ ଜୟପୁର ଫାର୍ମ ଉପରେ ନିର୍ଭର କରି ଚଳୁଥିବାବେଳେ ଅନ୍ୟଜଣେ ଆନ୍ଧ୍ର ଉପରେ ନିର୍ଭର କରି ବ୍ୟବସାୟ କରୁଛନ୍ତି। ଜୟପୁର ଅଂଚଳରେ ଥିବା ଫାର୍ମରୁ ଯେଉଁ ଅଣ୍ଡା ବାହାରୁଛି ତାହାର ଦର ୬ଟଙ୍କା ୫୦ ପଇସା ରହିଥିବାବେଳେ ଆନ୍ଧ୍ରରୁ ଯେଉଁ ଅଣ୍ଡା ଆସୁଛି ତାହା ୬ଟଙ୍କା୯୫ ପଇସା ରହୁଛି। ଆନ୍ଧ୍ରରୁ ଆସୁଥିବା ଅଣ୍ଡାଗୁଡ଼ିକୁ ଅଧିକ ଦରରେ ବିକ୍ରି କରିବାକୁ ପଡୁଛି କାରଣ ପରିବହନ ଚାର୍ଜ ଏବଂ ଡେମେଜ ବାବଦରେ ଅଧିକ ଖର୍ଚ୍ଚ ହେଉଥିବା ଯୋଗୁଁ ଅଣ୍ଡା ଦର ବଢ଼ିଛି। ଏଣୁ ପ୍ରଶାସନ ପକ୍ଷରୁ ଆଳୁପ୍ରତି ଯେପରି ନିୟନ୍ତ୍ରଣ ଆସିବା ପାଇଁ ସୁଲଭ ମୂଲ୍ୟରେ ୩୦ ଟଙ୍କାରେ ବିକ୍ରି କରାଗଲା ସେହିପରି ଅଣ୍ଡା ଦର ଉପରେ ତନିଖି କଲେ ଆଗାମୀ ଦିନରେ ଜୟପୁର ବଜାରରେ ଅଣ୍ଡାର ନିୟନ୍ତ୍ରଣ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବଲାଙ୍ଗୀରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବଲାଙ୍ଗୀର, ୧୫/୧୨ (ନି.ପ୍ର): ସିଭିଲ କୋର୍ଟ ପରିସରରେ ବଲାଙ୍ଗୀର ଜିଲ୍ଲା ନ୍ୟାୟାଳୟ ସମେତ, ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ଏହି ଲୋକ ଅଦାଲତରେ, ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର, ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ବିମଳ କୁମାର ଚାନ୍ଦ ଚେୟାରମ୍ୟାନ, ପିଏଲ୍ଏ, (ପିୟୁଏସ୍), ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ, ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ପ୍ରିୟରଂଜନ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ସୁନନ୍ଦା ପାଢୀ, ରେଜିଷ୍ଟାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର, ଆଶିଷ କୁମାର ସାହୁ ସିଭିଲ୍ ଜଜ୍(ବରିଷ୍ଠ) , ଶ୍ରୀମତୀ କୁମୁନ୍ ଆଚାର୍ଯ୍ୟ, ସିଭିଲ୍ ଜଜ୍(ବରିଷ୍ଠ), ଶ୍ରୀମତୀ ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ), ବାଣିଜ୍ୟିକ କୋର୍ଟ, ଶ୍ରୀମତୀ ଅଣ୍ଣପୂର୍ଣ ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍(ବରିଷ୍ଠ) , ଶ୍ରୀମତୀ ଦୀପାରାଣୀ ଜେନା ଏସଡିଜେଏମ, ଶ୍ରୀମତୀ ସାସତୀ ମହାପାତ୍ର, ସିଭିଲ୍ ଜଜ୍(କନିଷ୍ଠ), ଶ୍ରୀମତୀ ଲକ୍ଷ୍ମୀ ବେହେରା। ଜେ.ଏମ୍.ଏଫ୍.ସି., ପବ୍ଲିକ ପ୍ରୋସିକ୍ୟୁଟର(ଜିଲ୍ଲା ଜଜ୍ କୋର୍ଟ), ସୁବାଷ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲା ବାରର ପ୍ରାୟ ସମସ୍ତ ଓକିଲମାନେ ଉପସ୍ଥିତ ଥିଲେ। ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଆରଟିଓ, ବଲାଙ୍ଗିର, ଭାରତୀୟ ସଂଚାର ନିଗମ ଲିମିଟେଡ ଏବଂ ଅନ୍ୟ ବିଭାଗମାନଙ୍କର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ପ୍ରାଧିକରଣର ଅଧକ୍ଷ ସାମଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲ୍ଲା ସାସ୍ଥ୍ୟ ବିଭାଗ ସହଯୋଗରେ ଡା ନନ୍ଦକିଶୋର ପାଢିଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ସହର ସାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ ମାଧ୍ୟମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯିବା ସହିତ ବଲାଙ୍ଗୀର ଜିଲ୍ଲା କାରାଗାରର ଅନ୍ତେବାସୀ ମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଗୁଡିକର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ଉକ୍ତ ଲୋକ ଅଦାଲତ କୁ ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୋଲିସ ପ୍ରଶାସନ ସହଯୋଗ କରିଥିଲେ। ଏହି ରାଷ୍ଟ୍ରିୟ ଲୋକ ଅଦାଲତ ରେ ୩୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇଥିଲା ୧୫ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୪୩୮୩୧୪୬.୯ ଟଙ୍କା ଦାଖଲ ହୋଇଥିଲା। ମଟର ଦୁର୍ଘଟଣା ଜନିତ ମାମଲା ର ଫଇସଲା କରାଯାଇ ମୋଟ୍ ୮୧୩୮.୦୦/- ଦେବା ପାଇଁ ଆଦେଶ କରାଯାଇଥିଲା। ୪୫ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇଥିଲା। ୪୫୫୨ ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା ୬ ଟି ପ୍ରାକ୍ ମକୋଦ୍ଦମା ମାମଲାର ସମାଧାର କରାଯାଇ ୮୬୮୬ ଟଙ୍କା ହୋଇଥିଲା।

# ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି, ୧୫/୧୨ (ନି.ପ୍ର): ଜାତୀୟ ଆଇନିସେବା ପ୍ରାଧିକରଣ ଓ ରାଜ୍ୟ ଆଇନିସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଅଦାଲତ ପରିସରସହ ,ଏମ ଭି ୭୯ ଅଦାଲତ,ମାଥିଲି ଅଦାଲତ ଓ କୁଡୁମୁଲୁଗୁମା ଅଦାଲତ ପରିସରରେ ଜିଲ୍ଲା ବିଚାରପତି ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ସଫଳ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ବିଚାରପତି ଶାନ୍ତନୁ କୁମାର ଦାଶ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ସଚିବ ଜିଲ୍ଲା ଆଇନିସେବା ପ୍ରାଧିକରଣ ସୁଶ୍ରୀ ସଂଗୀତା ପାତ୍ର, ବରିଷ୍ଠ ଦେୱାନି ବିଚାରପତି ବିଜୟ କୁମାର ଦାଶ, ମହିଳା ଅଦାଲତର ବିଚାରପତି ବବିତା ଦାଶ, ଅନୁବିଭାଗିୟ ଦଣ୍ଡାଧିକରି ପ୍ରତିମା ସାହୁ, କୋରୁକୋଣ୍ଡା ଗ୍ରାମ୍ୟ ନ୍ୟାୟାଳୟର ଦଣ୍ଡାଧିକରୀ ଦେବେନ୍ଦ୍ର କୁମାର୍ ବାଘ, ମାଥିଲି ଜେ ଏମ ଏଫ ସି ପଦ୍ମନାଭ ମାଝୀ, କୁଡୁମୁଲୁଗୁମା ଜେ ଏମ ଏଫ ସି ବିମଳ ଲକ୍ଷ୍ମୀ ଚୌଧୁରୀ ଓ ଏମ ଭି -୭୯ ଜେ ଏମ ଏଫ ସି ପ୍ରବୀଣ କୁମାର ହୋତା ଯୋଗଦାନ ସହ ସହଯୋଗ କରିଥିଲେ। ଏହି ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣା ମାମଲା ଫାଇସଲା ହୋଇ ଏହି ବାବଦକୁ ୭୪ ଲକ୍ଷ, ବୈବାହିକ ମାମଲାରେ ୧୫ ହଜାର ଟଙ୍କା, ରାଜସ୍ୱ ମାମଲା ବାବଦକୁ ୧୧୧୮୫ ଟି ମାମଲାର ଫୈସଲା ହୋଇ ସେ ବାବଦକୁ ୨୦୮୭୦୫୪/- ଟଙ୍କା,ଜଙ୍ଗଲ ଜନିତ ମାମଲା ୧୭୮ ଟି ଫଇସଲା ହୋଇ ଉକ୍ତ ବାବଦକୁ ୯ ହଜାର ଟଙ୍କା ଆଦାୟ ଧାର୍ଯ୍ୟ ହୋଇଛି। ଗୋଟିଏ ବକେୟା ଅର୍ଥ ମାମଲା ଫୈଶଲା ହୋଇଛି। ଏହିପରି ସର୍ବମୋଟ ୧୧,୩୮୦ ଟି ମାମଲାର ଫୈଶଲା ହୋଇ ଉକ୍ତ ବାବଦକୁ ସର୍ବମୋଟ ଟ.୯୫,୧୧,୦୫୪ ଙ୍କା ଆଦାୟ ନିମନ୍ତେ ଧାର୍ଯ୍ୟ ହୋଇଛି।

# ମନ୍ଦିର ପରିସରରୁ ସିନ୍ଦୁକ ହଟିବା ଘଟଣା: ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ସେବକଙ୍କର ନିବେଦନ

କେନ୍ଦ୍ରାପଡ଼ା, ୧୫/୧୨ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରରେ ଥିବା ଝୁଲଣ ମଣ୍ଡପ, ସ୍ନାନ ମଣ୍ଡପ ଓ ଅନ୍ୟାନ୍ୟ ସ୍ଥାନରେ ବହୁ ସଂଖ୍ୟକ ସିନ୍ଦୁକ, ଜାଳ କାଠ ରଖାଯାଇ ସଂପୃକ୍ତ ସ୍ଥାନକୁ କେତେକ ସେବକ କେବଳ ନିଜସ୍ୱ ବ୍ୟବହାରରେ ଲଗାଉଥିଲେ। ଏହି ସିନ୍ଦୁକ ଓ ଜାଳ କାଠକୁ ଚଳିତ ମାସ ୧୬ ତାରିଖ ମଧ୍ୟରେ ହଟାଇବାକୁ ଦେବୋତର ଆୟୁକ୍ତ ମନ୍ଦିର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହି ଜିନିଷପତ୍ର ରଖିଥିବା ସେବକମାନଙ୍କ ମଧ୍ୟରେ ଭାଲେଣୀ ପଡିଯାଇଛି । ତେବେ ଏହାକୁ ବିବାହ ମଣ୍ଡପକୁ ଉଠାଇବା ପାଇଁ ନିର୍ବାହୀ ଅଧିକାରୀ ନୋଟିସ୍ ଜାରି କରିଥିବାରୁ ଏହାର ପୁର୍ନବିଚାର କରିବା ପାଇଁ କେତେକ ସେବକ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଦେବୋତର ଆୟୁକ୍ତଙ୍କ ନିକଟରେ ନିବେଦନ କରିଛନ୍ତି । ବିବାହ ମଣ୍ଡପ ନିରାପଦ ସ୍ଥାନ ନଥିବାରୁ ଜିନିଷପତ୍ର ସୁରକ୍ଷିତ ରହିପାରିବ ନାହିଁ ବୋଲି କହିବା ସହ ସେମାନଙ୍କ ସହ ଆଲୋଚନା କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେବକମାନଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ସୁଆର, ନିରଞ୍ଜନ କର ସୁରେଶ ପତ୍ରୀ, ଭଗବାନ କର, ପ୍ରମୋଦ କୁମାର କର, ମହେଶ୍ୱର ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ ପ୍ରମୁଖ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି ।

# ନୂତନ ସଭ୍ୟ ଗ୍ରହଣକୁ କେନ୍ଦ୍ରକରି ଅଶାନ୍ତ ହୋଇପଡ଼ିଛି କେନ୍ଦୁଝର ଶୁଆକାଟିସ୍ଥିତ ଓଏମ୍‌ସି ଲୌହ ଖଣି ଅଂଚଳ

କେନ୍ଦୁଝର, ୧୫/୧୨ (ନି.ପ୍ର): କେନ୍ଦୁଝର ଶୁଆକାଟି ସ୍ଥିତ ଓଏମସି ଲୌହ ଖଣି ଅଂଚଳର ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ଏଣ୍ଡ ଟ୍ରାନ୍ସପୋଟିଂ କୋପରେଟିଭ ସେସାଇଟିରେ ନୂତନ ସଭ୍ୟ ଗ୍ରହଣକୁ କେନ୍ଦ୍ରକରି ଅଶାନ୍ତ ହୋଇପଡ଼ିଛି। ଏହି ଓଏମସି ଲୌହ ଖଣି ଅଂଚଳର ଗନ୍ଧମାର୍ଦ୍ଦନ ଲୋଡିଙ୍ଗରେ ଅନେକଙ୍କୁ ଏ କ୍ଲାସ ମାନ୍ୟତା ଦିଆଯାଇ ଭୋଟ୍ ଦେବାର କ୍ଷମତା ପ୍ରଦାନ ଯୋଗୁଁ ଏହି ଅଶାନ୍ତ ହୋଇପଡ଼ିଛି। ସୂଚନାନୁସାରେ ଶୁଆକାଟି ସ୍ଥିତ ଓଏମ୍‌ସି ଲୌହ ଖଣି ଦ୍ୱାରା ପ୍ରଭାବିତ ଗ୍ରାମବାସୀଙ୍କୁ ସୂଚାରୁ ରୂପେ କାମ ସହ ରୋଜଗାର ଯୋଗାଇ ଦେବାକୁ ଏହି ସୋସାଇଟି ଗଠନ କରାଯାଇଥିଲା। ସେତେବେଳ ସୋସାଇଟିରେ ୨୭୦୦ ଜଣ ମେମ୍ବର ଥିବାବେଳେ ୧୦୭ ଜଣ ଏ କ୍ଲାସ ମେମ୍ବର ଥିବା ସହ ତାଙ୍କର ଭୋଟ ଦେବାର କ୍ଷମତା ଥିଲା। ମାତ୍ର ଏବେ ଏହି ସୋସାଇଟି ସହ କେବେ କୌଣସି ସମ୍ପର୍କ ନଥିବା ମହାଦେଇଯୋଡ଼ା ଗ୍ରାମପଂଚାୟତର କିଛି ଗ୍ରାମରୁ ୭୭୦ ଜଣ ନୂତନ ଭାବେ ସଭ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ଏ କ୍ଲାସମେମ୍ବର ଭାବେ ବିବେଚିତ କରାଯାଇ ଭୋଟ୍‌ଦେବାର କ୍ଷମତା ଦିଆଯାଇଛି। ଯାହାକୁ ନେଇ ସମଗ୍ର ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି। ଏହାକୁ ନେଇ କୁମୁଣ୍ଡି ଅଂଚଳର ଶତାଧିକ ମହିଳା ଓ ପୁରୁଷ କେନ୍ଦୁଝର ମଣ୍ଡଳ ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସି ଏହି ନିଷ୍ପତିକୁ ବେଆଇନ ଦର୍ଶାଇ ପ୍ରତିବାଦ କରିଛନ୍ତି। ଆମେ ଅନେକ ଦିନ ଧରି ସଭ୍ୟ ଥିବାବେଳେ ଆମକୁ କାହିଁକି ଭୋଟ୍‌ଦେବାର ଅଧିକାର ମିଳିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିବା ସହ ଆମକୁ ମଧ୍ୟ ଭୋଟ ଦେବାର ଅଧିକାର ଦିଆଯାଉ ବୋଲି ଦାବି କରିଛନ୍ତି। ନଚେତ ସେମାନେ ଏହାକୁ ତୀବ୍ର ବିରୋଧ କରିବା ସହ ଖଣି ଅଂଚଳରେ ଖଣି ପରିବହନକୁ ଠପ କରି ଦିଆଯିବ ବୋଲି କୁମୁଣ୍ଡି ଗ୍ରାମବାସୀ ଧନୁର୍ଜୟ ଦାଶ ନାଏବ ସରପଂଚ, କୁମୁଣ୍ଡି ଗ୍ରାମପଂଚାୟତ ନାଏବ ସରପଂଚ ପୂର୍ଣ୍ଣିମା ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

ସେପଟେ କେନ୍ଦୁଝର ଜିଲ୍ଲା ସହ ନିବନ୍ଧକ ବା ଡିଆର୍‌ସିଏସ୍ ନିଜ କାନ୍ଧରୁ ଦାୟିତ୍ୱ ଖସାଇ ଯେଉଁ ସୋସାଇଟିରୁ ନ୍ୟାୟ ନପାଇ ଶହ ଶହ ଲୋକ ତାଙ୍କ ନିକଟକୁ ନ୍ୟାୟ ପାଇଁ ଧାଇଁ ଆସିଥିଲେ ସେ ପୁଣି ସେହି ସୋସାଇଟିକୁ ସମସ୍ତ ଅଭିଯୋଗ ସମୀକ୍ଷା ପାଇଁ ପଠାଇ ଦେଇଥିବା କହିଛନ୍ତି। ଯାହାକି ସମାସ୍ୟାର ସମାଧାନ ବଦଳରେ ଅଧିକ ଜଟିଳ ହେବା ସହ ସେହି ଅଂଚଳକୁ ଏବେ ଅଧିକ ଅଶାନ୍ତ କରିବାର ଖୋରାକ ଯୋଗାଇଛି।

# ବଲାଣି ଖଣିରେ ପାଇପ୍ ଲାଇନ୍ ମରାମତି ଯୋଗୁଁ ହାହାକାର: ପାଣି ଟ୍ୟାଙ୍କର ମେଂଟାଉଛି ଶୋଷ

ଯୋଡା , ୧୫/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ସେଲ୍ ଅଧିନସ୍ଥ ବଲାଣି ଖଣିରେ ସିଭିଲ ବିଭାଗ ଦ୍ୱାରା ପାଣି ପାଇପ୍ ଲାଇନ୍ ମରାମତି ଯୋଗୁଁ ସ୍ଥାନୀୟ ଅଂଚଳରେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ବିଭାଗୀୟ ସ୍ତରରେ ପାଣି ଟ୍ୟାଙ୍କର ଉପଲବ୍ଧ କରାଇବା ଏବଂ ପାଣି ଯୋଗାଇବା ପରେ ସ୍ଥାନୀୟ ଅଂଚଳରେ କିଛି ମାତ୍ରାରେ ସ୍ଥିତି ସାମାନ୍ୟ ହୋଇଛି । ତେବେ ସଂକୀର୍ଣ୍ଣ ଗଳି ତଥା ବିଭିନ୍ନ ହଟିଂ ଓ ବସ୍ତି ଅଂଚଳରେ ପାଣି ଟ୍ୟାଙ୍କର ନିମନ୍ତେ ରାସ୍ତା ନଥିବା ଯୋଗୁଁ ସେ ସବୁ ଅଂଚଳ ରେ ପାଣି ପହଁଚି ପାରୁନଥିବା ଯୋଗୁଁ ସ୍ଥିତି ସଙ୍ଗୀନ ରହିଛି । ସୂଚନାନୁସାରେ ବଲାଣି ଖଣିର ଝିଙ୍କିରା ଜଳଭଣ୍ଡାର ରୁ ପାଇପ୍ ଲାଇନ୍ ଯୋଗେ ବଲାଣି ଖଣି ଟାଉନସିପ୍ କୁ ଯୋଗାଇ ଦିଆଯାଉଥିବା ପାଇପ୍ ଲାଇନ୍ ର ମରାମତି ନିମନ୍ତେ ଖଣି ସିଭିଲ ବିଭାଗ ପକ୍ଷରୁ ଶୁକ୍ରବାର ବାର୍ଷିକ ମରାମତି କାର୍ଯ୍ୟ ହାତକୁ ନିଆଯାଇଥିଲା । ଏ ନେଇ ସିଭିଲ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଲୋକଙ୍କୁ ଶୁକ୍ରବାର ଗୋଟିଏ ଓଳି ପାନୀୟ ଜଳ ଯୋଗାଣ ବନ୍ଦ ରହିବ ବୋଲି ଅବଗତ କରାଯାଇଥିଲା । ତେବେ ସମୟସୀମା ମଧ୍ୟରେ ହାତକୁ ନିଆଯାଇଥିବା କାର୍ଯ୍ୟ ସମ୍ପନ୍ନ ହୋଇ ନପାରିବା ସହ ପାଇପ୍ ଲାଇନ୍ ରେ ଅନ୍ୟାନ୍ୟ ଅସୁବିଧା ଉପୂନ୍ନ ହେବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ତେବେ ଏଥିପାଇଁ ପୂର୍ବ ପ୍ରସ୍ତୁତି ବା ଯୋଜନା ହାତକୁ ନିଆଯାଇନଥିବାରୁ ସ୍ଥାନୀୟ ଅଂଚଳବାସୀ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ଏହା ବ୍ୟତୀତ ବଲାଣି ବଜାରରେ ପାନୀୟ ଜଳର ବୋତଲ ଓ ଜାର ବିକ୍ରି ବୃଦ୍ଧି ପାଇବା ସହିତ ବଜାରରେ ପାନୀୟ ଜଳ ଓ ଜାରର ଘୋର ଅଭାବ ଦେଖାଦେଇଛି ।

# ଜଗନ୍ନାଥ ମନ୍ଦିରରେ ଶ୍ରୀମଦ୍ ଭାଗବତ ଗୀତା ପାଠୋତ୍ସବ

ଧର୍ମଶାଳା, ୧୫/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଭାଲୁଖାଇ ନିକଟରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମଦ୍ ଭାଗବତ ଗୀତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପାଠୋତ୍ସବ ଆରମ୍ଭ ନିତିକାନ୍ତି ଅନୁଯାୟୀ ମନ୍ଦିର ପୂଜକ ଶଶିକାନ୍ତ ଆଚାର୍ଯ୍ୟଙ୍କ ତତ୍ୱବଧାନରେ ସୂର୍ଯ୍ୟପୂଜା,ଗୁରୁ ବନ୍ଦନା,ହୋମ ଓ ଗୀତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ତତ୍ୱବଧାନରେ ଏହି କାର୍ଯ୍ୟକ୍ରମରେ ବାରବାଟୀ ଗୀତା ସତସଙ୍ଗର ସୁରଜିତ ପ୍ରଧାନ,ଚହଟା ସରପଂଚ ସୁମିତ୍ରା ସ୍ୱାଇଁ ,ଅଧ୍ୟାପକ ସନ୍ତୋଷ କୁମାର ଶରଣ,ଅଶୋକ କୁମାର ସାହୁ,ଦୟାନିଧି ସ୍ୱାଇଁ,ବିଚିତ୍ର ସ୍ୱାଇଁ,ଅନନ୍ତ ଚରଣ ସାହୁ ଓ ଅଧିର ବେହେରା ପ୍ରମୁଖ ଯୋଗ ଦେଇ ଗୀତାପାଠ କରିବା ସହ ଏହି ଗ୍ରନ୍ଥ ସମାଜ ଗଠନରେ ସହାୟକ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।

# ସୌନ୍ଦର୍ଯ୍ୟ ବୃଦ୍ଧିରେ ଗ୍ଲିସେରିନ୍ : ଜାଣନ୍ତୁ କିପରି କରିବେ ବ୍ୟବହାର



ମହିଳାମାନେ ସବୁବେଳେ ସୁନ୍ଦର ଦେଖାଯିବାକୁ ବିଭିନ୍ନ ଉପାୟ ଆପଣାନ୍ତି । ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରସାଧନ ବ୍ୟବହାର କରିବା ସହ ବିଭିନ୍ନ ଉପଚାର କରିଥାନ୍ତି । ଶରୀରକୁ ସୁନ୍ଦର କରିବାରେ ଗ୍ଲିସେରିନ୍‌ର ଭୂମିକା ଅନେକ ରହିଛି । ଜାଣନ୍ତୁ ସୌନ୍ଦର୍ଯ୍ୟକୁ ଏହାକୁ ବ୍ୟବହାର କରିବେ କିପରି ?

କ୍ଲିସେରିନକୁ କେବେ ସିଧାସଳଖ ବ୍ୟବହାର କରନ୍ତୁ ନାହିଁ । ବରଂ ଏହାକୁ ଗୋଲାପ ଜଳ କିମ୍ବା ମିନେରାଲ ୱାଟରରେ ମିଶାଇ ବ୍ୟବହାର କରନ୍ତୁ । ଗ୍ଲିସେରିନକୁ ମୁହଁରେ ଲଗାଇବା ପୂର୍ବରୁ ମୁହଁକୁ ଭଲଭାବେ ଧୋଇନିଅନ୍ତୁ । ଏହାପରେ ତୁଳାରେ କିଛି ବୁନ୍ଦା ନେଇ ମୁହଁରେ ମସାଜ୍ କରନ୍ତୁ । କିଛି ସମୟ ରଖିବା ପରେ ମୁହଁକୁ ସାଧା ପାଣିରେ ଧୋଇଦିଅନ୍ତୁ । ତ୍ୱଚା କୋମଳ ରହିବ । ୧୦୦ ଗ୍ରାମ ଗୋଲାପ ଜଳ ସହିତ ୧ ଚାମଚ ଗ୍ଲିସେରିନ୍ ମିଶାଇ ବେତଲର ଠିପି ବନ୍ଦ କରି ଫ୍ରିଜରେ ରଖିଦିଅନ୍ତୁ । ଏହି ଲୋସନକୁ ହାତ, ଗୋଡ, କିମ୍ବା ଶୁଷ୍କ ତ୍ୱଚାରେ ବ୍ୟବହାର କରନ୍ତୁ । ଯଦି ମୁହଁରେ ଚର୍ମ ଶୁଷ୍କ ହୋଇଯାଉଛି, ତାହେଲେ ଅଧା ଚାମଚ ଗ୍ଲିସେରିନ୍ ସହିତ ୧ ଚାମଚ ଗୋଲାପ ଜଳ ଓ ୧ ଚାମଚ ମିଲ୍କ ପାଉଡର ମିଶାନ୍ତୁ । ଏହାକୁ ଭଲଭାବେ ମୁହଁରେ ଲଗାନ୍ତୁ । ୫ ମିନିଟ୍ ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ମୁହଁ ରୁକ୍ଷ ଓ ଶୁଷ୍କ ହେବାରୁ ରକ୍ଷା ପାଇବ ନିଶ୍ଚୟ ।




# ଠିଆ ହୋଇ ଖାଉଥିଲେ ସାବଧାନ ! ହୋଇପାରେ ଏହି ସବୁ ଗୁରୁତର ସମସ୍ୟା



ଆଜିକାଲି ମଣିଷ ଏତେମାତ୍ରାରେ ବ୍ୟସ୍ତ ଯେ, କୌଣସି କାମରେ ଆଉ ସେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରିବାକୁ ଇଚ୍ଛା କରୁନାହିଁ । ଏହି ପରିପେକ୍ଷୀରେ ଠିଆ ହୋଇ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହେଲାଣି ।

ଯେଉଁଭଳି ଠିଆ ହୋଇ ପାଣି ପିଇବା ଯେପରି ହାନିକାରକ, ସେହିଭଳି ଠିଆ ହୋଇ ମଧ ଖାଇବା ମଧ ପାଚନତନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ । ଯେତେବେଳେ ଆମେ ଠିଆ ହୋଇ ଖାଦ୍ୟ ଖାଇଥାଉ ଏହାର ପରିମାଣ ସ୍ୱରୂପ ଆମେ ଜାଣିପାରୁ ନ ଥାଉ ପେଟ ଭରିଛି କି ନାହିଁ । ଠିଆ ହୋଇ ଖାଇବା ଦ୍ୱାରା ସମୟ କମିଯାଇପାରେ, କିନ୍ତୁ ଏଥିପାଇଁ ଆପଣ ଅନେକ ରୋଗର ଶିକାର ହୋଇପାରନ୍ତି ।

ଅଧିକ ଭୋକ ଲାଗିଥାଏ: ଯେଉଁ ଲୋକମାନେ ଠିଆ ହୋଇ ଖାଦ୍ୟ ଖାଆନ୍ତି ସେମାନଙ୍କୁ ଅଧିକ ଭୋକ କରିଥାଏ । କାରଣ ଖାଦ୍ୟ ଶୀଘ୍ର ହଜମ ହୋଇ ଅଧିକ ଭୋକ କରିଥାଏ । ଆବଶ୍ୟକତାଠାରୁ ଅଧିକ ଖାଇବା ଯୋଗୁଁ ଏହା ଅନ୍ୟ ରୋଗଗୁଡିକ ଡାକି ଆଣେ ।

ପାଚନକୁ ପ୍ରଭାବିତ କରିଥାଏ: ଠିଆହୋଇ ଖାଦ୍ୟ ଖାଇବା ଦ୍ୱାରା ଜଣେ ଖାଦ୍ୟକୁ କମ୍ ଚୋବାଇ ଥାନ୍ତି । ଖାଦ୍ୟ ଶୀଘ୍ର ପାଚନତନ୍ତ୍ରକୁ ଆସିବା ଦ୍ୱାରା ଏଥିରୁ ପୋଷକତତ୍ତ୍ୱ ମଧ ଠିକ୍ ଭାବେ ଅବଶୋଷିତ ହୋଇପାରେ ନାହିଁ । ଏଥିଯୋଗୁଁ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ ।

ମେଦବୃଦ୍ଧି: ଯେତେବେଳେ ଆମେ ଭୂମି ଉପରେ ବସି ଖାଦ୍ୟଗ୍ରହଣ କରୁ, ସେତେବେଳେ ଜଣେ କେବଳ ଖାଦ୍ୟ ଉପରେ ମନୋନିବେଶ କରିଥାଏ । ଠିଆ ହୋଇ ଖାଇବାବେଳେ ଜଣେ ଏତେତେଣେ ବୁଲୁଥାଏ, ଖାଦ୍ୟରେ ମନ ନଥାଏ । ଫଳରେ ଜଣେ ଆବଶ୍ୟକତାଠାରୁ ଅଧିକ ଖାଇଥାଏ । ଏଥିଯୋଗୁଁ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇପାରନ୍ତି ।

# ପତଳା ହେବାକୁ ରାତି ଖାଇବା ବନ୍ଦ କରୁଛନ୍ତି କି ? ହୋଇପାରେ ମାରାତ୍ମକ ସମସ୍ୟା



ଅନେକ ଲୋକ ଓଜନ କମାଇବାକୁ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି । ଏହା ସହ କିଛି ଲୋକ ଓଜନ କମାଇବାକୁ ରାତି ଖାଇବାକୁ ବନ୍ଦ କରିଦେଉଛନ୍ତି । ହେଲେ ଏହାଦ୍ୱାରା ଶରୀର ପାଇଁ କେତେ ସମସ୍ୟା ସୃଷ୍ଟିହୁଏ ତାହା ଜାଣିଲେ ବୋଧହୁଏ କେହି ଏପରି ଭୁଲ କରିବେ ନାହିଁ ।

ରାତି ଖାଇବା ଛାଡିବା ଦ୍ୱାରା ଶରୀର ଦୁର୍ବଳ ହେବା ସହ ଗୁରୁତର ରୋଗ ସୃଷ୍ଟି ହୁଏ । ରାତିରେ ଖାଇବା ବନ୍ଦ କଲେ ନିଦ ଠିକ ଭାବେ ହୁଏ ନାହିଁ । କାରଣ ରାତି ବଢିବା ସହ ପେଟରେ ଖାଦ୍ୟ ନଥିବାରୁ ଭୋ୍ ଲାଗିଥାଏ । ଫଳରେ ନିଦରେ ବାଧା ସୃଷ୍ଟି ହୋଇଥାଏ । ଠିକ ଭାବେ ନିଦ ନହେବା କାରଣରୁ ଏହାର ପ୍ରଭାବ ପୁରା ଶରୀର ଉପରେ ପଡିଥାଏ । ଅଧିକାଂଶ ସମୟରେ ଲୋକେ ନିଜର ଓଜନ କମ କରିବା ପାଇଁ ରାତି ଖାଦ୍ୟ ଛାଡିଥାନ୍ତି । ଏହାଦ୍ୱାରା ଶରୀର ଧିରେ ଧିରେ ଦୁର୍ବଳ ହୋଇଯାଏ । ତେଣୁ ରାତି ଖାଦ୍ୟ କେବେବି କ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ସହ ମାନସିକ ସ୍ତରରେ ମଧ ଏହାର କୁପ୍ରଭାବ ପଡିଥାଏ ।

ରାତିରେ ଖାଦ୍ୟ ନଖାଇବା ଦ୍ୱାରା ପେଟ ଦରଜ ସମସ୍ୟା ସୃଷ୍ଟି ହୁଏ । ବରଂ ରାତି ଖାଦ୍ୟ ନଛାଡି ଓଜନ କମାଇବାକୁ ଫାଇବର ଯୁକ୍ତ ହାଲକା ଖାଦ୍ୟ ଗ୍ରହଣ କରନ୍ତୁ ।

ଶରୀରକୁ ସ୍ଲିମ ରଖିବାକୁ ଓ ମୋଟାପଣ କମ କରିବାକୁ ରାତି ଖାଦ୍ୟ ନଖାଇବା ସମାଧାନର ବାଟ ନୁହେଁ । ରାତି ଖାଦ୍ୟ ନଖାଇଲେ ଓଜନ ସିନା କମିଯାଏ ହେଲେ କୁପୋଷଣ ଭଳି ସମସ୍ୟା ସୃଷ୍ଟି ହୁଏ ।

ତେଣୁ ଫିଟ ରହିବାକୁ ଚାହୁଁଥିଲେ ଓ ଓଜନ କମାଇବାକୁ ଚାହୁଁଥିଲେ ଠିକ୍ ସମୟରେ ଉଚିତ ପରିମାଣର ଖାଦ୍ୟ ଖାଇବା ସହ ଶରୀରିକ ପରିଶ୍ରମ ତଥା ଯୋଗ ପ୍ରାଣାୟାମ କରିବାକୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ । ଏହା ହିଁ ସର୍ବୋତ୍କୃଷ୍ଟ ଉପାୟ ।

# ଜୋତା ଦ୍ୱାରା ପ୍ରଭାବିତ ହୁଏ ସ୍ୱାସ୍ଥ୍ୟ: ଏ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ କଥା

ଅନେକ ସମୟରେ ଅଧିକାଂଶ ଲୋକେ ଜୋତା ବାହାର ନକରି ଘର ଭିତରକୁ ଚାଲିଆସନ୍ତି । କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ ବରଂ ବିଜ୍ଞାନ ସମ୍ମତ କାରଣରୁ ମଧ ଏହା କ୍ଷତିକାରକ । ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଜୋତା ମାଧମରେ ଅନେକ ଜୀବାଣୁ ଘର ଭିରକୁ ପ୍ରବେଶ କରିବା ସହ ଅନେକ ପ୍ରକାର ରୋଗ ମଧ ଦେଖାଯାଏ । ଆରିଜୋନା ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ପାଖାପାଖି ୪୦ ହଜାରରୁ ଅଧିକ ବ୍ୟାକ୍ଟେରିଆ ଥାଆନ୍ତି । ଏହି ଜୀବାଣୁ ମଣିଷର ରକ୍ତ ଓ ପଶୁମାନଙ୍କ ମଳରେ ଥାଏ । ଏହାବ୍ୟତୀତ ୬ଟି ହାନୀକାରକ ବ୍ୟାକ୍ଟେରିଆ ହେଉଛି ଇ-କୋଲି, କ୍ଲେବସିଏଲା, ନିମୋନିଆ, ସେରାଟିୟା, ଓ ଫଙ୍କିରିଆ ପରି ବ୍ୟାକ୍ଟେରିଆ । ଏହି ସବୁ ଜୀବାଣୁ ଜୋତା ଦ୍ୱାରା ଘର ଭିତରେ ପ୍ରବେଶ କରି ଖାଦ୍ୟ





ପଦାର୍ଥ, ପାଣି, ଆସବାବପତ୍ର ଓ ପୋଷାକରେ ଲାଗିଯାନ୍ତି । ଫଳରେ ନିଃଶ୍ୱାସ ଜନିତ ରୋଗ ସହ ୟୁରିନ୍ ଇନଫେକ୍ସନ୍, ଲିଭର ସଂକ୍ରମଣ ଓ ତ୍ୱଚାରେ ସମସ୍ୟା ଦେଖାଯାଏ । ଆମେରିକା ସ୍ଥିତ ‘ଏନଭାଇରନମେଣ୍ଟ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି’ ଦ୍ୱାରା କରାଯାଇଥିବା ଆଉ ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ଏକ ପ୍ରକାର ଟକ୍ସିନ୍ ଥାଏ, ଯାହାକି ଅବସାଦ,ହଜମ ସମ୍ପର୍କିତ ସମସ୍ୟା ସୃଷ୍ଟି କରେ । ଏହାସହ ଦୃଷ୍ଟି ଶକ୍ତି ଉପରେ ମଧ ପ୍ରଭାବ ପକାଏ । ତେଣୁ ବାହାରେ ବ୍ୟବହାର କରୁଥିବା ଜୋତାକୁ କେବିବି ଘର ଭିତରକୁ ଆଣନ୍ତୁ ନାହିଁ । କେବଳ ଏତିକି ନୁହେଁ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ଗୋଡ ଧୋଇ ପ୍ରବେଶ କରିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

# ପରିସ୍ରାରେ ରକ୍ତ ପଡ଼ିବା କେତେ କ୍ଷତିକାରକ ? କେଉଁ ରୋଗର ଲକ୍ଷଣ ଚିହ୍ନାଏ ଏବଂ ଖାମଖିଆଲ କଲେ ଏହା ଶରୀରକୁ କେତେ କ୍ଷତି ପହଞ୍ଚାଏ , ଜାଣିରଖନ୍ତୁ



ଯୌନାଙ୍ଗ ସମ୍ବନ୍ଧୀତ ସମସ୍ୟାକୁ ଲାଜ ଭାବି ଆମେ ଅନ୍ୟ ଆଗରେ ପ୍ରକାଶ କରିବାକୁ ବେଳେବେଳେ କୁଣ୍ଠାବୋଧ କରୁ । ଖାଲି ଏତିକି ନୁହେଁ ଡାକ୍ତରଙ୍କ ପରାମର୍ଶ ନେବାକୁ ଗଲା ବେଳେ ବି ଆଜି ଯିବି କାଲି ଯିବି କହି ସମୟ ଗଡ଼ାଉ । କିନ୍ତୁ ଏଭଳି କରିବା ଯେ ପରମୁହୂର୍ତ୍ତରେ ନିଜକୁ ଭାରି ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଥାଉ ଥାଉ ସମସ୍ୟାର ସମାଧାନ ନ ଖୋଜିଲେ ନେଡ଼ି ଗୋଡ଼ କହୁଣିକୁ ବୋହିଗଲା ଭଳି ସାର ହେବ । ବ୍ରିଟେନର ଜଣାଶୁଣା ଡାକ୍ତର ମିରିୟମ୍ ଷ୍ଟୋପାର୍ଡଙ୍କ ମୁତାବକ , କିଛି ଲୋକଙ୍କ ୟୁରିନରେ ରକ୍ତ ବାହାରିବା ଭଳି ସମସ୍ୟା ଦେଖାଯାଏ । ଯାହା ଏକ ଗମ୍ଭୀର ରୋଗର ଲକ୍ଷଣ ମଧ ହୋଇଥାଇପାରେ ତେଣୁ ପରିସ୍ରା କରିବା ସମୟରେ ଆମକୁ ଏ ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡାକ୍ତର ଷ୍ଟୋପାର୍ଡ ଏକ ଆର୍ଟିକଲରେ ଲେଖିଛନ୍ତି ଯେ , ଜଣେ ବାନ୍ଧବୀ ବ୍ୟତିବ୍ୟସ୍ତ ହୋଇ ତାଙ୍କୁ ଥରେ ଫୋନ୍ କରି ପରିସ୍ରାରେ ରକ୍ତ ଆସୁଥିବା କଥା କହିଥିଲେ । ଷ୍ଟୋପାର୍ଡ ତାଙ୍କୁ ପ୍ରଶ୍ନ କରିଥିଲେ ଯେ , କ’ଣ ସେ ଖାଦ୍ୟରେ ବିଟ୍ ଖାଇଥିଲେ ? ବାନ୍ଧବୀଙ୍କ ଉତ୍ତର ଥିଲା ହଁ । ଏହାର ଉତ୍ତରରେ ସେ କହିଥିଲେ ଯେ ବେଳେବେଳେ ବିଟ୍ ଖାଇବା ପରେ ପରିସ୍ରାର ରଙ୍ଗ ଗୋଲାପୀ ହୋଇଯାଏ ଯାହା ରକ୍ତ ଭଳି ଦେଖାଯାଏ । ବିଟ୍ ର ରଙ୍ଗ ଲାଲ୍ ହେବା କାରଣରୁ ଏହା ପରିସ୍ରାରେ ସମାନ ମାତ୍ରାରେ ଖେଳେଇ ହୋଇଯାଏ । ଯେତେବେଳେ ପରିସ୍ରା , ପ୍ରୋଷ୍ଟେଟ୍ ବା କିଡନି କ୍ୟାନ୍ସରର ପରୀକ୍ଷା କରାଯାଏ । ଅସଲ ସମସ୍ୟା କ’ଣ ଜଣାପଡିଥାଏ । ବ୍ଲେଡର୍ କ୍ୟାନ୍ସରର ସାଧାରଣ ଲକ୍ଷଣ ହେଉଛି ପରିସ୍ରାରେ ରକ୍ତ ଆସିବା । ଯାହାକୁ ‘ହିମେଟ୍ୟୁରିଆ’ ମଧ କୁହାଯାଏ । ଡାକ୍ତରଙ୍କ କହିବାନୁସାରେ , ବ୍ଲେଡର୍ କ୍ୟାନ୍ସରରେ ପାଖାପାଖି ୮୦ % ରୋଗୀଙ୍କ ମଧରେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଯେଉଁ ବ୍ୟକ୍ତିଙ୍କ ପରିସ୍ରାରେ ରକ୍ତ ଆସୁଛି ସେ ବ୍ଲେଡର୍ କ୍ୟାନ୍ସରରେ ପୀଡ଼ିତ ଅଛନ୍ତି ବୋଲି କିଛି ମାନେ ନାହିଁ । ଏହାର ଅନ୍ୟ କିଛି କାରଣ ମଧ ହୋଇଥାଇପାରେ । ବଢୁଥିବା ପ୍ରୋଷ୍ଟେଟ୍ , ପରିସ୍ରାମାର୍ଗରେ ସଂକ୍ରମଣ (ୟୁଟିଆଇ) କିମ୍ବା ଅଧିକ ବ୍ୟାୟାମ କାରଣରୁ ମଧ ଏଭଳି ସମସ୍ୟା ଦେଖାଦେଇଥାଏ । ୟୁଟିଆଇର ସଂକେତ ପରିସ୍ରା କରିବାରେ କଷ୍ଟ ,ପରିସ୍ରା ରଙ୍ଗ ପରିବର୍ତ୍ତନ ,ବାରମ୍ବାର ପରିସ୍ରା ଲାଗିବା ଏବଂ ରୋକି ନ ପାରିବା ଭଳି ସମସ୍ୟା ହୋଇଥାଇପାରେ । ବ୍ୟାୟାମ , ଦୌଡ଼ , ସନ୍ତରଣର ମାତ୍ରା ଅଧିକ ସମୟ ଧରି କରିଲେ ମଧ ପରିସ୍ରାରେ ରକ୍ତ ବାହାରିଥାଏ । ଏହା ଦିନେ , ୨ ଦିନ ଭିତରେ ଠିକ୍ ମଧ ହୋଇଯାଏ । କିଛି ଖାଦ୍ୟ କିମ୍ବା ଔଷଧ କାରଣରୁ ମଧ ପରିସ୍ରାର ରଙ୍ଗ ଲାଲ୍ ହୋଇଯାଏ । ବ୍ଲାକବେରୀ , ବିଟ୍ , ରେଡଫୁଡ୍ ଭଳି ଖାଦ୍ୟପଦାର୍ଥ ଖାଇଲେ ପରିସ୍ରାର ରଙ୍ଗ ଗୋଲାପୀ କିମ୍ବା ନାଲି ହୋଇଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଡିଜିଟାଲ ଆରେଷ୍ଟ ଓ ଠକେଇ...

ସକାଳୁ ଖବର କାଗଜ ଖୋଲିଲେ ବା ଟେଲିଭିଜନରୁ ଖବର ଶୁଣିଲେ ଡିଜିଟାଲ୍ ଆରେଷ୍ଟର ଶବ୍ଦ କାନକୁ ଆସେ। ଅଜଣା ନମ୍ବରରୁ ଫୋନ ଆସିଲେ ଆମେ କିଛି ନବୁଝି କଥାବାର୍ତ୍ତା ଆରମ୍ଭ କରି ଠକାମିରେ ପଡ଼ିଥାଉ। ପୁଣି କେତେବେଳେ ଇ-ମେଲ୍‌ରେ ଗୋଟିଏ ଅଜଣା ଲିଙ୍କ୍ ମାଧ୍ୟମରେ ନାନା ପ୍ରଲୋଭନର ବଶବର୍ତ୍ତୀ ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଥାଉ। ପ୍ରାୟ ବହୁତ ଲୋକଙ୍କ ପାଖକୁ ଏପରି ନାନା ପ୍ରକାରର ସାଇବର ଠକାମିର ବାର୍ତ୍ତା କିମ୍ବା କଲ୍ ଆସୁଥିବ। କିଛି ଲୋକ ଜାଣିପାରି ସତର୍କ ହେଉଥିବେ ଏବଂ ଆଉ କେତେଜଣ ଠକାମିର ଶିକାର ହେଉଥିବେ। ଏହିପରି ସାଇବର ଅପରାଧ ଏବେ ଦେଶ ତଥା ନାଗରିକଙ୍କ ନିରାପତ୍ତା ପାଇଁ ସବୁଠାରୁ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି। ଡିଜିଟାଲ ଆରେଷ୍ଟ ଏହି ସାଇବର ଅପରାଧର ଏକ ନୂଆ ରୂପ। ଡିଜିଟାଲ୍ ଆରେଷ୍ଟ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରି ଟଙ୍କା ହଡ଼ପ, କ୍ରେଡିଟ କାର୍ଡ ଠକେଇ ଏବଂ ଡିଜିଟାଲ ଡକାୟତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରରେ ଅନେକ ଲୋକଙ୍କୁ ସର୍ବସ୍ୱାନ୍ତ କରିଚାଲିଛି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ତଥ୍ୟ ଅନୁଯାୟୀ ଗତ କିଛିବର୍ଷ ମଧ୍ୟରେ ସାଇବର ଅପରାଧରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ଘଟିଛି। ୨୦୨୦ରେ ୧୦, ୩୯୫, ୨୦୨୧ରେ ୧୪, ୦୦୭ ଓ ୨୦୨୨ରେ ୧୭, ୪୭୦ଟି ସାଇବର ଅପରାଧ ଘଟିଛି। ଜାନୁଆରୀରୁ ଏପ୍ରିଲ୍ ୨୦୨୪ ମଧ୍ୟରେ ୧୪ଟି ଡିଜିଟାଲ୍ ଆରେଷ୍ଟ ସ୍କାମ ଯୋଗୁଁ ଭାରତୀୟଙ୍କ ୧୨୦.୩୦ କୋଟି ଟଙ୍କା କ୍ଷତି ହୋଇଥିବା ଜଣାପଡ଼ିଛି। ଡିସେମ୍ବର ୫, ୨୦୨୪ ତାରିଖରେ ୧.୦୩ କୋଟି ଟଙ୍କାର କ୍ରିପ୍ଟ କରେନ୍ସି ଏବଂ ୪୬ ଲକ୍ଷ ଟଙ୍କା ଜବତ ହୋଇଥିବା ଖବର ମଧ୍ୟ ରେକର୍ଡ ହୋଇଛି। ଏହାର ମୂଳକାରଣ ହେଉଛି ଆମର ନିର୍ବୋଧତା, ଅସଚେତନତା ଆଉ ଲୋଭ, ଯାହା ପାଇଁ ସାଇବର୍ ଅପରାଧୀମାନେ ସେମାନଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରୁଛନ୍ତି। ସାଇବର୍ ଅପରାଧୀମାନେ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ ବା ବେସରକାରୀ ଅଧିକାରୀ, କର୍ପୋରେଟ୍ କ୍ଷେତ୍ରରେ କାମ କରୁଥିବା ଉଚ୍ଚଅଧିକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି। ତା' ସହିତ କିଛି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି। ଅବସର ପରେ ଏମାନଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ଥିବାର ସୂଚନା ସଂଗ୍ରହ କରି ସେମାନଙ୍କୁ ଟାର୍ଗେଟ୍ କରାଯାଉଛି। କେଉଁ ଅବସରପ୍ରାପ୍ତ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି ସେ ସମ୍ପର୍କିତ ସୂଚନା ଅସାଧୁ ବ୍ୟାଙ୍କ ଅଧିକାରୀଙ୍କ ମାଧ୍ୟମରେ ସାଇବର ଅପରାଧୀଙ୍କ ପାଖକୁ ଯାଇଥାଏ। ତା'ପରେ ସେମାନେ ସାଇବର ଅପରାଧର ଷଡ଼ଯନ୍ତ୍ର ରଚିଥା'ନ୍ତି। ସମଗ୍ର ଦେଶ ସମେତ ଓଡ଼ିଶାରେ ସାଇବର ଅପରାଧ ଦଳର ସଦସ୍ୟ ଥିବା ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ସନ୍ଦେହ କରୁଛି। ଏମାନେ ଫୋନ୍ କରୁଥିବା ସାଧାରଣ ଲୋକଙ୍କୁ ମୁଖ୍ୟତଃ ସିବିଆଇ, ଇଡି, କଷ୍ଟମ୍, ନାର୍କୋଟିକ୍, ଆରବିଆଇ, ଟ୍ରାଇ, ଆୟକର ଓ ମୁମ୍ବାଇ ସାଇବର ପୁଲିସ ଅଧିକାରୀ ପରିଚୟ ଦେଇ କଥା ହେଉଛନ୍ତି। ବୟସ୍କ ଲୋକଙ୍କୁ ଫୋନ୍ କରି ସେମାନଙ୍କ ନାଁରେ ବ୍ରାଉନସୁଗର୍, ଆର୍ଥିକ ଅନିୟମିତତା ରହିଥିବା ଏବଂ ମାମଲା ଚାପିବାକୁ ହେଲେ ଟଙ୍କା ପଠାଇବାକୁ ଧମକାଉଛନ୍ତି। ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲ୍ ନମ୍ବର ଏବଂ ଆଧାର ନମ୍ବର ବ୍ୟବହାର ହୋଇଥିବା କହୁଛନ୍ତି। ପୁଲିସ ଅଫିସର କିମ୍ବା ଅଧିକାରୀ ପରିଚୟ ଦେଉଥିବା ବ୍ୟକ୍ତିମାନେ ପୁଲିସ ପୋଷାକରେ ଭିଡିଓ କଲ୍ ମଧ୍ୟ କରୁଛନ୍ତି। ତାଙ୍କ ପଛପଟ ପରଦାରେ, ଥାନା ଓ ସରକାରୀ କାର୍ଯ୍ୟାଳୟର ଲୋଗୋ ଓ ଚିତ୍ର ରହୁଛି। ଯାହା ଫଳରେ ସେମାନେ ସହଜରେ ସନ୍ଦେହଘେରକୁ ଆସିପାରୁନାହାନ୍ତି। ପ୍ରଚ୍ଛଦପଟରେ ପୁଲିସ ଗାଡ଼ିର ସାଇରନ୍ ବାଜୁଛି। ଭିଡିଓ କଲ୍‌ରେ କଥାବାର୍ତ୍ତା କରିବା ବେଳେ ନିଜର ପରିଚୟ ପତ୍ର ଦେଖାଉଛନ୍ତି। ଫଳରେ ସାଧାରଣ ଲୋକ ବିଶ୍ୱାସ କରିବା ସହିତ ଭୟଭୀତ ହୋଇଯାଉଛନ୍ତି। ଡମି ବା ଜାଲ୍ ଇମେଲ୍ ଆକାଉଣ୍ଟ୍ ମାଧ୍ୟମରେ ଉପଭୋକ୍ତାଙ୍କର ଇଣ୍ଟରଫେସ ସୁରକ୍ଷା ବ୍ୟବସ୍ଥାକୁ ପ୍ରତିହତ କରି ବ୍ୟକ୍ତିଗତ ସୂଚନା ଓ ବିବରଣୀ, ଆକାଉଣ୍ଟ ନମ୍ବର, କାର୍ଡ ନମ୍ବର ଇତ୍ୟାଦି ହାସଲ କରି ନିଅନ୍ତି। ଡିଜିଟାଲ ଆରେଷ୍ଟକୁ ସରଳ ଭାବରେ ବୁଝିଲେ ଏହା ହେବ – ଫିସିଂ ଓ ସ୍ପୁଫିଂ ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ, ଲଗଇନ୍ ପ୍ରମାଣପତ୍ର ଏବଂ ଆର୍ଥିକ ବିବରଣୀ ଚୋରି କରି ସାଧାରଣ ଲୋକମାନଙ୍କର ଇ-ମେଲ ଏବଂ ଅନଲାଇନ୍ ମେସେଜିଂ ସେବାଗୁଡ଼ିକର ବ୍ୟବହାର କରି ଲୋକମାନଙ୍କୁ ହଇରାଣ ହରକତ କରିବା। ସଫ୍ଟୱେର ବ୍ୟବହାରକାରୀଙ୍କ ଉପକରଣକୁ ନଷ୍ଟ କିମ୍ବା ଅକ୍ଷମ କରିବା କିମ୍ବା ବ୍ୟକ୍ତିଗତ ଏବଂ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ମାଲୱେର ବ୍ୟବହାର କରିବା ମଧ୍ୟ ଏହି ଅପରାଧ ଅଧୀନରେ ଆସୁଛି। ରାନସମୱେର୍ ଏକପ୍ରକାର ମାଲୱେର, ଯାହା ଉପଭୋକ୍ତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରବେଶ କରିବାରେ ପ୍ରାଚୀର ସୃଷ୍ଟି କରେ। ତା' ପରେ ଆକ୍ସେସ୍ ପୁନରୁଦ୍ଧାରର ପ୍ରତିଶ୍ରୁତିରେ ଦେୟ ଦାବି କରେ। ବ୍ୟବସାୟ ଇମେଲ, ବ୍ୟବସାୟକୁ ଟାର୍ଗେଟ କରୁଥିବା ଆକ୍ରମଣର ଏକ ଅତ୍ୟାଧୁନିକ ଉପାୟ, ଯାହା ଅନଧିକୃତ ଦେୟ ଦାଖଲ କରିବାକୁ ସାମାଜିକ ଇଞ୍ଜିନିୟରିଂ କୌଶଳ ମାଧ୍ୟମରେ ବୈଧ ଇମେଲ ଆକାଉଣ୍ଟକୁ ବ୍ୟବହାର କରେ। ଇମେଲ-ଆଧାରିତ ଫିସିଂ ସ୍କାମଗୁଡ଼ିକ ବହୁଳ ଭାବରେ ଇଣ୍ଟରନେଟ୍ ଠକେଇ ମଧ୍ୟରେ ଅଛି, ଯାହା ଇଣ୍ଟରନେଟ୍ ବ୍ୟବହାରକାରୀ ଏବଂ ବ୍ୟବସାୟ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି।



# ହିଂସାର ବହ୍ନିରେ ମଣିପୁର ରାଜ୍ୟ

### ବିଷ୍ଣୁ ପ୍ରସାଦ ଦାସ

**କୁକୀ ମାନେ ପାର୍ବତ୍ୟ ଅଞ୍ଚଳରେ ବସବାସ କରି ଥାଆନ୍ତି, ଜଙ୍ଗଲ ମଧ୍ୟରେ ନିଷିଦ୍ଧ ଅଫିମ ଚାଷ କରିଥାନ୍ତି। ତେବେ ମୈତି ମାନଙ୍କ ସଂଖ୍ୟା ଅଧିକ ଏବଂ ସେମାନେ ସମତଳ ସ୍ଥାନର ଅନେକ କୃଷି କ୍ଷେତ୍ରର ଅଧିକାରୀ ତଥା ଉନ୍ନତ ଜୀବନ ଯାପନ କରନ୍ତି । ନିୟମ ଅନୁଯାୟୀ ମୈତି ମାନେ ପାର୍ବତ୍ୟ ଅଞ୍ଚଳରେ ଭୂମି କ୍ରୟ କରି ପାରିବେ ନାହିଁ କିନ୍ତୁ କୁକୀ, ନାଗା ମାନେ ମଇତି ମାନଙ୍କ ଜମି କିଣି ପାରିବେ। ଏହି ନିୟମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି**

ଭାରତର ଉତ୍ତର ପୂର୍ବ ସୀମାନ୍ତରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମଣିପୁର ରାଜ୍ୟ ଅବସ୍ଥିତ, ଏହାର କ୍ଷେତ୍ରଫଳ ୨୨୩୨୭ ବର୍ଗ କିଲୋମିଟର । ଏହାର ଇତିହାସକୁ ଯଦି ଅନୁଧ୍ୟାନ କରିବା ତେବେ ଏହି ମଣିପୁର ୨୧ ସେପ୍ଟେମ୍ବର ୧୯୪୯ ମସିହାରେ ଭାରତ ଗଣ ରାଜ୍ୟରେ ମିଶିବା ନିମନ୍ତେ ଚୁକ୍ତିବଦ୍ଧ ହୋଇ ଥିଲା କିନ୍ତୁ ବିଧିବଦ୍ଧ ଭାବେ ୧୫ ଅକ୍ଟୋବର ୧୯୪୯ ମସିହାରେ କେନ୍ଦ୍ର ଶାସିତ ଅଂଚଳ ଭାବେ ତାଲିକାଭୁକ୍ତ ହୋଇ ୦୧ ନଭେମ୍ବର ୧୯୫୬ କେନ୍ଦ୍ର ଶାସିତ ଅଞ୍ଚଳ ରୂପେ ଘୋଷିତ ହୋଇଥିଲା । ମଣିପୁର ୨୧ ଜାନୁଆରୀ ୧୯୭୨ ମସିହାରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଏହି ପ୍ରଦେଶର ରାଜଧାନୀ ଇମ୍ଫାଲ ଏହାର ଜିଲ୍ଲା ସଂଖ୍ୟା ୧୬ ଲୋକସଂଖ୍ୟା ପ୍ରାୟ ୩୨ ଲକ୍ଷ ୬୦ ହଜାର, ବିଧାନସଭା ପାଇଁ ନିର୍ବାଚିତ ପ୍ରତିନିଧି ସଂଖ୍ୟା ୬୦, ରାଜ୍ୟ ସଭା ନିମନ୍ତେ ପ୍ରତିନିଧି ସଂଖ୍ୟା ୧ ଜଣ, ଲୋକସଭା ନିମନ୍ତେ ପ୍ରତିନିଧି ସଂଖ୍ୟା ୨ ଜଣ । ମଣିପୁର ରାଜ୍ୟରେ ମଣିପୁରୀ ଭାଷା ପ୍ରଚଳିତ, ମୈତି ଅକ୍ଷର/ ଲିପିରେ ଲେଖା ପଢା ହୁଏ, ସ୍ୱାକ୍ଷରତା ହାର ୭୭%, ପ୍ରତି ୧୦୦୦ ପୁରୁଷରେ ୯୮୫ ମହିଳା ଦେଖା ଯା'ନ୍ତି । ଏହି ସୁନ୍ଦର ରାଜ୍ୟଟି ବର୍ତ୍ତମାନ ଅଶାନ୍ତ ହୋଇ ଉଠିଛି, ନିଆଁ ଜଳୁଛି, ଗଣ ଦୁଷ୍କର୍ମ ହେଉଛି, ହତ୍ୟା ହେଉଛି, ଜାତି, ଧର୍ମ ଭିତ୍ତିକ ଘୃଣାଭାବ ସହିତ ବର୍ବରତାର ସୀମା ଟପି ଯାଇଛି ଏବଂ ରାଜନୈତିକ ଛକାପଞ୍ଝା ଚାଲିଛି । ରାଜ୍ୟ ତଥା କେନ୍ଦ୍ର ସରକାର ଏସବୁ ଦେଖୁଛନ୍ତି ଶୁଣୁଛନ୍ତି କିନ୍ତୁ ସେହି ପରି କିଛି ଆଖିଦୃଶିଆ ପଦକ୍ଷେପ ନିଆ ଯାଇ ପାରୁନାହିଁ । ଗତ ୧୧/୧୨/୨୦୨୪ ସଂସଦରେ ମଣିପୁର ହିଂସା ବିଷୟରେ ଜଣେ ମାନ୍ୟବର ସାଂସଦ ଉପସ୍ଥାପନା କରିଥିଲେ ଏବଂ ନିଜର କ୍ଷୋଭ ପ୍ରକାଶ କରିଥିଲେ । ମଣିପୁରରେ ଜନଜୀବନ ଦୁର୍ବିସହ ହୋଇ ଯାଉଛି, ନିରୀହ ଜନତା ନିଜ ଜୀବନ ଜୀବିକା ପାଇଁ ସଂଗ୍ରାମରତ, ଶିକ୍ଷା, ସାମାଜିକ ଜୀବନ, ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି, ତେବେ ଏହାର ପଛରେ ଥିବା କାହାଣୀ କଣ ? ମୁଖ୍ୟତଃ କୁକୀ ଜନଜାତି, ନାଗା ଜନଜାତି ଏବଂ ମୈତି ଜନଜାତିଙ୍କ ଭିତରେ ଗଣ୍ଡଗୋଳ ସାରା ରାଜ୍ୟ ତଥା ଦେଶର ଚିନ୍ତା ବଢ଼ାଇ ଦେଇଛି । ମଣିପୁର ରାଜ୍ୟରେ ନାଗା ମାନେ ଉତ୍ତର ଦିଗକୁ ଥିବା ଜିଲ୍ଲା ଉପରେ ପ୍ରାଧାନ୍ୟ ବିସ୍ତାର କରୁଥିବା ବେଳେ ଦକ୍ଷିଣରେ କୁକି ମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଆଦିବାସୀ ଲୋକଙ୍କର ଅନୁସୂଚିତ ଜନଜାତି (ଏସ:ଟି) ମାନ୍ୟତା ଥିବା ବେଳେ ମୈତି ମାନଙ୍କୁ ଅନ୍ୟ ପଛୁଆ ଶ୍ରେଣୀ (ଓବିସି) ମାନ୍ୟତା ଦିଆଯାଇଛି, କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନୁସୂଚିତ ଜାତି (ଏସ:ସି) ଭାବରେ ବର୍ଗୀକୃତ ହୋଇଛନ୍ତି । ମଣିପୁରୀ ମୈତି : ମଣିପୁରୀ ବ୍ରାହ୍ମଣ ହେଉଛନ୍ତି ବ୍ରାହ୍ମଣ ଯେଉଁମାନେ ମଣିପୁରୀ ଭାଷାକୁ ମାତୃଭାଷା ଭାବରେ କୁହନ୍ତି ଏବଂ ମଣିପୁରର ଉପତ୍ୟକା ଅଞ୍ଚଳରେ ବାସ କରନ୍ତି । ଅନ୍ୟ ବ୍ରାହ୍ମଣ ଗୋଷ୍ଠୀ ହେଲେ : ବଙ୍ଗାଳୀ ବ୍ରାହ୍ମଣ ତଥା ଉତ୍କଳ ବ୍ରାହ୍ମଣ । ତେବେ କୁକୀ ମାନଙ୍କ ବିଷୟରେ କିଛି ଜାଣିବା ଉଚିତ ହେବ ବୋଲି ଅନୁଭବ କରୁଛି । କୁକୀ ମାନେ ପାର୍ବତ୍ୟ ଅଞ୍ଚଳରେ ବସବାସ କରି ଥାଆନ୍ତି, ଜଙ୍ଗଲ ମଧ୍ୟରେ ନିଷିଦ୍ଧ ଅଫିମ ଚାଷ କରିଥାନ୍ତି । ତେବେ ମୈତି ମାନଙ୍କ ସଂଖ୍ୟା ଅଧିକ ଏବଂ ସେମାନେ ସମତଳ ସ୍ଥାନର ଅନେକ କୃଷି କ୍ଷେତ୍ରର ଅଧିକାରୀ ତଥା ଉନ୍ନତ ଜୀବନ ଯାପନ କରନ୍ତି । ନିୟମ ଅନୁଯାୟୀ ମୈତି ମାନେ ପାର୍ବତ୍ୟ ଅଞ୍ଚଳରେ ଭୂମି କ୍ରୟ କରି ପାରିବେ ନାହିଁ କିନ୍ତୁ କୁକୀ, ନାଗା ମାନେ ମଇତି ମାନଙ୍କ ଜମି କିଣି ପାରିବେ । ଏହି ନିୟମ କୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି ।

କୁକୀ-ଚୀନ୍ ଜନଜାତି ବର୍ତ୍ତମାନ ଭାରତ ପାଇଁ ଏକ ଚିନ୍ତାର କାରଣ ପାଲଟି ଯାଇଛି । କୁକୀ-ଚୀନ୍ ଜନଜାତି କହିଲେ କ'ଣ ବୁଝାଏ ? ଏହି ଜନଜାତିର ଇତିହାସ, ଏମାନଙ୍କର ଉପସ୍ଥିତି, କାର୍ଯ୍ୟକଳାପ ତଥା ଏମାନଙ୍କ ଦ୍ୱାରା ଭାରତ ଉପରେ ପଡୁଥିବା ଚାପ ବିଷୟରେ କିଛି ଆଲୋକପାତ କରିବା, ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା ଏବଂ ଏହାର ଗୋଟିଏ ଦିନ ପୂର୍ବରୁ ମାନେ ୧୪ ଅଗଷ୍ଟ ୧୯୪୭ ମସିହାରେ ଭାରତରୁ ବିଛିନ୍ନ ହୋଇ ଏକ ନୂତନ ରାଷ୍ଟ୍ର ପାକିସ୍ତାନ ଜନ୍ମ ହେଲା । ଇଂରାଜୀ ଶାସକ ତଥା ଆମ ସ୍ୱାଧୀନତା ସଂଗ୍ରାମୀ ନେତୃବୃନ୍ଦ ନିଜ ଭିତରେ ଆଲୋଚନା ସମାଲୋଚନା କରି ଦେଶକୁ ଦୁଇ ଭାଗ କରିଦେଲେ, ଏହି ଭାଗ ପ୍ରକ୍ରିୟାରେ ସବୁଠାରୁ ବେଶୀ କ୍ଷତି ସହି ଥିଲା ପଶ୍ଚିମରେ ପଞ୍ଜାବ ପ୍ରଦେଶ ଏବଂ ପୂର୍ବରେ ବଙ୍ଗଳା ପ୍ରଦେଶ । ସଂଖ୍ୟା ଗରିଷ୍ଠ ମୁସଲିମ ସମ୍ପ୍ରଦାୟ ବାସ କରୁଥିବା ସ୍ଥାନ ଯଥା ପଞ୍ଜାବ ଦୁଇଭାଗ ହୋଇଗଲା, ପୂର୍ବରେ ଥିବା ବଙ୍ଗଳା ମଧ୍ୟ ଦୁଇଭାଗ ହୋଇ ପୂର୍ବ-ବଙ୍ଗ ଏବଂ ପଶ୍ଚିମ-ବଙ୍ଗ ହୋଇଗଲା । ପଶ୍ଚିମରେ ପଞ୍ଜାବ (ଆଂଶିକ) ଏବଂ ପୂର୍ବ-ବଙ୍ଗ ପାକିସ୍ତାନ ଅକ୍ତିଆରକୁ ଚାଲିଗଲା, ପୂର୍ବ ବଙ୍ଗର ନାମ ପରିବର୍ତ୍ତନ ହୋଇ ପୂର୍ବ ପାକିସ୍ତାନ ହୋଇଗଲା । ସେହି ସମୟରେ ଚିଟାଗଙ୍ଗ ପାର୍ବତୀୟ କ୍ଷେତ୍ରରେ ରହୁଥିବା ଜନ ସମୁଦାୟ ଯେଉଁମାନେକି ୯୮.୨ % ବୌଦ୍ଧ ଧର୍ମାବଲମ୍ବୀ ଥିଲେ ସେମାନେ ଚାହୁଁଥିଲେ ଦେଶ ବିଭାଜନ ସମୟରେ ସେମାନଙ୍କ ଭୂଖଣ୍ଡ (ଚିଟାଗଙ୍ଗ)କୁ ଭାରତରେ ମିଶାଯାଉ କିନ୍ତୁ ରାଜନୀତିର ପଶାକାଠି ଖେଳରେ ସେମାନେ ଭାରତ ବଦଳରେ ପୂର୍ବ ପାକିସ୍ତାନ ଏବଂ ବର୍ତ୍ତମାନର ବଙ୍ଗଳା ଦେଶରେ ରହି ଯାଇଛନ୍ତି । ଚିଟାଗଙ୍ଗ ପାର୍ବତୀୟ କ୍ଷେତ୍ରକୁ ଲାଗି ଭାରତର ମିଜୋରାମ ପ୍ରଦେଶର ପାର୍ବତୀୟ କ୍ଷେତ୍ର ଏବଂ ଆହୁରି ପୂର୍ବକୁ ଗଲେ ମିଆଁମାର ଦେଶର ଚିନ୍ ପ୍ରଦେଶର ପାର୍ବତୀୟ କ୍ଷେତ୍ରରେ ପ୍ରାୟ ଏକ ପ୍ରକାର ଜନ ଜାତିର ଅଧିବାସୀ ରହି ଆସୁଛନ୍ତି । ଏମାନଙ୍କର ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି ଏହି ଜନଜାତି ଗୁଡ଼ିକ ହେଲେ ଲାଂଗଙ୍ଗ, କୋଇରାଓ, ଥାଙ୍ଗଲ, ମ୍ୟାନ, ମନସିଂ, ଚିରୁ, କୋଇରଙ୍ଗ, କୋମ, ଆନଲ, ଚୋଥେ, ଥାଦୌ, ପିତେ, ହମର, ଗାଙ୍ଗ୍ଟେ, ଏଇମାଲ, ଭାପି, ଯୋଉ, ଇତ୍ୟାଦି ଅନେକ ଛୋଟ ବଡ଼ ସମ୍ପ୍ରଦାୟର ସମଷ୍ଟି ଏହି ତିନୋଟି ଦେଶର ପାର୍ବତୀୟ ଭୂଖଣ୍ଡକୁ ନେଇ ବସବାସ କରି ଆସୁଛନ୍ତି, ଏହି ସମ୍ପ୍ରଦାୟର ଲୋକଙ୍କୁ କୁକୀ-ଚୀନ୍ ସମ୍ପ୍ରଦାୟ କୁହାଯାଏ । ଏମାନେ ପ୍ରଥମରୁ ବୌଦ୍ଧ ଥିଲେ କିନ୍ତୁ ସମୟ ଚକ୍ରରେ ବୌଦ୍ଧ ଧର୍ମରୁ ଏମାନଙ୍କ ମଧ୍ୟରୁ ୯୦ ଭାଗ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିୟାନ ହୋଇ ଗଲେଣି ।

ଭାରତର ମିଜୋରାମ ପ୍ରଦେଶରେ ବାସ କରୁଥିବା ଏହି ଜନଜାତିକୁ 'କୁକୀ' କୁହାଯାଏ ଏବଂ ମିଆଁମାର ଦେଶର ଚୀନ ପ୍ରଦେଶ ରେ ବାସ କରୁଥିବା ଏହି ସମ୍ପ୍ରଦାୟର ଜନଜାତିକୁ 'ଚୀନ୍' କୁହାଯାଏ ତେଣୁ ଏକ ପ୍ରକାର ଦୁଇ ଜନଜାତି ନାମର ସମଷ୍ଟି ହେଲା 'କୁକୀ-ଚୀନ୍' । ବାଂଲାଦେଶର ଦକ୍ଷିଣ ପୂର୍ବରେ ଚିଟାଗଙ୍ଗ ୧୩,୨୯୫ ବର୍ଗ କିଲୋମିଟର ପରିମିତ ସ୍ଥାନରେ ଅବସ୍ଥିତ ଏହାର ପ୍ରାକୃତିକ ପରିବେଶ ଏବଂ ସୁନ୍ଦର ପର୍ବତମାଳା ଖୁବ ଆକର୍ଷଣୀୟ । ଦେଶ ପରାଧୀନ ଥିବା ସମୟରୁ କୁକି-ଚୀନ୍ ସମ୍ପ୍ରଦାୟ ଏହି ଅଂଚଳରେ ବସ ବାସ କରି ଆସୁଛନ୍ତି, କାଳକ୍ରମେ ବ୍ରିଟିଶ ଶାସନ ଯାଇ, ପାକିସ୍ତାନୀ ଶାସନ ଆସିଲା ଏବଂ ପରବର୍ତ୍ତୀ ସମୟରେ ଭାରତର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଦିବଂଗତ ଇନ୍ଦିରା ଗାନ୍ଧୀଙ୍କ ସମୟରେ ପୂର୍ବ ପାକିସ୍ତାନ ହୋଇଥିବା ସ୍ୱାଧୀନତା ସଂଗ୍ରାମ ଭାରତର ସାମରିକ ବାହିନୀ ସହଯୋଗରେ ଏକ ନୂତନ ଦେଶକୁ ଜନ୍ମ ଦେଲା ପୂର୍ବ ପାକିସ୍ତାନ ପୃଥିବୀ ମାନଚିତ୍ରରେ ସବୁଦିନ ପାଇଁ ବିଲୀନ ହୋଇ 'ବାଂଲାଦେଶ' ନାମରେ ସ୍ୱୀକୃତି ପାଇଲା। ସେହି ସମୟରେ ମଧ୍ୟ କୁକୀ-ଚୀନ୍ ସମ୍ପ୍ରଦାୟର ଲୋକ ମାନେ ଭାବି ଥିଲେଯେ, ସେମାନେ ଭାରତ ଗଣ ରାଜ୍ୟରେ ମିଶି ଯିବେ କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ, ବାଂଲାଦେଶୀ ଶାସକଙ୍କ ପାଖରେ ସେମାନେ ନିଜ ସପକ୍ଷରେ ଅନେକ ଦାବି ରଖି ଆସୁଛନ୍ତି, ସରକାରଙ୍କ ଦ୍ୱାରା ଦାବି ପୂରଣ ହେବା ପରିବର୍ତ୍ତେ ସେମାନଙ୍କ ଉପରେ ବାଂଲାଦେଶୀ ସେନାବାହିନୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଫଳରେ ସରକାରଙ୍କ ଉପରେ ସେମାନଙ୍କର ଅସନ୍ତୁଷ୍ଟତା ବଢି ବଢି ଚାଲିଛି। ସେମାନଙ୍କର ବାସ ସ୍ଥାନକୁ ସରକାର ବିଭିନ୍ନ ଆଳ ଦେଖାଇ ଦଖଲ କରି ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରି ଦେଉଥିବାରୁ ଜନଜାତି ମାନଙ୍କର ସ୍ୱାଧୀନତା ସଂକୁଚିତ ହେଉଛି, ଆର୍ଥିକ ଅବସ୍ଥା ନିମ୍ନଗାମୀ ତଥା କୃଷି କାର୍ଯ୍ୟ ରେ ବ୍ୟାଘାତ ଘଟୁଛି । ସାମରିକ ବାହିନୀର ଅକଥନୀୟ ଅତ୍ୟାଚାର ସହି ନ'ପାରି ଅନେକ କୁକି- ଚୀନ୍ ପଡୋଶୀ ଦେଶ ଭାରତର ମିଜୋରାମ, ନାଗା ଲ୍ୟାଣ୍ଡ, ମଣିପୁର ପ୍ରଦେଶ ଭିତରେ ଶରଣାର୍ଥୀ ହିସାବରେ ପ୍ରବେଶ କରୁଛନ୍ତି ତଥା କିଛି ଶରଣାର୍ଥୀ ଭାରତରେ ସ୍ଥାୟୀ ଭାବେ ରହି ଭାରତ ବିରୋଧୀ କାର୍ଯ୍ୟରେ ମଧ୍ୟ ଲିପ୍ତ ହେବାର ଅନେକ ନଜିର ରହିଛି। ମଣିପୁର ରାଜ୍ୟରେ ଥିବା କୁକୀ ଜାତି ଏହି ସମ୍ପ୍ରଦାୟର ସେମାନେ ସାଧାରଣତଃ ପାହାଡ଼ ପର୍ବତ ଉପରେ ବସବାସ କରନ୍ତି। ବର୍ତ୍ତମାନ କୁକୀ ଜନଜାତି ଏବଂ ମୈତି ମାନଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି ଦୁଇ ପକ୍ଷ ଆଧୁନିକ ଡ୍ରୋନ ଆଧୁନିକ ଆର:ପି:ଜି ରକେଟ୍, ଏମ୍ ୪୧୬ ରାଇଫଲ୍ ଦ୍ୱାରା ସୁସଜ୍ଜିତ, ଆଚ୍ଛା କୁହନ୍ତୁ ତ ଏହି ପ୍ରକାର ଅତ୍ୟାଧୁନିକ ହାତ ହତିଆର ଏମାନଙ୍କ ପାଖକୁ ଆସିଲା କିପରି ? ଏଗୁଡିକ କିଣିବା ପାଇଁ ଏତେ ଅର୍ଥ ସେମାନେ କେଉଁଠୁ ପାଇଲେ ବା କିଏ ଏମାନଙ୍କୁ ଲଢେଇ କରିବାକୁ ଉସୁକାଉଛନ୍ତି ? ଟଙ୍କା ଅସ୍ତ୍ର ଶସ୍ତ୍ର ଯୋଗାଇ ଭାରତ ଭିତରେ କେଉଁ ଶକ୍ତି ଅସ୍ଥିରତା ସୃଷ୍ଟି କରୁଛନ୍ତି ତାହା ବର୍ତ୍ତମାନ ଦେଖିବା କଥା । ହୁଏତ କିଛି ବିଦେଶୀ ଶକ୍ତିଙ୍କର କୂଟକ୍ରାନ୍ତ ପାଇଁ, କିଛି ରାଜନେତା ନିଜ ଫାଇଦା ବା ଲାଭ ପାଇଁ ଦୁଇ ଜନଜାତି ମଧ୍ୟରେ ଏପରି ବିଦ୍ୱେଷ ସୃଷ୍ଟି କରିଥାଇ ପାରନ୍ତି ବା ସରକାର / ଅଦାଲତଙ୍କ ତ୍ରୁଟିପୂର୍ଣ୍ଣ ରାୟ ବିରୁଦ୍ଧରେ ଦୁଇ ଗୋଷ୍ଠୀ ରକ୍ତମୁଖା ହେଉଛନ୍ତି ସେହି ପରିପ୍ରେକ୍ଷୀରେ ମୋର ସୀମିତ ଜ୍ଞାନରୁ ମତାମତ ଦେବା ଅଜ୍ଞତାର ପରିଚୟ ହେବ । ତେବେ କେନ୍ଦ୍ର ସରକାର ତାଙ୍କ ଗୁପ୍ତଚର ତାଙ୍କ ପରାମର୍ଶ ଦାତା, ମଣିପୁର ରାଜ୍ୟର ଦୁଇ ବା ତତୋଧିକ ଜନଜାତି ର ପ୍ରତିନିଧି, ରାଜ୍ୟ ସରକାର, ରାଜନୈତିକ ସମୀକ୍ଷକ ମାନେ ବସି ଆଲୋଚନା କରି ଏହାର ସମାଧାନ କରିବା ଉଚିତ ହେବ। ବିଦେଶୀ ଅନୁପ୍ରବେଶକାରୀ ମାନଙ୍କୁ ତୁରନ୍ତ ଦେଶାନ୍ତର କରିବାର ସତ୍ ସାହସ ସରକାର ଦେଖାଇବା ଉଚିତ୍ ହେବ, ଯଦି ଏଥିରେ ଭୋଟ ରାଜନୀତି ଜଡ଼ିତ ଥାଏ ତେବେ ସେସବୁ ଭୁଲିଯାଇ ଦେଶର ସାର୍ବଭୌମତ୍ୱ ପ୍ରତି ଧ୍ୟାନ ଦେବା ଦେଶ ଭକ୍ତ ନେତା/ଦଳ ମାନଙ୍କ ନିମନ୍ତେ ଉଚିତ୍ ନିର୍ଣ୍ଣୟ ହେବ, ଅନ୍ୟଥା ଶାନ୍ତି ଫେରି ଆସିବ ନାହିଁ ବୋଲି ହୃଦ୍ବୋଧ ହୁଏ ।

ଜୟ ହିନ୍ଦ୍।

ବରିଷ୍ଠ ନାଗରିକ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଗୁକେଶ ଚେନ୍ନାଇର ନୁହଁ, ହାଇଦ୍ରାବାଦର ନୁହଁ ସେ ସମଗ୍ର ଦେଶର



### ସୁବ୍ରତ କର

**ବହୁବର୍ଷ ପରେ ଆମ ଦେଶ ଚେସ୍ ଖେଳରେ ପାରଙ୍ଗମତା ଦେଖେଇ ପାରିଛି। ସେ ପ୍ରଥମେ ଭାରତୀୟ ପରେ ତାମିଲନାଡୁ ବା ଆନ୍ଧ୍ରପ୍ରଦେଶର ପରେ ବିଚାରକୁ ନେବା । ସେ ଖେଳ ଆରମ୍ଭ କରିଛନ୍ତି ଦେଶର ଚେସ ରାଜଧାନୀ ଚେନ୍ନାଇରୁ କିନ୍ତୁ ସେ ତେଲୁଗୁ ସମ୍ପ୍ରଦାୟର ଲୋକ । ସେଇଥିପାଇଁ ଚେନ୍ନାଇ ଏବଂ ହାଇଦ୍ରାବାଦ ମଧ୍ୟରେ ଟଣା ଓଟରା ।**

ଜିତିଲେ ମୋର, ହାରିଲେ କାହାରି ନୁହଁ । ଭଲ କରିଲେ ମୋର, ଖରାପ ହେଲେ ତୋର । ଏତେ ଟଣାଓଟରା କାହିଁକି ? ନିଶ୍ଚିତ ଭାବରେ ଗୁକେଶ ଦେଶର ଗୌରବ, ଜାତିର ଗୌରବ । ୧୮ବର୍ଷର ବିଶ୍ୱ ଚମ୍ପିଆନ ଗୁକେଶ ଦେଶର ଦ୍ୱିତୀୟ ବିଶ୍ୱ ଚମ୍ପିଆନ ବିଶ୍ୱନାଥନ୍ ଆନନ୍ଦଙ୍କ ପରେ । ବିଶ୍ୱନାଥ ଆନନ୍ଦ ୫ଥର ବିଶ୍ୱ ଚମ୍ପିଆନ ହୋଇଥିଲେ ଏବଂ ଏବେ ଆମେ ଆଶା କରିବା ଗୁକେଶଙ୍କୁ ଆନନ୍ଦଙ୍କର ରେକର୍ଡକୁ ଭାଙ୍ଗିବାକୁ ଦିଆଯାଉ । ସେ ସିଙ୍ଗାପୁରରେ ଆୟୋଜିତ ବିଶ୍ୱ ଚେସ୍ ଚମ୍ପିଆନସିପରେ ଚୀନର ଡିଙ୍ଗ ଲିରେନ୍‌ଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି । ବହୁବର୍ଷ ପରେ ଆମ ଦେଶ ଚେସ୍ ଖେଳରେ ପାରଙ୍ଗମତା ଦେଖେଇ ପାରିଛି। ସେ ପ୍ରଥମେ ଭାରତୀୟ ପରେ ତାମିଲନାଡୁ ବା ଆନ୍ଧ୍ରପ୍ରଦେଶର ପରେ ବିଚାରକୁ ନେବା । ସେ ଖେଳ ଆରମ୍ଭ କରିଛନ୍ତି ଦେଶର ଚେସ ରାଜଧାନୀ ଚେନ୍ନାଇରୁ କିନ୍ତୁ ସେ ତେଲୁଗୁ ସମ୍ପ୍ରଦାୟର ଲୋକ । ସେଇଥିପାଇଁ ଚେନ୍ନାଇ ଏବଂ ହାଇଦ୍ରାବାଦ ମଧ୍ୟରେ ଟଣା ଓଟରା । ଜିତିବା ମାତ୍ରେ ତାମିଲନାଡୁ ସରକାର ୫କୋଟି ଦେବେ ବୋଲି ଘୋଷଣା କରିସାରିଛନ୍ତି । ଏବେ ଦେଖିବା ଆନ୍ଧ୍ର ସରକାର ତାଙ୍କ ପାଇଁ କଣ କଣ ସବୁ ଘୋଷଣା କରିବେ ? ସେ କିନ୍ତୁ କହିଛନ୍ତି ଚେସ୍ ଖେଳ ସ୍କୁଲରେ ପାଠ ପଢୁଥିବା ବେଳେ ଚେନ୍ନାଇରେ ଆୟୋଜିତ ଏକ ଚେସ୍ ପ୍ରଶିକ୍ଷଣ ଶିବିରରେ ପ୍ରଥମ କରି ଚେସ୍ ଖେଳିବାକୁ ସୁଯୋଗ ପାଇଥିଲେ। ସେହି ଖେଳଠାରୁ ତାଙ୍କର ଚେସ କେରିଅରର ଆରମ୍ଭ ହୋଇଥିଲା । ସେ ଆହୁରି କରିଛନ୍ତି ତାଙ୍କର ଏହି ଚାମ୍ପିଆନ ହେବା ପଛରେ ସବୁଠୁ ବଡ଼ ଭୂମିକା ବହନ କରିଥିଲା ୱେଷ୍ଟର୍ଣ୍ଣଜ୍ ଆନନ୍ଦ ଚେସ୍ ଏକାଡେମି । ସେ ସେହିଠାରୁ ପ୍ରଚୁର ଆର୍ଥିକ ସହାୟତା ମଧ୍ୟ ପାଇଥିଲେ । ସେ ତାଙ୍କର ମୂଳ ପ୍ରଶିକ୍ଷକ ରମେଶଙ୍କୁ ମଧ୍ୟ ନିଜର ପ୍ରଧାନ ଗୁରୁ ବୋଲି କହିଛନ୍ତି । ଏବେ ୧୮ବର୍ଷ (ସବୁଠୁ କନିଷ୍ଠ ବିଶ୍ୱ ଚମ୍ପିଆନ) ବୟସରେ ଏହି ସଫଳତା ଦେବାକୁ ଆଣି ଦେଇଛନ୍ତି ତେବେ ଚିନ୍ତା କରିବା କଥା ସାରା ଜୀବନରେ ଦେଶ ପାଇଁ ନ କରିବେ । ଖେଳରୁ ଏବେ ୧୧.୪୫ କୋଟି ଟଙ୍କା ଅର୍ଜନ କରି ସାରିଛନ୍ତି ଏବଂ ଏହା ପଛେ ପଛେ ତାମିଲନାଡୁ ସରକାର ୫ କୋଟି ଟଙ୍କା ଦେବେ ବୋଲି କହି ସାରିଛନ୍ତି । ଏବେ ଦେଖାଯାଉ ଆଉ କିଏ କେତେ ଦେବେ । ତାମିଲନାଡୁ ଏବଂ ଆନ୍ଧ୍ର ରାଜ୍ୟ ମଧ୍ୟରେ ଆମ ରାଜ୍ୟ ମଧ୍ୟ ପଶିବାକୁ ଚେଷ୍ଟା କରିଛନ୍ତି ଗୁକେଶର ସାଫଲ୍ୟ ପାଇଁ। ସେ ଆମ ରାଜ୍ୟକୁ ଛୋଟ ବେଳୁ ତିନି ଚାରିଥର ଖେଳରେ ଭାଗନେବାକୁ ଆସିଥିଲେ ଏବଂ ସେ ପ୍ରତିଯୋଗିତାରେ ଜଣଙ୍କ ପାଖରୁ ହାରିଥିଲେ ଏବଂ ୩ ଜଣଙ୍କୁ ହରାଇବାରେ ସକ୍ଷମ ହୋଇଥିଲେ। ଏହି ସମୟରେ ଗୁକେଶର ସଫଳତା ଆମ ଦେଶକୁ ବିଶ୍ୱ ମ୍ୟାପ୍‌ରେ ବିଶେଷ ସ୍ଥାନ ଦେଇପାରିଛି ବିଶ୍ୱ ଅଲମ୍ପିକ୍ସ ଖେଳର ଅସଫଳତାକୁ କିଛି ପରିମାଣରେ ଭରି ପାରିଛି ଏବଂ ୧୪୦ କୋଟି ଲୋକଙ୍କୁ ଖୁସି ଆଣି ଦେଇଛି । ପ୍ରତ୍ୟେକ ଖେଳାଳିଂକୁ ଶିଖିବାର ଅଛି ଠିକ୍ ଭାବରେ ଚେଷ୍ଟା କରିଲେ ସବୁବେଳେ ଜଗନ୍ନାଥ ନିଶ୍ଚୟ ସାଥ ଦେବେ।




## ତୁମେ ଆଉ ମୁଁ

### ପ୍ରତ୍ୟୁଷ କୁମାର ପଣ୍ଡା



ତୁମେ ସେ ଶୀତ ସକାଳର ସୂକ୍ଷ୍ମ କିରଣ
ମୁଁ ଯେ ସକାଳରେ ଅଳସର କାରଣ,
ତୁମେ ସେ ଗରମ ଚାର ମୃଦୁତା
ମୁଁ ଯେ ଥଣ୍ଡା ପବନର ଆଦ୍ରତା,
ତୁମେ ସେ ସ୍କୁଲ ଛୁଟିର ସୂଚନା
ମୁଁ ଯେ ଦିବାସ୍ନାନର ବିଡମ୍ବନା,
ତୁମେ ସେ ହିମ ପୋଷାକର ଆବରଣ
ମୁଁ ଯେ ହିମ କମ୍ପନର ଆଚରଣ,
ତୁମେ ସେ ସମୟ ପରି ଚିରମୟୀ
ମୁଁ ଯେ ଶିଥିଳତାରେ ସ୍ଥିତିସ୍ଥାୟୀ,
ତୁମେ ଏ କବିତା ସମାପନରେ ଏକ
ସୁନ୍ଦର ଗଠନ
ମୁଁ ଯେ କବିତା ରଚନା ସମୟରେ
ଶରୀର କମ୍ପନ ।

ଦେଓଗାଁ
ବରଗଡ, ଓଡ଼ିଶା

## ମନେ ପଡ଼େ ପୁରୁଣା ଦିନ

### ଦୁଃଖହରଣ ପାତ୍ର



ମନେ ପଡ଼ଇ ଯେବେ ସେଇ ପୁରୁଣା ଦିନ,
ହୋଇ ଉଠଇ ଖୁସି ଏଇ ଭାବୁକ ମନ।
ସ୍କୁଟର ଯାନରେ ବସି ଯାଉ ଥିଲୁ ମେଳା,
ସାଥୀଙ୍କ ସହ ପୁଣି ପଡୋଶୀ ଘର ବୁଲା।
ଖେଳୁ ଥିଲୁ ଗିଲି ଡ଼ଣ୍ଡା ପୁଣି କାଚ ଆଲି,
ନଟୁ ଖେଳ ସାଙ୍ଗ ମେଳେ ଆଉ ତାସ ପାଲି।
ସଭିଏଁ ବସି ଦେଖୁଥିଲୁ ଅଲିଫଲେଲା
ଚନ୍ଦ୍ରକାନ୍ତା ଶକ୍ତିମାନ ମଜା ଲାଗୁଥିଲା।
କମଳା ପିଜୁଳି ପାଲୁ ଥିଲୁ ଗଛ ଚଢ଼ି,
ତାଳ ପତ୍ର ଚାମଚେ ଖାଉ ସ୍କୁଲ ଖେଚୁଡ଼ି
ପୂଜା ଲାଗି ପୁଣି କରୁଥିଲୁ ଫୁଲ ଚୋରି।
ଆଚାର କିଣି ଖାଇ ଚବାଉଥିଲୁ ଜରି।
କନୀୟର କୁସୁମ ମାଇକ୍ ସାଜିଥିଲା,
ଦିଆସିଲ ଖୋଳ ଗୀତ ଭରିଦେଉଥିଲା ।
ଏହା ଶୁଣି ପାଟିରେ ବଜାଉଥିଲୁ ବାଜା,
ନାଚ ଗୀତ ଶୁଣି ମନ ହେଉଥିଲା ତାଜା ।
ରେଡିଓ,ରିଲ୍ ଗୀତ ଶୁଣି ହେଉ ଯେ ଖୁସି
ରଥ ଯାତ ଯାଉଥିଲୁ ସାଙ୍ଗ ସହ ମିଶି।
ଏ ସମୟ କେବେ ଯିବନି ପଛକୁ ଫେରି,
ଏକା ବସି ଭାବିଲେ ମଜା ଲାଗଇ ଭାରି ।

ଶିକ୍ଷକ, ଜାମଦା ସରକାରୀ ଉଚ୍ଚ
ବିଦ୍ୟାଳୟ, ଜାମଦା, ମୟୂରଭଞ୍ଜ

## ସଂଘର୍ଷ

### ସନ୍ତୋଷ କୁମାର ଅଦାବର

ଜୀବନେ ଯାହାର ସଂଘର୍ଷ ରହିଛି
ସେ ଜାଣେ ନିଜର କଥା
ବିଳାସ ବ୍ୟସନେ ଯା' ଜୀବନ ବିତେ
ନ ଜାଣେ ସେ ଦୁଃଖ ବ୍ୟଥା ।

ସଂଘର୍ଷ ଜୀବନେ ଅବଶ୍ୟ ଭାଇ ହେ
ବହୁ କଷ୍ଟ ହୁଏ ଭୋଗ
ସେ କଷ୍ଟ ଭିତରେ ସୁଖ ଖୋଜିବାଟା
ବୋଧେ ଗୋଟେ ସଉଭାଗ୍ୟ ।

ବହୁ ଶିକ୍ଷା ଦିଏ ବଞ୍ଚିବା ଭିତରେ
ସଂଘର୍ଷମୟ ଜୀବନ
ସେଇ ଶିକ୍ଷା ସବୁ ଜିଇଁବା ମାର୍ଗରେ
କରେ ପଥ ପ୍ରଦର୍ଶନ ।

ସଂଘର୍ଷର କଥା ବଖାଣିଲେ କେବେ
ଦୁଃଖ ନ ହୁଏ ଲାଘବ
ଯେବେ ମିତ୍ରଜନ ସଂଘର୍ଷ ଦେଖିନି
ତୋର ସଂଘର୍ଷେ କି ଲାଭ ?

ଜୀବନର ଆଉ ଏକ ପରିଭାଷା
ସଂଘର୍ଷ ବୋଲି ସେ ଜାଣ
ସଂଘର୍ଷ ନ ଥିଲେ ଜୀବନଟା ସତେ
ମରୁ ମରୀଚିକା ସମ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଦେବଦୂତ



## ଦୀନବନ୍ଧୁ ବେଜ

ଜୀବନର ଦୋଛକି ମଧରେ ଝୁଲି ରହିଥିଲା ସୁବାଷଙ୍କ ଅବସ୍ଥା । ସବୁ ଭରଷା ତୁଟିଗଲା ପରେ ଠାକୁରଙ୍କୁ ହାତ ଟେକିଦେଲା ପରି ସବୁ ତାଙ୍କ ଉପରେ ଛାଡ଼ି ଦେଇଥିଲେ ସେ । କିଛି କଥା ଯେପରି ଜୀବନସାରା ମନେ ରହିଯାଏ ଠିକ ସେମିତି ଗୋଟିଏ ଘଟଣା ଘଟି ସ୍ମରଣୀୟ ହେବାକୁ ଯାଉଥିଲା ସୁବାଷଙ୍କ ଜୀବନରେ ।

ସୁବାଷଙ୍କର ଏବେ କେବଳ ହରିଙ୍କ ଉପରେ ଭରଷା କରିବା ଛଡ଼ା ଆଉ କିଛି ଉପାୟ ହିଁ ନଥିଲା । ସେ ତ୍ରାହି ମାଁ ଜଗଦିଶ ରଖେ ଭଜି ଭଜି ବେହାଲ ହେଲେଣି । କିନ୍ତୁ ଜଗଦିଶ କିଛି କରୁ ନାହାଁନ୍ତି, ସେ ବି ଜଗଦିଶଙ୍କୁ ଛାଡିବା ଲୋକ ନୁହେଁ । ଏମିତି ଏକ ସ୍ଥିତିରେ ଭକ୍ତ ଭଗବାନଙ୍କ ଛକାପଞ୍ଝା ହେବାର ଅବସ୍ଥା ସୃଷ୍ଟି ହୋଇ ଯାଇଥାଏ ।

ସେ ଆଗକୁ ଆଗକୁ ବଢ଼ି ଚାଲିଥାନ୍ତି ସିନା ତାର ଆଦ୍ୟ ବିନ୍ଦୁର ଠିକଣା ପରି ପ୍ରାନ୍ତବିନ୍ଦୁ ଯେ ସୀମାହୀନ ସେ କଳନା କରିପାରି ନଥାନ୍ତି । ଓ ଏମିତି ଗୋଟିଏ ତ୍ରିଶଙ୍କୁ ଅବସ୍ଥାରେ ଥାଆନ୍ତି ସୁଭାଷ, ଗୋଟିଏ ବୋଲି ଝିଅ ସୁଶିଳା, ପାଠ ଯେମିତି ସାଠ ସେମିତି, ରୁପ ଯେମିତି ଗୁଣ ସେମିତି । ଝିଅର ରୂପ, ଗୁଣ ଏବଂ ଆଚାର ବ୍ୟବହାରରେ ସନ୍ତୁଷ୍ଟ ବନ୍ଧୁବାନ୍ଧବ ମାନେ ତାର ଏତେ ଗୁଣଗାନ କରିଛନ୍ତି ଯେ ବିନା ଖୋଜା ଖୋଜିରେ ପୁଅ ପାର୍ଟି ଆସି ହାଜର । ଆମକୁ କିଛି ଦେବାକୁ ପଡିବ ନାହିଁ ଝିଅ ଖାଲି ଦରକାର । ଖାଲି ହଁ କହିବାଟା ବାକିରଖି ସୁଭାଷ ପନ୍ଦର ଦିନ ଗଡାଇ ସାରିଲେଣି । ପାଖରେ ଅଧଲାଟିଏ ନାହିଁ ସେ କେଉଁ ସାହାସରେ ଏତେ ବଡ଼ ନିଷ୍ପତ୍ତି ନେବେ ଯେ । ପିଲାଙ୍କୁ ପାଠ ପଢ଼ଉ ପଢ଼ଉ, ପେଟ ପାଇଁ ଦାନା ସଂଗ୍ରହ କରୁ କରୁ, ଯୁବକରୁ କେତେ ବେଳେ ପ୍ରୌଢ଼ ହୋଇଯାଇଥିଲେ ସେ ନିଜେ ଜାଣି ପାରିନାହାଁନ୍ତି । ମୁଣ୍ଡରେ ଗୋଟେ ଗୋଟେ ପାଚିଲା ଚୁଟି ବାହାରକୁ ବାରି ହୋଇ ପଡୁଥାଏ । ସ୍ତ୍ରୀ କହିଲେ ଚୁଟିକୁ କଳା ରଙ୍ଗ କରି ଦଉନ ମୋଟୁରୁ ଭଲ ଦିଶୁନି, ଅଶୁଣା ହୋଇ ସୁବାଷ ଝିଅ ସୁଶିଳାକୁ ଡ଼ାକ ପକାଇଲେ, ସୁଶିଳା ... ସୁଶିଳା ... ମା' ରେ ମୋ ମୁଣ୍ଡରୁ ପାଚିଲା ଚୁଟି ଦିଟା ଉପାଡ଼ି ଦେଲୁ, ମୁଣ୍ଡଟା ଖାଲି କୁଣ୍ଡେଇ ହେଉଛି ।

ଝିଅ ଭାଷଣ ମାରିବା ଆରମ୍ଭ କରିଦେଲା, ବାପା ଚୁଟି ଉପାଡ଼ିବା ଦରକାର ପଡ଼ିବନି, ଚ଼ିରେଇତା କାଠି ଓ ମଂଜୁଆତି ପତ୍ର ବାଟି ତା' ସହିତ ନଡ଼ିଆ ତେଲ ମିଶାଇ ଲଗାଇଲେ ଚୁଟି ସବୁ କଳା ହୋଇଯିବ, ମୁଁ ଏହା ପରା ୟୁଟୁବରେ ଦେଖିଛି ।

ଅଜଣା ନମ୍ବରରୁ ହଠାତ ଫୋନ ବାଜି ଉଠିଲା, ଫୋନ ଉଠାଇଲେ ସୁବାଷ ବାବୁ ।

ହାଲୋ - ଆମେ ସେ ପୁଅ ଘର ତରଫରୁ କହୁଥିଲୁ ସୁବାଷ ବାବୁ, କଣ ବୁଝିଲେ, କିଛି କହିଲେ ନାହିଁ ଯେ ?

ପାତ୍ର ଘରର ବାରମ୍ବାର ଫୋନକୁ ଅଣଦେଖା କରୁଛନ୍ତି ସେ । ସୁନା ଦର ଆକାଶ ଛୁଆଁ, ଭରି ପଚ଼ସ୍ତରୀ ହଜାର ଛୁଇଁବା ଉପରେ, ଶିକ୍ଷିତ ହୋଇ ମଧ ଚାକିରୀରୁ ବଂଚିତ ହୋଇଛନ୍ତି ସୁବାଷ ବାବୁ, ବୟସ ଥିଲା ବେଳେ ଅନେକ ଚେଷ୍ଟା କରିଛନ୍ତି ମାତ୍ର ଅସଫଳ ତ ଭାଗ୍ୟରେ ଲେଖାଅଛି, ଶେଷରେ ନିଷ୍ପତ୍ତି ନେଲେ ବାହାରକୁ ଯିବେ, ଛୁଆ ପିଲାଙ୍କୁ ଛାଡ଼ି ଯିବାକୁ ଇଚ୍ଛା ନଥିଲେ ବି ମନକଥା ମନରେ ମାରି ପିଲାଙ୍କ ଛବି ହୃଦୟରେ ଅଙ୍କନ କରି ଏକ ମୁହାଁ ହୋଇ ସେ ସୁଦୂର ସୁରତ ଯାଇଥିଲେ, ସେଠାରେ ତାଙ୍କୁ ଆଠ ଦଶ ବର୍ଷ ବଡ଼ ମେହନତି କରିବାକୁ ପଡ଼ିଛି । ଦିନ ରାତ୍ରି ଏକ କରି କାମ କରିଛନ୍ତି ସେ, ମେସିନରେ ସୁତା ଭିଣିଛନ୍ତି, ସୁତାରୁ ସୁନ୍ଦର ସୁନ୍ଦର ଲୁଗା ବୁଣିଛନ୍ତି, ମାତ୍ର ନିଜ ପରିବାରକୁ ନିକଟରେ ଥାଇ ସୁନ୍ଦର ପରିବାର ଗଢ଼ିବାର ସ୍ୱପ୍ନରୁ ବଂଚିତ ହୋଇଛନ୍ତି, ମାଲିକଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି, ଶ୍ରମିକରୁ ସୁପରଭାଇଜର କାମ କରିଛନ୍ତି, ଗୋଟିଏ ଟଙ୍କା ହାତରେ ନରଖି ମାସକୁ ମାସ ପଠାଇଛନ୍ତି ପରିବାର ଚ଼ଳିବା ପାଇଁ, ପିଲାଙ୍କ ଭଲ ମନ୍ଦ ଓ ମହିଳା ଗୋଷ୍ଠୀ ଋଣ ପରିଶୋଧ ପାଇଁ, ସବୁତ ଠିକ୍ ଠାକ୍ ଚାଲିଛି ଆଉ କିଛି ବର୍ଷ କାମ କରିବେ, ଝିଅ ବଡ଼ ହେଲାଣି ତା' ପାଇଁ କିଛି ଟଙ୍କା ରଖି ଦେଲେ ଆଉ ସମସ୍ୟା ରହିବ ନାହିଁ ।

ମାତ୍ର ମହାମାରୀ କରୋନା ଯେ ସବୁ ବିଗାଡ଼ି ଦେବ ଏକଥା ସୁବାଷ ବାବୁ କଳ୍ପନା କରି ନଥିଲେ । ହଠାତ୍ ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇ ଯାଇଥିଲା ତାଙ୍କର । ଦାଦନ ଜୀବନ ଯେ କେତେ କରୁଣ ସେଦିନ ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଚାଲି ଚାଲି ପାଦରେ ଅନେକ ରାସ୍ତା ଅତିକ୍ରମ କରିଛନ୍ତି ଲାଇନ ଟ୍ରକରେ ଅନେକ ବାଟ ଆସିବାକୁ ପଡ଼ିଛି, ରେଳରେ ମାଲ ଭଳି ବଡ଼ କଷ୍ଟରେ ନିଜ ରାଜ୍ୟ ଓଡ଼ିଶାରେ ସୌଭାଗ୍ୟ ବଶତଃ ପହଞ୍ଚି ପାରିଥିଲେ ସେ ସମୟରେ । ଜୀବନ ବଂଚିଯିବାର ଖୁସିରେ ବିଭୋର ହେଉଥିବା ବେଳେ ଭୂଲି ଯାଇଥିଲେ ଝିଅଟେ ବଢ଼ିଲେ ତା ବିବାହ ପାଇଁ ଏତେ ଟଙ୍କା ଯେ ସୁରତରୁ ବ୍ୟବସ୍ଥା କରିବାକୁ ସେ ଯୋଜନ କରି ସାରିଥିଲେ ବୋଲି, ପତ୍ନୀଙ୍କର ଏକାଜିଦ୍ ଆଉ ଜିବାକୁ ହେବନି ସୁରତ । ମୁଁ ତ ମହିଳା ଗୋଷ୍ଠୀମାନଙ୍କ ମୁଖ୍ୟ ହେଲିଣି । ସରକାର କହିଛନ୍ତି କିଛି ପଇସା ଦରମା ଆକାରରେ ମିଳିବ, ଋଣ ମିଳୁଛି ସେଥିରୁ କିଛି କରିବା । ସେହି ଭରସାରେ ଗାଁ ରହିଗଲେ ସୁବାଷ, ହଜିଗଲେ ପତ୍ନୀପ୍ରେମ ଓ ପିଲାଙ୍କ ଶ୍ରଦ୍ଧାରେ । ଚାହୁଁ ଚାହୁଁ ପାଞ୍ଚ ବର୍ଷ ଅତିକ୍ରମ ହୋଇ ଯାଇଛି, ପାଞ୍ଚଟି ନିଦାଘ ଯାଇଛି, କିନ୍ତୁ ତାତି ଜାଣି ପାରିନାହାଁନ୍ତି ସେ ପତ୍ନୀଙ୍କ ସହଯୋଗ ଓ ପୈତୃକ ସଂପତ୍ତିର ଚାଷବାଷ ଯୋଗୁଁ । ସଂଧ୍ୟା ସମୟରେ ଗାଁ ପିଲାଙ୍କୁ ଟିୟୁସନ ପାଠପଢ଼ା ସହିତ କିଛି ମହିଳା ଗ୍ରୁପ ମାନଙ୍କର ଖାତା କାଗଜ ବ୍ୟାଙ୍କ ଅଫିସ୍ ବୁଝୁ ବୁଝୁ ଦିନ ଗଡ଼ି ଯାଇଛି ତାଙ୍କର । ମାତ୍ର ଝିଅଟିଏ ବିବାହ କଲେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ପଡ଼େ ଏକଥାକୁ ପାଶୋରି ଦେଇଛନ୍ତି ସୁବାଷ । ଝିଅର ଏବେ ଏବେ ସ୍ନାତକ ସରିଛି, ସୁନ୍ଦରୀ ସୁଶୀଳା ପାଇଁ ଗାଁ ରେ ନାଁ ଡ଼ାକ । ଝିଅର ବିବାହ ବୟସ ହୋଇ ଗଲାଣି, ପୁଅ ବାଲା ଅନେକ ଆସିବେ, ବାହାଘର ପାଇଁ ଅସ୍ତବ୍ୟସ୍ତ କରି ଦେବେ ବୋଲି ତାଙ୍କର ଚ଼ିନ୍ତାରେ ବାହାର ।

କିନ୍ତୁ ବନ୍ଧୁବାନ୍ଧବ ସୁପାରିସରେ ପାତ୍ର ଘର ଆସି ସୁବାଷ ବାବୁଙ୍କୁ ଏବେ କଲ କରୁଛନ୍ତି । ରାତ୍ରିର ନିଦ ଆଖିରୁ ଉଭାନ ହୋଇ ଯାଇଛି ତାଙ୍କର, ବାକି ରହିଛି ଶରୀରରେ ଜୀବନ । ପତ୍ନୀଙ୍କ ନାନା ପରାମର୍ଶ ତାକୁ କାଲା ଆଗରେ ମୂଳା ଚୋବାଇବା ସମ ଲାଗୁଛି ଏବେ ଏବେ । ଯେଉଁ ପତ୍ନୀ ବିଦେଶରୁ ଆସିଲାବେଳେ ନ ଯିବା ପାଇଁ ଅଡ଼ିଧରି ବସିଥିଲେ ସେ ସ୍ୱର ଏଇନେ ଆଉ ନାହିଁ କି ସେ ସହାନୁଭୂତି ନାହିଁ ।

ଏମିତି ଏକ ସମୟରେ ହଠାତ ସୁଭାଷଙ୍କ ରକ୍ତଚାପ ହାଇ ହୋଇଗଲା, ସେ ଗୋଡ଼ ହାତ ବିଛଣାରେ ଛାଟିପିଟି କରି ପଡ଼ି ରହିଥାନ୍ତି । ଖାଲି ଆଖି ଦୁଇଟାକୁ ଡ଼ବ ଡବ କରି ଏକୁ ତାକୁ ଅନାଉଥାନ୍ତି ।

ପତ୍ନୀ ଅଂଜନାଙ୍କର ମୁଣ୍ଡ କାମ କରୁ ନଥାଏ ସେ ବଡ଼ ଚ଼ିନ୍ତାରେ ପଡ଼ିଯାଇଥାଏ, ମହେନ୍ଦ୍ର ଅଟୋକୁ ଫୋନ ଲଗାଇବାକୁ ଝିଅକୁ କହିଲେ, ଝିଅ ମହେନ୍ଦ୍ରକୁ ଫୋନ ଲଗାଇଲା, ସେପଟରୁ ଫୋନ ନଟ ରିଚ଼େବୁଲ କହିଲା, ବୋଧେ ଆଉଟ ଅଫ ଷ୍ଟେସନ । ସୁଖ ସମୟରେ ସବୁ ଠିକ୍ଠାକ ଦୁଃଖ ବେଳରେ ସବୁ ଓଲଟା, କଣ କରାଯିବ କାହାରି ମୁଣ୍ଡ କାମ କରୁ ନଥାଏ, ଡ଼ାକ୍ତରଖାନା ଏଇଠୁ ପାଞ୍ଚ ମାଇଲ ଯେମିତି ହେଲେ ସ୍ୱାମୀଙ୍କୁ ଡ଼ାକ୍ତରଖାନା ପହଞ୍ଚାଇବାକୁ ହେବ, ହଠାତ ମୋବାଇଲ୍ ରିଙ୍ଗ ହେଲା, ଝିଅ ସୁଶିଳା ଉଠାଇଲା, ଅପର ପାର୍ଶ୍ୱରୁ ଗମ୍ଭୀର ସ୍ୱର କିଏ ଅଞ୍ଜନା କହୁଥିଲେ .... ?

ବୋଉ ଫୋନ ନେ କିଏ ଫୋନ କରିଛନ୍ତି ।

ଅଞ୍ଜନା ଫୋନ ଧରୁ ଧରୁ ଚ଼ଡ଼ା ଗଳାରେ ଫୋନ ଆସିଲା -ଆଜି ଆପଣଙ୍କ କ୍ଲଷ୍ଟର ମିଟିଂ, ଆପଣ ଅଂଚଳର ସଭା, ଏ ପର୍ଯ୍ୟନ୍ତ ପହଞ୍ଚି ନାହାଁନ୍ତି କେମିତି ମାଡ଼ାମ ?

- ମୋ ସ୍ୱାମୀଙ୍କ ଦେହ ଖରାପ ମେଡ଼ିକାଲ ନେବାକୁ ପଡ଼ିବ, କାକୁତି ମିନତି ହୋଇ ଅଂଜନା କହିଲେ ।

- ଏଠି ମୁଁ ମୋ ବସ୍‌ଙ୍କ ଠାରୁ ଗାଳି ଶୁଣୁଛି, କିଛି ଶୁଣା ହେବନି ।

ସାଙ୍ଗେ ସାଙ୍ଗେ ଫୋନ କଟିଗଲା

ଥମ କରି ବସି ପଡ଼ିଲେ ଅଂଜନା,

ସ୍ୱାମୀଙ୍କୁ ଏପରି ଅବସ୍ଥାରେ ଛାଡ଼ି ସେ କିପରି ଯାଇ ପାରିବେ ?

ନିରବରେ ଭାବୁଥିଲେ ଅଂଜନା

-କଣ ହେଲା ବୋଉ ?

ସୁଶୀଳା ପଚ଼ାରିଲା

ସ୍ୱାମୀଙ୍କର ଉଃ ଆଃ ଶବ୍ଦ କାନରେ ବାରମ୍ବାର ବାଜୁଥାଏ ।

କାନରେ ବାଜୁଥାଏ ଫିଲ୍ଡ ସୁପର ଭାଇଜରଙ୍କ ଶବ୍ଦ 'କିଛି ଶୁଣା ଯିବନି' ।

ପାଦ ଆପେ ଚାଲିଲା ବାହାରକୁ ହାତରେ ଦୋଳି ଭଳି ଝୁଲୁଥିଲା ଭେନିଟ୍, ଋଣରେ ସରକାର ଦେଇଥିବା ସ୍କୁଟି ଷ୍ଟାଟ ହେଲା, ଗାଡ଼ି ଆଗକୁ ଆଗକୁ ଗଡ଼ିଲା,

ଝିଅ ଅବାକ୍ ..., ସ୍ୱାମୀଙ୍କ ଆଖିର ଲୁହ ଧାରଟିଏ ଗଡ଼ିଗଲା ଅମାନିଆ ହୋଇ ।

ଝିଅ ଧିକାର କରୁଥିଲା ମା'ଙ୍କୁ ତୋତେ ଲଜ୍ୟା ନାହିଁ ଲୋ ବୋଉ, ବାପାଙ୍କୁ ଏହିପରି ଅବସ୍ଥାରେ ଛାଡ଼ି ଯାଉଛୁ । ଏମିତି ତୋ ମିଟିଂ ବଡ଼ ହୋଇଗଲା ।

ଝିଅର ହାତକୁ ଜାବୁଡି ଧରି ଥିଲେ ସୁବାଷ ବାବୁ ।

ଝିଅ ବାପାଙ୍କର ପେଟ ଉପରେ ମୁଁହ ରଖି କଇଁ କଇଁ ହୋଇ କାନ୍ଦି ଉଠିଲା ।

ରାସ୍ତାରେ କୁଜି ନେତା ମାନଂକର ପଇଁତରା, କର୍କଶ ଶବ୍ଦରେ ସ୍ଲୋଗାନ ଶୁଭୁଥିଲା- ଜିତିବରେ ଜିତିବ ଅମକେଇ ଚ଼ିହ୍ନ ଜିତିବ, ଜିତିବରେ ଜିତିବ ସମକେଇ ଭାଇ ଜିତିବ, ପରିବେଶ ଶାନ୍ତ ପଡ଼ି ଯାଇଛି, ବୋଧେ ରାଲି ଚାଲି ଯାଇଛି, ଝାଞ୍ଜି ପବନ ନିରବି ଯାଇଥିବାରୁ ଗଛଲତା ପତ୍ର ମଧ ସ୍ଥିର ହୋଇ ଯାଇଛନ୍ତି ।

ହଠାତ ମୋବାଇଲ ରିଙ୍ଗ ହେଲା । ସୁଶୀଳା ଫୋନ ଉଠାଇଲା

ହାଲୋ -କିଏ କହୁଥିଲେ,

- ଆପଣ କିଏ କହୁଛନ୍ତି ?

- ମୁଁ ସୁଶିଳା

- ବାପା ନାହାଁନ୍ତି କି ?

- ହଁ ଯେ ବାପାଙ୍କ ଦେହ ଭୀଷଣ ଖରାପ, ସେ କଥା ହୋଇ ପାରିବେନି ।

- କଣ ହୋଇଛି ତାଙ୍କର ?

- କହି ପାରିବିନି। ଯନ୍ତ୍ରଣାର ଛଟପଟ ହେଉଛନ୍ତି, ଅଟୋ ବାଲାକୁ ଫୋନ କରି ସାରିଲୁଣି ଡ଼ାକ୍ତରଖାନା ନେବାକୁ ମାତ୍ର ନଟ ରିଚେବୁଲ ଦେଖଉଛି ।

- ଓହୋ ... ଠିକ ଅଛି, ଚ଼ିନ୍ତା କରନି, ଆମେ ପହଞ୍ଚୁଛୁ ।

ସୁଶିଳା କିଛି ବୁଝି ପାରୁନଥାଏ । କିଏ ଏ ଲୋକ ଚ଼ିହ୍ନା ସ୍ୱର ଜଣାପଡୁ ନାହିଁ । ଗୋଟେ ଅଡୁଆ ସୂତାର ଖିଅ ବାହାର କରିବା ପାଇଁ ତା ମୁଣ୍ଡ ଚ଼କର କାଟୁଥିଲା, ସିଏ ଯିଏ ହେଉ ଏ ସମୟରେ ବାପାଙ୍କ ପାଇଁ ନିହାତି ସହଯୋଗ ଦରକାର ।

ହଠାତ୍ ଦାଣ୍ଡ ଦୁଆରରେ ଅଟୋ ଷ୍ଟାଟ ବନ୍ଧହେବାର ଶବ୍ଦ ଶୁଭିଲା, ସୁଶିଳା ବାହାରକୁ ଯାଇ ଦେଖିଲା, କେତେ ଜଣ ଅଚ଼ିହ୍ନା ଭଦ୍ରଲୋକ ଆସିଛନ୍ତି, ସେ ଗୋଟିଏ ଅଜ୍ଞାତ ସୂଚ଼କ ପ୍ରଶ୍ନବାଚକ ଭିତରେ ଅଟକି ଯାଇଥିଲା କିଛି ମୂହୁର୍ତ୍ତ ପାଇଁ ।

- ଏଇଟା ସୁବାଷ ବାବୁଙ୍କ ଘର ତ ?

- ହଁ

- କଣ ହୋଇଛି ସୁବାଷ ବାବୁଙ୍କର ?

ଅଜାଣତରେ ଦୁଇ ଟୋପା ଲୁହ ସୁଶୀଳା ଆଖିରୁ ଝରି ପଡ଼ିବା ଭିତରେ ସେ ବାପାଙ୍କ ଶଯ୍ୟା ପାଖକୁ ଅଜଣା ଅତିଥିଙ୍କୁ ଆଡ଼େଇ ନେଲା ।

ସେତେ ବେଳକୁ ସୁବାଷ ବାବୁ ସଂଜ୍ଞାହୀନ ହୋଇ ସାରିଥାନ୍ତି ।

ସୁବାଷ ବାବୁ.....

ଆଉ ବିଳମ୍ବ ନକରି ଆସିଥିବା ଅତିଥି ଓ ସୁଶୀଳା ସୁବାଷ ବାବୁଙ୍କୁ ଧରାଧରି କରି ଅଟୋ ଉପରକୁ ନେଇଗଲେ ।

ଜଣେ ବୟସ୍କ ଲୋକ ସୁଶିଳା ମୁଣ୍ଡରେ ହାତ ମାରି କହିଲା- ମା' ତୁ ଚିନ୍ତା କରନା, ତୋ ବାପାର କିଛି ଅସୁବିଧା ହେବନି ।

- ମା କୁଆଡ଼େ ଗଲେ ?

- ବଜାରକୁ ଯାଇଛନ୍ତି ।

ହଉ ଘର ଚାବି ପକା, ଚାଲ ତୋ ବାପାଙ୍କୁ ଡ଼ାକ୍ତରଖାନାକୁ ନେଇକି ଯିବା ।

ଗାଡ଼ି ଷ୍ଟାଟ ହେଉ ହେଉ ଅଂଜନା ଆସି ହାଜର ହୋଇଗଲେ, ମୁଖ ମଣ୍ଡଳ ଗମ୍ଭୀର ଥିଲା, ସାଥିରେ ସ୍କୁଟି ନଥିଲା, ବୋଧେ କାହା ସହ ଲିଫ୍ଟରେ ଆସିଥିଲେ ।

ସୁଶୀଳା ... ସୁଶୀଳା ...ବାପା କାହାନ୍ତି, ମୁଁ ଅଟୋ ବାଲାକୁ କହିଛି ସେ ଆସୁଥିବ, ଏମାନେ କିଏ ?

ଏକା ଲୟରେ ସବୁ କଥା ମା'ଙ୍କୁ କହିଗଲା ସୁଶିଳା ।

ଅନ୍ୟ ଅଟୋଟିକୁ ଅପେକ୍ଷା ନକରି ସମସ୍ତେ ଏକା ସାଙ୍ଗର ସେଥିରେ ଡ଼ାକ୍ତରଖାନା ଅଭିମୁଖେ ଚ଼ାଲିଲେ ।

ସାଙ୍ଗେ ସାଙ୍ଗେ ଆଡ଼ମିସନ କରିଦେଇ ଡ଼ାକ୍ତର ଖାନାରେ ।

ଡ଼ାକ୍ତର ବାବୁ କହିଲେ ଆଉ କିଛି ସମୟ ବିଳମ୍ବ କରିଥିଲେ ଲୋକଟି ବଂଚ଼ିନଥାନ୍ତା ।

ଚିକିତ୍ସା ଆରମ୍ଭ ହୋଇଗଲା ସଂଧ୍ୟା ସୁଦ୍ଧା ହୋସ ଫେରିଲା ଆସ୍ତେ ଆସ୍ତେ ସୁସ୍ଥ ହେଲେ ସୁବାଷ ବାବୁ, ଲୋକଙ୍କ ଚିହ୍ନିବାକୁ ଚେଷ୍ଟା କଲେ ସେ । ଅଚ଼ିହ୍ନା ନୁହେଁ ଥରେ ଏମାନେ ଆସିଥିଲେ, ସେଦିନ ସୁଶୀଳା ନଥିଲା କଲେଜ ଯାଇଥିଲା ସାର୍ଟିଫିକେଟ ଆଣିବା ପାଇଁ / ଅଂଜନା ବ୍ଲକ ଅଫିସ ଯାଇଥିଲେ ସଂଘ କାର୍ଯ୍ୟରେ, ବାହାଘର ପାଇଁ ଅନେକ ଥର ଫୋନ କରିଥିଲେ, ନିରବ ରହିଥିଲେ ସୁବାଷ ଆଜି ଏ ସମୟରେ ଡ଼ାକ୍ତରଖାନାରେ, ବିଛଣାରୁ ଥାଇ ହାତ ଯୋଡ଼ିବା ମୁଦ୍ରାରେ ନମସ୍କାର କଲେ ସୁବାଷ ବାବୁ ।

କିଛି ଅସୁବିଧା ହେବନି, ଆମେ ପହଞ୍ଚି ଯାଇଛୁ ନା । ବାବୁ ଅଂଜନାଙ୍କୁ ସବୁ କଥା କହିଲେ ଅଜଂନା ବି ନମସ୍କାର କଲେ ଭଦ୍ରବ୍ୟକ୍ତି ମାନଙ୍କୁ,

ସୁବାଷ ବାବୁ ସୁସ୍ଥ ହୋଇ ଯିବାର ଦେଖି ଡ଼ାକ୍ତର ବି କିଛି ଔଷଧ ଲେଖି ଡ଼ିସଚାର୍ଜ ଅର୍ଡ଼ର ଲେଖି ଦେଲେ ।

ସେହି ଅଟୋରେ ସମସ୍ତେ ଘର ମୁହାଁ ହେଲେ । ଅନ୍ଧାର ହୋଇ ଆସିଲାଣି, ଚ଼ାରି ଆଡ଼େ ଷ୍ଟ୍ରୀଟ ଲାଇଟର ଆଲୋକ ମାଳାରେ ସହର ଝଲମଲ ହେଉଥାଏ, ସୁଶୀଳା କପାଳରେ କିନ୍ତୁ ଗୋଟିଏ ପ୍ରଶ୍ନବାଚୀର ରେଖା ଚିହ୍ନ ସ୍ପଷ୍ଟ ବାରି ହୋଇ ପଡୁଥାଏ ।

ଗାଡ଼ି ଘରେ ପହଞ୍ଚିଲା, ସମସ୍ତେ ଘରକୁ ପ୍ରବେଶ କଲେ, ସମସ୍ତଙ୍କ ପାଇଁ ଚାହା କରି ଆଣିବାକୁ ସୁଶୀଳାକୁ ଅଂଜନା କହିଲେ ।

ସୁଶୀଳା ଭିତରକୁ ଚାଲିଗଲା ।

ସୁବାଷ ବାବୁ ଭଦ୍ରବ୍ୟକ୍ତିଙ୍କ ହାତ ଧରି ଭୋ ଭୋ ହୋଇ କାନ୍ଦି ପକାଇଲେ, ଆପଣ ନ ଆସିଥିଲେ ହୁଏତ ମୁଁ ବଂଚ଼ି ନଥାନ୍ତି ।

ଏମିତି କହନ୍ତୁ ନାହିଁ, ଆପଣଙ୍କୁ ବାରମ୍ବାର ଫୋନ କରି ଉତ୍ତର ନ ପାଇବାରୁ ବାଧ ହୋଇ ଅଟୋ ଧରି ବାହାରି ପଡ଼ିଲୁ, ବଜାର ପାଖାପାଖି ହେବା ପରେ ମୁଁ ଫୋନ କଲି, ଝିଅ ଫୋନ ଧରି ସବୁ କଥା କହିବାରୁ ଆମେ ବ୍ୟସ୍ତ ହୋଇ ମନସ୍ଥ କଲୁ ଆପଣଙ୍କୁ ଡ଼ାକ୍ତର ଦେଖାଇବୁ ବୋଲି, ପରେ ଅନ୍ୟ କଥା । ଭଦ୍ରବ୍ୟକ୍ତିଙ୍କ ମୁହଁରୁ ଏକଥା ଶୁଣି ଅଂଜନାଙ୍କର ଆଖି ଛଳ ଛଳ ହୋଇଗଲା, ସେ କହିଲେ ଦେଖନ୍ତୁ ଆମେ ଗ୍ରୁପରେ ଦାୟିତ୍ୱ ନେଲୁ ବୋଲି ମୁଣ୍ଡ ବିକି ଦେଇନାହୁଁ, ସ୍ୱାମୀଙ୍କ ଠାରୁ ତୁମ ମିଟିଂ ବଡ଼ ନୁହେଁ, ବ୍ଲକ ଅଫିସ ଯାଇ ରୋକଠୋକ ଝାଡ଼ି ଦେଲି ଅଫିସରଙ୍କୁ । ସ୍କୁଟି ଫୁଟି ଫିଙ୍ଗି ଆସୁଥିଲି, ଗାଁ ପିଲାଟିଏ ଗାଁକୁ ଆସୁଥିଲା, ଅଟୋଟିଏ ଠିକ୍ କରି ତା ସହିତ ଆସି ପହଞ୍ଚିଲା ବେଳକୁ ତ ଆପଣ ମାନେ ଆସି ପହଞ୍ଚି ଯାଇଛନ୍ତି ।

- ଯା ହେଉ ଭଗବାନ ଆପଣଙ୍କୁ ବନ୍ଧୁ ନୁହେଁ ଦେବଦୂତ କରି ପଠାଇଲେ ମୋ ସଂସାରକୁ ବଂଚ଼ାଇବା ପାଇଁ ।

-ଠିକ ଅଛି ଏବେ ମୋ କଥା ଶୁଣିବେ ତ ?

ଭଦ୍ରବ୍ୟକ୍ତି ଜଣକ କହିଲେ,

-ହଁ କୁହନ୍ତୁ । ସୁବାଷ ବାବୁ କହିଲେ ।

ଆଜି ଠାରୁ ତୁମ ଝିଅକୁ ଆମର ବୋହୂ ବୋଲି ସ୍ୱୀକୃତି ଦିଅନ୍ତୁ, ଟଙ୍କାଟିଏ ଖର୍ଚ୍ଚ କରିବେନି, ମୁଁ ସବୁ ଖର୍ଚ୍ଚ କରି ଆମ ବୋହୁକୁ ନେଇଯିବି । ମୋ ପୁଅ ରୋକଠୋକ୍ କହି ଦେଇଛି, ଡାଉରୀକୁ ନାଁ ।

ଅପ୍ରତ୍ୟାଶିତ ଭାବରେ ଏପରି କଥା ପୁଅଘର ତରଫରୁ ଶୁଣିବେ ବୋଲି ଆଶା କରି ନଥିଲେ ସେମାନେ । ସ୍ୱାମୀ ସ୍ତ୍ରୀ ଏକ ସ୍ୱରରେ 'ହଉ' ବୋଲି କହିଲେ । ଏହି ସମୟର ସୁଶିଳା ଚାହା ଧରି ପ୍ରବେଶ କରୁଥିଲା । ହଠାତ କଟି ଯାଇଥିବା ବିଜୁଳି ଆଲୁଅ ଆସିଲା । ଘରଟିରେ ଏକ ଚମକ ଭରିଗଲା ପରି ଲାଗିଲା । ସୁଶିଳା ସମସ୍ତଂକ ଉଦ୍ଦେଶ୍ୟ ଚାହା ଦେଇ ମୁଣ୍ଡିଆ ମାରି ମୁରୁକି ହସି ସେଠାରୁ ପ୍ରସ୍ଥାନ କଲା ।

+ ସଂପାଦକ, ଜାତୀୟ କବି
ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ,
ଓଡ଼ିଶା-୭୫୬୧୨୫
ମୋ:-୭୬୮୩୯୨୦୨୨୨

# ସମୟର ଆରପାଖେ

## ପ୍ରଣତି ଆଚାର୍ଯ୍ୟ ମିଶ୍ର





ମନୋଜ ଭାଇ ଆଉ ନାହାନ୍ତି । ବଡ଼ଭାଇ ଫୋନ୍ କରି ଜଣାଇଲେ । ଏହା ଶୁଣିଲା ପରେ ଅମ୍ରିତା ଅଜବ ପରିସ୍ଥିତିରେ ପଡ଼ିଥିଲେ । ସେ ସମ୍ପୂର୍ଣ୍ଣ ଦୁଃଖିତ ହେଉ ନଥିଲେ କି ଆଶ୍ୱସ୍ତି ପାଇନଥିଲେ । ଗୋଟିଏ ପଟେ ସେ ତାଙ୍କ ଦୁଃଖଦ ଜୀବନକୁ ମନେ ପକାଇ ନିଜ ଦୁଃଖରୁ ମୁକ୍ତି ପାଇଛନ୍ତି ବୋଲି ଭାବୁଥିବା ବେଳେ ଅନ୍ୟପଟେ ତାଙ୍କର ସୁଖମୟ ଦିନ ଓ ଯନ୍ତ୍ରଣାଦାୟକ ଯାତ୍ରାକୁ ମନେ ପକାଇ ହୃଦୟ ଗଭୀର ଦୁଃଖରେ ବୁଡ଼ି ଯାଉଥିଲା । ମନୋଜ ଭାଇ ଅମୃତାଙ୍କ ବାପଘର ପଡୋଶୀ । କହିବାକୁ ଗଲେ ପଡୋଶୀ ଭାଇ ହେବେ । ଚାରି ଭାଇ ଭଉଣୀଙ୍କ ମଧ୍ୟରୁ ସେ ସବୁଠାରୁ ସାନ ସୁନ୍ଦର ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ଥିଲେ । ଗାଁରେ ତାଙ୍କର ସବୁଠାରୁ ଧନୀ ପରିବାର ଥିଲା । କୌଣସି ଜିନିଷର ଅଭାବ ନଥିଲା । ସବୁଠାରୁ ସାନ ହୋଇଥିବାରୁ ମନୋଜ ଭାଇଙ୍କ ବାପା, ମା ତାଙ୍କୁ ବହୁତ ଭଲ ପାଉଥିଲେ । ତାଙ୍କ ଜୀବନ ଜଣେ ରାଜକୁମାର ଭଳି ଥିଲା । ସେ ତାଙ୍କ ମା'ଙ୍କର ଅତି ନିକଟତର ଥିଲେ । ପରିବାରରେ ସବୁକିଛି ଗତାନୁଗତିରେ ଚାଲିଥିଲା । ହଠାତ୍ ଦିନେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପୂରା ପରିବାର ପାଇଁ ଆଶ୍ଚର୍ଯ୍ୟଜନକ ଥିଲା, କିନ୍ତୁ ମନୋଜ ଭାଇ ବୋଧହୁଏ ହୃଦୟରେ ଏତେ ଶକ୍ତିଶାଳୀ ନଥିଲେ । ମା'ର ମୃତ୍ୟୁ ତାଙ୍କ ମନକୁ ଅସନ୍ତୁଳିତ କରିଦେଇଥିଲା । କୁହାଯାଏ ବାପା ନଥିଲେ ମା' ନିଜ ପିଲାଙ୍କୁ ଉଭୟ ପିତାମାତାଙ୍କ ସ୍ନେହ ଦେଇପାରନ୍ତି, କିନ୍ତୁ ବୋଧହୁଏ ବାପା ତାହା କରିପାରନ୍ତି ନାହିଁ । ଏହାର ଜୀବନ୍ତ ଉଦାହରଣ ଥିଲେ ମନୋଜ ଭାଇ । ସମସ୍ତ ବଡ଼ ଭାଇ ଭଉଣୀ ଉଚ୍ଚଶିକ୍ଷାରେ ବ୍ୟସ୍ତ ଥିଲେ ଏବଂ ତାଙ୍କ ବାପା ମଧ୍ୟ ମନୋଜ ଭାଇଙ୍କ ମାନସିକ ଅବସ୍ଥା ପ୍ରତି ଅବହେଳା କରୁଥିଲେ । ଧୀରେ ଧୀରେ ତାଙ୍କର ଅଜବ କଥା ଓ ଅଜବ କାର୍ଯ୍ୟ ଦେଖି ଲୋକେ ପ୍ରଥମେ ତାଙ୍କୁ ମୁହଁରେ କିଛି କହୁନଥିଲେ ହେଲେ ପରେ ସର୍ବସାଧାରଣରେ 'ପାଗଳ' ବୋଲି କହିବା ଆରମ୍ଭ କଲେ ।

କାହାକୁ ପାଗଳ କହିଲେ ତା'ର ପାଗଳାମି ବଢିଯାଏ ବୋଲି ସାରା ଦୁନିଆ ଜାଣେ । ଉଚ୍ଚ ପଦବୀରେ ଥାଇ ମଧ୍ୟ ଭାଇମାନେ ମନୋଜ ଭାଇମାନଙ୍କ ଚିକିତ୍ସାର ଦାୟିତ୍ୱ ନେଇନଥିଲେ କି ତାଙ୍କ ପ୍ରତି କୌଣସି ଆଗ୍ରହ ଦେଖାଇନଥିଲେ । ବାପା ନିଜ ସକ୍ଷମ ଅନୁସାରେ ଚିକିତ୍ସା କଲେ । ହେଲେ ଦିନେ ପାଗଳାମି ଏତେ ବଢିଗଲା ଯେ ହାତ ଗୋଡ଼ରେ ଚେନ୍ ବନ୍ଧା ଗଲା । ମନୋଜ ଭାଇଙ୍କ ଏଭଳି ଅବସ୍ଥା ଦେଖି ପାଟିରେ ଭାଷା ନଥିଲା । ଏହା ଥିଲା ତାଙ୍କର ଖରାପ ଦିନ , କିନ୍ତୁ ଯେତେବେଳେ ସେ ସ୍ୱାଭାବିକ ଥିଲେ, ସେ ବହୁତ ଆକର୍ଷଣୀୟ, ବନ୍ଧୁତ୍ୱପୂର୍ଣ୍ଣ ଏବଂ ସାହିତ୍ୟପ୍ରେମୀ ମଧ୍ୟ ଥିଲେ । ଅମ୍ରିତା ମନେ ପକାଇଲେ ଯେ ସେ ପ୍ରାୟତଃ ତାଙ୍କଠାରୁ ଗପ ବହି ଆଣି ପଢୁଥିଲେ । ଏମିତି ଦିନେ ସ୍କୁଲରୁ ଫେରୁଥିବା ବେଳେ ମନୋଜ ଭାଇ ନିଜ ଘର ଗେଟ୍‌ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ଦେଖି ଅମୃତା କଟାକ୍ଷ କଲେ, ଭାଇ, 'ମୁଁ କେତେ ଦିନ ହେବ ତୁମକୁ କହିଛି ମୋତେ ବିଭୁତି ପଟ୍ଟନାୟକଙ୍କ' 'ଧୂଳି ଘର'ବହି ଦେବ ।

ତୁମେ ଦେଉନ । 'ଅପେକ୍ଷା କରେ, ମୁଁ ବର୍ତ୍ତମାନ ଆଣୁଛି । ଏତିକି କହି ଭାଇ ଦ୍ୱିତୀୟ ମହଲାରେ ଥିବା ନିଜ ରୁମକୁ ଯିବା ଆରମ୍ଭ କଲେ । ମଧ୍ୟାହ୍ନ ହୋଇଯାଇଥିଲା । ଖୁଡୀ (ଭାଇଙ୍କ ମା) ବୋଧହୁଏ ତାଙ୍କ କୋଠରୀରେ ବିଶ୍ରାମ ନେଉଥିଲେ । ଘରଟି ସମ୍ପୂର୍ଣ୍ଣ ସୁନ୍ ସାନ୍ । ଯେହେତୁ ଅମ୍ରିତା ତାଙ୍କ ଘରକୁ ପ୍ରାୟତଃ ଆସେ, ତେଣୁ ସେ ମନୋଜ ଭାଇଙ୍କୁ ଅନୁସରଣ କରି ଉପର ମହଲାରେ ଥିବା ତାଙ୍କ କୋଠରୀକୁ ବିନା ଦ୍ୱିଧାରେ ଯାଇଥିଲେ । ଭାଇ ବହିଟିକୁ ହାତରେ ଦେଇ ତାଙ୍କ ଆଡ଼କୁ ଚାହିଁ ପଚାରିଲେ, ତତେ ରୁମ୍‌କୁ ଆସିବାକୁ କିଏ କହିଲା ? ତତେ ଭୟ ଲାଗିଲାନି ?

ଅମ୍ରିତା କହିଲା, 'ଭୟ... କ'ଣ ଭୟ ? ତୁମେ ମନୋଜ ଭାଇ ଗୁଣ୍ଡା କି ବଦମାସ୍ ନୁହଁ ?

'ଭୟଭୀତ ହେବା ଜରୁରୀ, ଅମ୍ରିତା ! । ମନୁଷ୍ୟର ମନ ପରବର୍ତ୍ତନ ହେବାକୁ ଅଧିକ ସମୟ ଲାଗେନି । ଏମିତି ଏକୁଟିଆ ଓ ଏକାନ୍ତରେ କୌଣସି ପୁରୁଷଙ୍କ ପାଖକୁ ଯିବା ଉଚିତ୍ ନୁହିଁ । ଏହା କହି ସେ ରୁମ୍‌ରୁ ବାହାରକୁ ଚାଲିଗଲେ ।

ସେଦିନ ଏବଂ ଆଜିର ଦିନ, ବନ୍ଧୁ, ସମ୍ପର୍କୀୟ, ପଡ଼ୋଶୀ କିମ୍ବା ଅନ୍ୟ କେହି ହେଉ, ଅମ୍ରିତା କେବେ ବି କୌଣସି ପୁରୁଷଙ୍କ ସହ ଏକୁଟିଆ ରହିବାକୁ ଚାହିଁ ନାହାନ୍ତି । ମନୋଜ ଭାଇଙ୍କ ଶିକ୍ଷା ତାଙ୍କ ହୃଦୟ ଓ ମନରେ ଅବିସ୍ମରଣୀୟ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି । 'ଡରିବା ଉଚିତ୍'ଏହାକୁ ଚେତାବନୀ ଭାବେ ଗ୍ରହଣ କରି ଅମ୍ରିତା କୌଣସି ଘଟଣାର ପୃଷ୍ଠଭୂମି ପ୍ରସ୍ତୁତ କରିବାକୁ ଦିଅନ୍ତି ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ମନୋଜ ଭାଇଙ୍କ ଶିକ୍ଷା ତାଙ୍କ ପାଇଁ ଏକ ନିରାପତ୍ତାର ପାଚେରୀ ହୋଇ ରହିଛି । ଆଜି ଝିଅମାନଙ୍କ ପାଇଁ କେତେ ଭୟଙ୍କର ପରିବେଶ ତାହା ସମସ୍ତେ ଦେଖୁଛନ୍ତି । ଅମ୍ରିତା ଭାବୁଥିଲେ, ଆଜି ମନୋଜ ଭାଇ ଯିବା ପରେ ସମସ୍ତେ ତାଙ୍କ ପାଗଳତାର କାହାଣୀ କହିବେ । ସେ ଏଭଳି କାମ କରୁଥିଲେ, ଏପରି କାମ କରୁଥିଲେ । ହେଲେ ଅମ୍ରିତା ମନ ମନୋଜ ଭାଇଙ୍କ ଚାରିପଟେ ଘୁରୁଥିଲା । ଆଖିରୁ ଅମାନିଆ ଲୁହ ଝରୁଥିଲା ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ରାଉରକେଲା ଇସ୍ପାତ କାରଖାନାର ମନ୍ଦିରା ଡ୍ୟାମ କମ୍ପ୍ଲେକ୍ସରେ ଉମଙ୍ଗ ରିଟ୍ରିଟ ସେଣ୍ଟରରେ ଆୟୋଜିତ ଆଉଟବାଉଣ୍ଡ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ୧୮୦ ଜଣ କର୍ମଚାରୀ ସାମିଲ

ରାଉରକେଲ, ୧୫/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାରେ ଆଉଟବାଉଣ୍ଡ୍ ଶିକ୍ଷଣ କାର୍ଯ୍ୟକ୍ରମ 'ଜୋଶ' ଅଧୀନରେ ନଭେମ୍ବର ମାସରେ ଚାରିଟି ବ୍ୟାଚରେ ଅଧିକାରୀଙ୍କ ସମେତ ୧୦୪ ଜଣ କର୍ମଚାରୀ ଏବଂ ଡିସେମ୍ବର ମାସରେ ୭୫ ଜଣଙ୍କ ଅନ୍ୟ ଏକ ବ୍ୟାଚ୍ ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବୃତ୍ତିଗତ ଅଭିବୃଦ୍ଧି ଏବଂ ଦଳ ଗତିଶୀଳତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରତ୍ୟେକ ବ୍ୟାଚ୍ ର ଶିକ୍ଷଣ ଅବଧି ଦୁଇ ଦିନ ଥିଲା। ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସଏଏଫ) ଏଥିନିମନ୍ତେ ଆବଶ୍ୟକୀୟ ବିଶେଷଜ୍ଞ ସହାୟତା ଯୋଗାଇ ଦେଇଥିଲେ। ସମସ୍ତ ଚାରୋଟି କାର୍ଯ୍ୟକ୍ରମ ସମସ୍ତ ସୁରକ୍ଷା ସତର୍କତା ସହିତ ମନ୍ଦିରା ଡ୍ୟାମ ପରିସର 'ଉମଙ୍ଗ' ଠାରେ ସଫଳତାର ସହ ସମ୍ପାଦିତ ହୋଇଥିଲା ।



ଉଲ୍ଲେଖଯୋଗ୍ୟ ଯେ, ନେତୃତ୍ୱ, ଯୋଗାଯୋଗ ଦକ୍ଷତା, କାର୍ଯ୍ୟଦକ୍ଷତା, ଯୋଜନା, ପରିବର୍ତ୍ତନ ପରିଚାଳନା, ଦଳଗତ କାର୍ଯ୍ୟ ଏବଂ ପ୍ରେରଣାକୁ ଉନ୍ନତ କରିବା ପାଇଁ ଆଉଟବାଉଣ୍ଡ ତାଲିମ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଅଂଶଗ୍ରହଣକାରୀଙ୍କ ବୃତ୍ତିଗତ ଦକ୍ଷତା ସାରଣୀରେ ସକରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ସହଯୋଗୀ କାର୍ଯ୍ୟ ପରିବେଶକୁ ପ୍ରତିପାଦିତ କରିବା ପାଇଁ ପ୍ରସ୍ତୁତ ପାଠ୍ୟକ୍ରମ ସମ୍ପନ୍ନ କରାଯାଇଥିଲା।

ଏକ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରାପଲିଂ ଟାୱାର, ଅଷ୍ଟ୍ରେଲିଆନ ୱାକ ପାଇଁ କାଠ ପ୍ରସ୍ତୁତ ସ୍ୱତନ୍ତ୍ର ଉପକରଣ, ଗୁରୁଣ୍ଡିବା ପାଇଁ ଟନେଲ୍, ସମାନ୍ତରାଳ ଦଉଡି, ମଙ୍କି ଜମ୍ପିଙ୍ଗ ଏବଂ ଦଳସୃଷ୍ଟି ଉଦ୍ଦିଷ୍ଟ ବିଭିନ୍ନ ଖେଳ ପରିଚାଳନା ପାଇଁ ଅନ୍ୟାନ୍ୟ ସୁବିଧା ଏହି କେନ୍ଦ୍ରର କେତେକ ଆକର୍ଷଣୀୟ ବୈଶିଷ୍ଟ୍ୟ ରହିଛି।

ବିଭିନ୍ନ ବ୍ୟାଚ ପାଇଁ ଉଦଯାପନୀ ଅଧିବେଶନ ନଭେମ୍ବର ୨୩,୨୬,୨୮ ଓ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସିଜିଏମ୍ (ପ୍ଲେଟ୍ ମିଲ୍) ଶ୍ରୀ ଏତୁଆ ଓରାମ, ସିଜିଏମ୍ (ଇଲେକ୍ଟ୍ରିକାଲ୍) ଶ୍ରୀ ଆର କେ ମୁଦୁଲି, ସିଜିଏମ୍ (ଭିଜିଲାନ୍ସ) ଏବଂ ଏସିଭିଓ ଶ୍ରୀ ଏସ୍ ପ୍ରହରାଜ, ଏବଂ ସିଜିଏମ ଆଇ ଆଣ୍ଡ ଏ ଶ୍ରୀ ଏସ ସି ପାତ୍ର ଉପସ୍ଥିତ ଥିଲେ। ଡିସେମ୍ବର ୧୦, ୧୨ ଓ ୧୪ ତାରିଖରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଏସଏମଏସ-୧ ର ସିଜିଏମ ଶ୍ରୀ ପିନାକୀ ଚୌଧୁରୀ, ସୁରକ୍ଷା ଓ ଅଗ୍ନି ବିଭାଗର ସିଜିଏମ ଶ୍ରୀମତୀ ଆଶା କାର୍ଥା ଓ ବ୍ଲାଷ୍ଟ ଫର୍ନେସ ବିଭାଗର ସିଜିଏମ ଶ୍ରୀ ସୁମିତ କୁମାର ଅଧ୍ୟକ୍ଷତା କରିଥିଲେ।

ଏହି ସମସ୍ତ କାର୍ଯ୍ୟକ୍ରମ ଏଚଆର ଏଲ ଆଣ୍ଡ ଡ଼ି ବିଭାଗର ସିନିୟର ମ୍ୟାନେଜର ଶ୍ରୀ ହିମାଂଶୁ ମିଶ୍ର ଓ ଡେପୁଟି ମ୍ୟାନେଜର ଶ୍ରୀ ଏସ କେ ଶୁକ୍ଲାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

# ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ

ସୁବର୍ଣ୍ଣପୁର, ୧୫/୧୨ (ନି.ପ୍ର): ଜିଲ୍ଲାରେ ପ୍ରତିଷ୍ଠିତ ବିଭିନ୍ନ କାରଖାନା ତଥା ଜିଲ୍ଲା ମଧ୍ୟରେ ଯାତାୟତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ, କେମିକାଲ ବୋଝେଇ ପରିବହନ ଯାନ ବାହନ ଦ୍ୱାରା ଯେକୌଣସି ଆପାତକାଳୀନ ପରିସ୍ଥିତି କୁ ମୁକାବିଲା ନିମନ୍ତେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକ ପ୍ରାରମ୍ଭରେ ଆସିଷ୍ଟାଣ୍ଟ ଡିରେକ୍ଟର ଫ୍ୟାକଟୋରିଜ ଆଣ୍ଡ ବଏଲର, ବଲାଙ୍ଗୀର ଜୋନ, ଶ୍ରୀ ସ୍ୱାଧୀନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରିଥିଲେ। ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପଗୁଡିକରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ନିର୍ଗତ ଜନିତ କିମ୍ବା ସଡ଼କ ପରିବହନ ସମୟରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତାହାର ସୁପରିଚାଳନା କରି ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ କେଉଁ ବିଭାଗ କି କି କାର୍ଯ୍ୟ କରିବେ ତାହାର ବିସ୍ତାର ଭାବେ ଆଲୋଚିତ ହୋଇଥିଲା । ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତୀ ସମୟରେ କି କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶ୍ରୀ ବେହେରା ଏ ସମସ୍ତ ବିଷୟରେ ପାୱାର ପଏଂଟ ସହାୟତାରେ ବୈଠକରେ ଉପସ୍ଥାପନ କରିଥିଲେ । ପରେ ପରେ ବାୟୋ ମାସ ଫୁଏଲ, ପାଣିମୁରା, ତରଭା ଶିଳ୍ପ ସଂସ୍ଥାର ଅଧିକାରୀ ପାୱାର ପଏଂଟ ସହାୟତାରେ ତାଙ୍କର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପରେ ପରେ ଅନ୍ୟ ଶିଳ୍ପ ସଂସ୍ଥାରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ଦ୍ୱାରା ନିଆଯାଇଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ଶିଳ୍ପ ସଂସ୍ଥା ଗୁଡିକୁ ଅଗ୍ନିକାଣ୍ଡରୁ ରକ୍ଷା ଓ ସେଥିରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତା ନିମିତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସାମୁହିକ ଅଭ୍ୟାସ (ମକ ଡ୍ରିଲ) ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାରେ ଯାତାୟାତ ରାସାୟନିକ ବୋଝେଇ ଯାନ ବାହନ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପରିବହନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ଜାନୁଆରୀ ମାସରେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରି ରାସାୟନିକ ପଦାର୍ଥ ସଡ଼କ ପରିବହନ ଜନିତ ଆପାତକାଳୀନ ପରିସ୍ଥିତି ଉପରେ ଏକ ଅଫ ସାଇଟ ମକ ଡ୍ରିଲ ଓ ବାୟୋ ମାସ ଫୁଏଲ ଶିଳ୍ପ ସଂସ୍ଥା ପରିସରରେ ଏକ ଅନ ସାଇଟ ମକ୍ ଡ୍ରିଲ ଆୟୋଜନ କରିବା ପାଇଁ ସ୍ଥିର କରାଗଲା ।

ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମପ୍ରସାଦ ସାହୁ, ଉପ-ଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟା ରୂପା ରଥ, ପ୍ରଯୁଜ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀବୃନ୍ଦ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ଅଧିକାରୀଗଣ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ।

# ଆଚାର୍ଯ୍ୟଦେବଙ୍କ ଆଗମନ ପାଇଁ ବ୍ୟାପକ ପ୍ରସ୍ତୁତି

ଖଇରା, ୧୫/୧୨ (ନି.ପ୍ର): ବହୁ ପ୍ରତିକ୍ଷିତ ଖଇରା ସତସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ସୋମାବର ଉଦ୍‌ଘାଟନ ହେବାକୁ ଯାଉଛି । ଆଚାର୍ଯ୍ୟଦେବ ଭାବେ ବିଖ୍ୟାତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରପୌତ୍ର ଅର୍କଦେବ ଭଟ୍ଟାଚାର୍ଯ୍ୟ ଏହି ମନ୍ଦିରର ଶୁଭ ଉଦବୋଧନ କରିବାର କାର୍ଯ୍ୟକ୍ରମ ଅଛି । ଭକ୍ତ ତଥା ଶିଷ୍ୟଗଣ ଦିବ୍ୟ ଅନୁଭୁତି ପାଇଁ ଭୋକଶୋଷ ଭୁଲି ଚାତକଭଳି ତାଙ୍କ ଆଗମନକୁ ଚାହିଁବସିଛନ୍ତି । ୧୮ତାରିଖ ପରିବର୍ତ୍ତେ ୧୬ତାରିଖ ଆସୁଥିବାରୁ ଏକ ଜରୁରୀ ପ୍ରସ୍ତୁତି ବୈଠକ ରବିବାର କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରର ସଭାପତି ରବିନାରାଣ ମିଶ୍ରଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ଆଚାର୍ଯ୍ୟଦେବ ଆଗମନକୁ ଶୃଙ୍ଖଳିତ କରିବାକୁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଆଚାର୍ଯ୍ୟଦେବ ପୁତ୍ର ମାନଙ୍କ ସହ ଅପରାହ୍ନରେ ଲିଙ୍ଗଳେଶ୍ୱରରୁ ସିଧା ଖଇରା ପହଞ୍ଚିବାର କାର୍ଯ୍ୟକ୍ରମ ଥିବା ବେଳେ କିଭଳି ଗୁରୁଭାଇ ଓ ମାମାନେ ତାଙ୍କର ଦର୍ଶନ କରିପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିପାଇଁ ଦିବସବ୍ୟାପି ଭଜନକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି ।

# ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ, ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି । ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ ବୋଲି ଶନିବାର "ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ – ୨୦୨୪"ର ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟର ଶିକ୍ଷାବିତ୍ ସମୂହ ଓ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି, ଆମକୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢାଇବା ପାଇଁ ପଡିବ । ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ । ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ୍ ଭଳି ଏକ ଫୋରମ୍ ଏକ ବଡ଼ ଭୂମିକା ଗ୍ରହଣ




କରିପାରିବ । ଏଥିସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ସ୍କୁଲର ବଳିଷ୍ଠ ଉଦ୍ୟମକୁ ବଢ଼ାଇବାରେ ଆରାଇଜ୍ ଏକ ଉତ୍ପ୍ରେରକ ହୋଇପାରିବ ।

ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ । ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି । ଆମ ପିଲାମାନଙ୍କ ମଧ୍ୟରେ ଟେକ୍ନୋଲୋଜି, ଇନୋଭେସନ, ଏଆଇ ଓ ଏମଏଲ ଭଳି ବିଷୟରେ ଉତ୍ସୁକତା ଓ ଆଗ୍ରହ ରହିବା ଦରକାର । ଚାକିରି ଖୋଜିବା ସହ ସେମାନଙ୍କ ମଧ୍ୟରେ ଚାକିରିଦାତା ହେବାର ଇଚ୍ଛା ବଢିବା ଦରକାର । ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍କୁଲ ଶିକ୍ଷାବିତଙ୍କ ଏକ ବଡ଼ ଦାୟିତ୍ୱ ରହିଛି । ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ । ଶିକ୍ଷାକୁ ସୁଲଭ କରିବା ସହ ଦେଶର କୋଣ ଅନୁକୋଣରୁ ଡମି ସ୍କୁଲ ବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଆମ ସମସ୍ତଙ୍କୁ ଏଥିରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ସହ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଉପରେ ଯୋର୍ ଦେବାକୁ ହେବ ବୋଲି ସେ କହିଛନ୍ତି।

ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ନୂତନ ବେଞ୍ଚମାର୍କ ସ୍ଥାପିତ କରିବା, ଶିକ୍ଷକଙ୍କର କ୍ଷମତା ବିକାଶ କରିବା, ନୂତନ ଶିକ୍ଷାଗତ ପଦ୍ଧତି ଆଭିମୁଖ୍ୟ ତିଆରି କରିବା, ବଡ଼ ଆକାରରେ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ତିଆରି କରିବା ଏବଂ ଭାରତୀୟ ଭାଷାରେ ପଢ଼ାଇବା ପାଇଁ ଆମର ସ୍କୁଲ୍ ଶିକ୍ଷା ପ୍ରଣାଳୀକୁ ଅଗ୍ରଣୀ ଭୂମିକା ନିବାହ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

# ସିୟୁଓ ଓ ଆଇଆଇଟି ଦିଲ୍ଲୀ ପକ୍ଷରୁ ଓପନ୍ ଆକ୍ସେସ୍ ପବ୍ଲିସିଂ ଉପରେ କର୍ମଶାଳା ଅନୁଷ୍ଠିତ

ଜୟପୁର, ୧୫/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା କ୍ୟାମ୍ପସରେ ଓପନ ଆକ୍ସେସ୍ ପ୍ରକାଶନ ଉପରେ ଏକ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇଆଇଟି ଦିଲ୍ଲୀର ସେଣ୍ଟ୍ରାଲ ଲାଇବ୍ରେରୀ ସହଯୋଗରେ ସିୟୁଓର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ସିୟୁଓର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ଦୁଇଦିନିଆ କର୍ମଶାଳାକୁ ଉଦ୍ ଘାଟନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ପ୍ରଶାସନିକ ଉପଦେଷ୍ଟା ପ୍ରଫେସର ବିଭାସ ଚନ୍ଦ୍ର ଝା, ଆଇଆଇଟି ଦିଲ୍ଲୀର ଲାଇବ୍ରେରିଆନ୍ ଡ. ନବି ହାସନ, ଆଇଆଇଟି ଦିଲ୍ଲୀର ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ଡ. ମୋହିତ ଗର୍ଗ ଓ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ତଥା କର୍ମଶାଳାର ଆବାହକ ଡ. ନିଖିଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଫେସର ତ୍ରିପାଠୀ କହିଲେ ଯେ ଗବେଷଣା ସର୍ବଦା ଉତମ ମାନର ହେବା ଉଚିତ ଏବଂ ବର୍ତମାନ ଉତମ ମାନର ପ୍ରକାଶନ ଆବଶ୍ୟକ । ଆମେ ପାଶ୍ଚାତ୍ୟ ନୀତି ଅନୁସରଣ ନକରି ଭାରତୀୟ ବ୍ୟବସ୍ଥା ଉପରେ ଆଧାରିତ ଆମର ପ୍ରକାଶନକୁ ବଢ଼ାଇବା ଉଚିତ୍ । ଆମର ପ୍ରକାଶନ ଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ଦୃଶ୍ୟମାନ ହେବା ଉଚିତ, ଯାହାଦ୍ୱାରା ଭାରତକୁ ଅନ୍ତର୍ଜାତୀୟ ଶିକ୍ଷା କ୍ଷେତ୍ରରେ ସକାରାତ୍ମକ ଭାବରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଶୈକ୍ଷିକ ଗୁଣବତାକୁ ପୁନରୁଦ୍ଧାର କରିବା ଏବଂ ପୃଥିବୀକୁ ପୁନରୁଦ୍ଧାର କରିବା ପାଇଁ ଆତ୍ମ-ପ୍ରଦର୍ଶନ ଆବଶ୍ୟକ । ଡଃ. ହାସନ ତାଙ୍କ ଅଭିଭାଷଣରେ ଓଆରସିଆଇଡିର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ଶିକ୍ଷାକ୍ଷେତ୍ରରେ ଉତମ ମାନର ପ୍ରକାଶନ ବଜାୟ ରଖିବା ପାଇଁ ଓପନ୍ ରିସର୍ଚ୍ଚର ଆଣ୍ଡ କଂଟ୍ରିବ୍ୟୁଟର ଆଇଡି (ଓଆରସିଆଇଡି) ଜରୁରୀ। ଓଡ଼ିଶା ପ୍ରତିଭାରେ ସମୃଦ୍ଧ ଏବଂ ଓଡ଼ିଶାର ଶିକ୍ଷାବିତ୍ ମାନେ ଉତମ ପ୍ରକାଶନ ମାଧ୍ୟମରେ ନିଜର ପ୍ରତିଭାକୁ ଦୃଶ୍ୟମାନ କରିବା ଉଚିତ୍ । ଡ. ଗର୍ଗ କହିଥିଲେ ଯେ ଆମ ପାଖରେ ଜ୍ଞାନ ରହିଛି, କିନ୍ତୁ ଏହାକୁ ସମାଜରେ ପହଂଚାଇବାର ଆବଶ୍ୟକତା ରହିଛି। ସମାଜରେ ସକାରାତ୍ମକ ନୈତିକତା ବଜାୟ ରଖିବା ପାଇଁ ଯୁବ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ଉତମ ମାନର ପ୍ରକାଶନ ଉପରେ ପ୍ରଫେସର ଝା ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସୂଚନା ଓ ଡିଜିଟାଇଜେସନ୍ ଯୁଗରେ ପ୍ରତ୍ୟେକ ପ୍ରକାଶନକୁ ସମାଜ ଜାଣିବା ଦରକାର। ଡ. ନିଖିଲ କୁମାର ଗୌଡ଼ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। କର୍ମଶାଳାର ସହ ଆବାହକ ଡ. ପ୍ରଦୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ଗବେଷଣା ପ୍ରକାଶନ, ଉତମ ମାନର ପତ୍ରିକା ଏବଂ ଓପନ୍ ଆକ୍ସେସ୍ ପ୍ରକାଶନ ଏବଂ ଆନୁଷଙ୍ଗିକ ବିଷୟକୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାକୁ ଆଇଆଇଟି ଦିଲ୍ଲୀର ଡ. ନବୀ ହାସନ, ଡ. ମୋହିତ ଗର୍ଗ ଏବଂ ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଡ. ଡି ନାରାୟଣ ରୀସୋର୍ସ ପର୍ସନ ଭାବେ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ସିୟୁଓ ଅଧ୍ୟାପକ ଓ ଗବେଷକ ଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକଙ୍କ ସମେତ ୭୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ।

# ଶେରଗଡ଼ରେ ଧାନ କିଣା ସଚେତନତା ବୈଠକ

ଗଞ୍ଜାମ, ୧୫/୧୨ (ନି.ପ୍ର): ଶେରଗଡ଼ ବ୍ଲକର ଚାଷୀ ମାନଂକ ଠାରୁ ଧାନ କିଣିବା ସମ୍ପର୍କରେ ଏକ ସଚେତନତା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୋଗାଣ ଅଧିକାରୀ ବିଭୂ ପ୍ରସାଦ ସାହୁ ସୂଚନା ଦେଇ କହିଥିଲେ, ଆସନ୍ତା ୨୩ ତାରିଖରୁ ଚାଷୀଙ୍କ ଠାରୁ ଖରିଫ ଧାନ ସଂଗ୍ରହ କରାଯିବ। ବୈଠକରେ ଭଞ୍ଜନଗର ନିୟନ୍ତ୍ରଣ କମିଟିର ନରସିଂହ ମିଶ୍ରଙ୍କ ସମେତ ସେବା ସମବାୟ ସମିତିର ସମ୍ପାଦକ, ମିଲର, ଆତ୍ମସହାୟକ ଦଳ ଓ ଚୀଷୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବଲାଙ୍ଗିର, ୧୫/୧୨ (ନି.ପ୍ର): ସ୍ଥାନୀୟ ପି.ଆର. ଖେଳ ପଡିଆରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନି ଉତ୍ସବରେ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇ ଶିକ୍ଷା ସାଙ୍ଗକୁ କ୍ରୀଡାର ଆବଶ୍ୟକତା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନି ଉତ୍ସବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପି.ଆର.ହାଇସ୍କୁଲର ଅତିତରେ ଥିବା କ୍ରୀଡାବିଦ୍ ମାନଙ୍କ ଭୂୟସିଂ ପ୍ରଶଂସା ସେମାନଙ୍କ ଆଦର୍ଶ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ଯୋଗଦେଇ ବଲାଙ୍ଗିର ଜିଲ୍ଲାର କ୍ରୀଡା କ୍ଷେତ୍ରରେ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଯୁବ କ୍ରୀଡା ଶିକ୍ଷକ ସୌରଭ ପ୍ରଧାନ ବାର୍ଷିକ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ବିକାଶ ରଂଜନ ସାହୁ ମଂଚ ସଂଯୋଜନା କରିଥିଲେ । ଅନୁଷ୍ଠିତ କ୍ରୀଡା ଉତ୍ସବରେ ବରିଷ୍ଠ ବର୍ଗରେ ତୁଷାରକାନ୍ତ ମଲ୍ଲିକ ଏବଂ କନିଷ୍ଠ ବର୍ଗରେ ମୋହିତ ରୋହିଦାସ ଗ୍ରୁପ ଚମ୍ପିୟାନ ଭାବେ କୃତିତ୍ୱ ହାସଲ କରିଥିଲେ । ବିଦ୍ୟାଳୟର ଶିକ୍ଷିକା ସିଦ୍ଧିପ୍ରଦା ପଣ୍ଡା ଓ ବର୍ଷାରାଣୀ ସାହୁ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷିକା ଏବଂ କର୍ମଚାରୀବୃନ୍ଦ ତଥା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଗୁରୁ ଛାତ୍ରମାନେ ସହଯୋଗ କରିଥିଲେ ।

# ଓୟୁଜେର ୫୩ ତମ ପ୍ରତିଷ୍ଠା ଦିବସ ୨୨ରେ

ବାଲେଶ୍ୱର, ୧୫/୧୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ରାଜ୍ୟ ଶାଖାର ୫୩ ତମ ପ୍ରତିଷ୍ଠା ଦିବସ ଆଗାମୀ ୨୨ ତାରିଖ ରେ ଅନୁଷ୍ଠିତ ହେବ। ଜୟଦେବ ଭବନ ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ୨୯ ଜଣ ସଦସ୍ୟ ଅଂଶ ଗ୍ରହଣ କରିବେ ବୋଲି ସ୍ଥିର




କରାଯାଇଛି। ଏହି ଅବସରରେ ଆଜି ଏକ ପ୍ରସ୍ତୁତି ବୈଠକ ୟୁନିଅନର ସଭାପତି ଗଙ୍ଗାଧର ରାଉତ ଙ୍କ ଅଧକ୍ଷ ତାର (ଓ ଗଲୋକ୍ ଟୁକ୍ ଆଜ ଲଜିନ୍ ଆଜୁସ୍) ପୁନ ଜ ଆଜ ଆକ୍ ଆଜ ଜୟଦେବ ଭବନ ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ୨୯ ଜଣ ସଦସ୍ୟ ଅଂଶ ଗ୍ରହଣ କରିବେ ବୋଲି ସ୍ଥିର କରାଯାଇଛି ।ଏହି ଅବସରରେ ଆଜି ଏକ ପ୍ରସ୍ତୁତି ବୈଠକ ୟୁନିଅନର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

# ୪୫ତମ ବାଣୀପୀଠ ମହୋତ୍ସବ ଆଗାମୀ ୨୬ ରୁ ୨୯ତାରିଖ ପର୍ଯ୍ୟନ୍ତ

## ଚଳିତବର୍ଷର ବାଣୀପୀଠ ପୁରସ୍କାର ପାଇବେ ଡ଼କ୍ଟର କବିତା ବାରିକ ଓ ହୃଦାନନ୍ଦ ମେହେର : ଶ୍ରେଷ୍ଠ ଉପାଧି ବାଣୀରତ୍ନ ପାଇବେ ରାଧା ମାଧବ ରଥ





ବେତନଟୀ , ୧୫/୧୨ (ନି.ପ୍ର): ରାଜ୍ୟର ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ୪୫ତମ ମହୋତ୍ସବ ବଡ଼ସାହିସ୍ଥିତ ବିବେକାନନ୍ଦ ବିହାର ଠାରେ ଆଗାମୀ ୨୬ ତାରିଖ ଠାରୁ ୨୯ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ୨୯ ତାରିଖରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସହିତ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମେଳନ ଅନୁଷ୍ଠିତ ହେବ। ଚଳିତ ବର୍ଷର ବାଣୀପୀଠ ପୁରସ୍କାର ଏକ ଲକ୍ଷ ଟଙ୍କାର ପଲିସି ବଣ୍ଡ୍ ସହିତ ପାଇବେ ସାହିତ୍ୟ ପାଇଁ ଡ଼କ୍ଟର କବିତା ବାରିକ ଓ ସଂସ୍କୃତି ପାଇଁ ନୂଆପଡ଼ାର ହୃଦାନନ୍ଦ ମେହେର । ବାଣୀପୀଠର ଶ୍ରେଷ୍ଠ ଉପାଧି ବାଣୀରତ୍ନ ପାଇବେ ବେଙ୍ଗାଲୁରୁର ରାଧାମାଧବ ରଥ । ସେହିପରି ବାଣୀପ୍ରଜ୍ଞା ଉପାଧି ପାଇବେ ଶୁଳିଆପଦାର ସିଦ୍ଧେଶ୍ୱର ପଣ୍ଡା, ଶିକ୍ଷାଜ୍ୟୋତି ଉପାଧି ରାୟଗଡ଼ାର ଦିଲୀପ କୁମାର କର ଓ କଁଟାପାଲିର ପ୍ରମୋଦ କୁମାର ପ୍ରଧାନ, କବି ଗୌରବ ଉପାଧି ଭୁବନେଶ୍ୱରର ରକ୍ଷକ ନାୟକ, କବିରତ୍ନ ଉପାଧି କଟକର ଜ୍ଞାନ ହୋତା, ବାଣୀଭୂଷଣ ଉପାଧି ବରଗଡ଼ର ଡ଼ୋଳାମଣି ଶତପଥି, ବାଣୀବିନୋଦ ଉପାଧି କଟକର ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା, ବାଣୀମଞ୍ଜୁଳ ଉପାଧି ସିମୁଳିଆର ଡ଼କ୍ଟର ଭରତ ଚନ୍ଦ୍ର ଦାଶ, କବିପ୍ରାଣ ଉପାଧି ନଳଗଜାର ଡ଼କ୍ଟର ଅବନୀକାନ୍ତ ଗିରି ଓ କଳାହାଣ୍ଡିର ସୁଶାନ୍ତ ରଣା, ବାଣୀଶ୍ରୀ ଉପାଧି ସୁବର୍ଣ୍ଣପୁରର କୃଷ୍ଣଚନ୍ଦ୍ର ବାରିକ, ସେବକଶ୍ରୀ ଉପାଧି ତାଳଚେ଼ରର ସୁଶ୍ରୀ ବେହେରା ଓ କେନ୍ଦୁଝରର ବିଶ୍ୱଜିତ ଦାସ, ଶିକ୍ଷାଶ୍ରୀ ଉପାଧି ସୁନ୍ଦରଗଡ଼ର ଝରଣା ତନ୍ତୀ, ସବୁଜଶ୍ରୀ ଉପାଧି ପୁରୀର ବାଉରୀବନ୍ଧୁ ବେହେରା, ଭଞ୍ଜଗୌରବ ଉପାଧି ବାରିପଦାର ଡ଼କ୍ଟର ମୋହିତ କୁମାର ଷଡ଼ଙ୍ଗୀ, ଭଞ୍ଜକନ୍ୟା ଉପାଧି ଭୁବନେଶ୍ୱରର ଭାନୁମତୀ ସିଂହ ଓ ଉତ୍କଳକନ୍ୟା ଉପାଧି ପୁରୀର ଶୁଭଶ୍ରୀ ଜୟସିଂହ, ଆଦର୍ଶ ଦମ୍ପତି ସମ୍ମାନ 'ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଏବଂ ଏହାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡାଙ୍କୁ ପ୍ରଦାନ କରାଯିବାର ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ତିରିଶଟି ଜିଲ୍ଲାରୁ ୫ ରୁ ୧୦ ଜଣ ଲେଖାଏଁ କବି, ଲେଖକ ଓ କାଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସାହିତ୍ୟ କାର୍ଯ୍ୟକ୍ରମ ବ୍ୟତୀତ ରକ୍ତଦାନ ଶିବିର, ପୁସ୍ତକ ଓ ପତ୍ର ପତ୍ରିକା ପ୍ରଦର୍ଶନୀ, କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ସହିତ ରାଜ୍ୟସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲି ଜଣାଇଛନ୍ତି।

# ସେବିକା ହାତରେ ଉପଖଣ୍ଡ ଚିକିତ୍ସାଳୟର କ୍ୟାବିନ୍ ଚାବି




ନୀଳଗିରି , ୧୫/୧୨ (ନି.ପ୍ର): ଉପଖଣ୍ଡ ଚିକିତ୍ସାଳୟ, ବହୁଲୋକଙ୍କ ଆଶା ଆକାଂକ୍ଷାର ପୁଞ୍ଜିଭୂତ ସ୍ୱପ୍ନ। ଜୀବନମରଣର ଶ୍ରେଷ୍ଠ ଆଶ୍ରୟସ୍ଥଳ। ରୋଗ, ବ୍ୟାଧିର ଶେଷ ଠିକଣା। ଯେଉଁଥିପାଇଁ ଏହାକୁ ଦ୍ୱିତୀୟ ଭଗବାନଙ୍କ ମନ୍ଦିରର ଆଖ୍ୟା ମିଳିଛି। ମାତ୍ର କିଛି ଅସାଧୁ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଏହି ପୁଣ୍ୟଭୂମିର ଆଖ୍ୟା ପାଇଥିବା ମନ୍ଦିର (ଡାକ୍ତରଖାନା) ରେ ଦୁର୍ନୀତି, ବ୍ୟଭିଚାରର ଗନ୍ଧ ବ୍ୟାପିବାକୁ ଲାଗିଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ। ଉକ୍ତ ଚିକିତ୍ସାଳୟଟି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ଏନେଇ ବାରମ୍ବାର ଖବର ପ୍ରସାରିତ ହୋଇଥିବା ବେଳେ ଅଧିକାଂଶ ସମୟରେ ଅଭିଯୋଗ ମଧ୍ୟ ଉଠିଛି। ଏଥିପାଇଁ ନା ସରକାର, ନା ପ୍ରଶାସନ ଦୃଷ୍ଟି ଦେଇଛି। ଏବେ କିଛିଦିନ ହେବ ଜଣେ ସେବିକାଙ୍କ ହାତରେ ରହିଛି ଚିକିତ୍ସାଳୟର କ୍ୟାବିନ ଚାବିକାଠି। ଯାହା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ। ଉକ୍ତ ହସ୍ପିଟାଲ୍ ପରିସରରେ ରୋଗୀ ଏବଂ ସେମାନଙ୍କର ସହକାରୀଙ୍କ ପାଇଁ ନିର୍ମାଣ ହୋଇଛି ୮ଗୋଟି ଦେୟଯୁକ୍ତ କ୍ୟାବିନ୍। ତନ୍ମଧ୍ୟରୁ ନୀଳଗିରି ଟ୍ରକ ଆସୋସିଏସନ୍ ତରଫରୁ ୫ଗୋଟି କ୍ୟାବିନ୍ ନିର୍ମାଣ ହୋଇଥିବା ବେଳେ, ନୀଳଗିରିର ଠିକାଦାର ଗୋଷ୍ଠୀଙ୍କ ତରଫରୁ ୨ଗୋଟି ଏବଂ ଗୋଟିଏ କ୍ୟାବିନ୍ ତତ୍କାଳୀନ ଅଭିଭାଜିତ ଭଦ୍ରକ ଓ ବାଲେଶ୍ୱର ଚ୍ୟାରିଟେବୁଲ୍ ଟ୍ରଷ୍ଟ ତରଫରୁ ନିର୍ମାଣ କରାଯାଇଥିଲା। ସେଥିମଧ୍ୟରୁ ୩ଗୋଟି କ୍ୟାବିନ ଏ.ସି ଯୁକ୍ତ ହୋଇଥିବା ବେଳେ ବାକି ୫ଟି କ୍ୟାବିନ୍ ନନ୍ ଏ.ସି ଅଟେ। ନୀଳଗିରି ଆଇ.ଟି.ଡି.ଏ ଅଞ୍ଚଳ ହୋଇଥିବାରୁ ରୋଗୀଙ୍କ ପାଇଁ ଏ.ସି କ୍ୟାବିନ ଗୁଡିକ ୩ଶହ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ନନ୍ ଏ. ସି ଗୁଡିକ ୨ଶହ ଟଙ୍କା ଧାର୍ଯ୍ୟ ହୋଇ ଯୋଗାଇ ଦିଆଯାଉଛି। ମାତ୍ର ବିଡମ୍ବନାର କାରଣ ଉକ୍ତ କ୍ୟାବିନ ଗୁଡିକର ଦାୟିତ୍ୱ ଏବେ ସୁମି ସିଂ ନାମଧାରୀ ଜଣେ ସେବିକାଙ୍କ ହାତରେ। ଉକ୍ତ ସେବିକା ଜଣକ ହାତରେ ଚାବି ରହିବା ଦିନଠୁଁ ରୋଗୀମାନେ ସଠିକରେ କ୍ୟାବିନ୍ ପାଇପାରୁନଥିବା ବେଳେ ଉକ୍ତ କ୍ୟାବିନର ସଠିକ ରକ୍ଷଣାବେକ୍ଷଣ ହୋଇପାରୁନଥିବା ଅଭିଯୋଗ ଉଠିଛି। ଏହାବାଦ ଆଉ ୪ଟି କ୍ୟାବିନ ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ନିଜ ପିତାମାତାଙ୍କ ସ୍ମୃତିରେ ଉମାଅର୍ଜୁନଙ୍କ ନାମରେ କ୍ୟାବିନ ନିର୍ମାଣ କରି ହସ୍ପିଟାଲକୁ ଦାନ କରିଥିବା ବେଳେ ବର୍ତ୍ତମାନ ଉକ୍ତ କ୍ୟାବିନଗୁଡ଼ିକ କିଛି ଅଫିସ କାର୍ଯ୍ୟାଳୟ ହୋଇଥିବା ବେଳେ କିଛି କ୍ୱାଟର ଭାବରେ ବ୍ୟବହାର ହେଉଛି। ତେବେ ଏଠି ପ୍ରଶ୍ନଉଠେ ଏଭଳି ଏକ ଦାୟିତ୍ୱସମ୍ପନ୍ନ କାର୍ଯ୍ୟପାଇଁ ସେବିକା ଜଣକୁ କିଏ ଚାବି ହସ୍ତାନ୍ତର କଲା। ସଂପୃକ୍ତ କ୍ୟାବିନରୁ ଆସୁଥିବା ଟଙ୍କା ବାଟମାରଣା ହେଉନି ତ ?ଏନେଇ ବିଭାଗୀୟ ଅଧିକାରୀ ଜାଣନ୍ତିତ ? କ୍ୟାବିନର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର। ଏନେଇ ନାନା ସନ୍ଦେହ ଜନସାଧାରଣଙ୍କ ମନରେ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଧିକାରୀ ସଂପୃକ୍ତ ସ୍ୱେବିକାଙ୍କ ଠାରୁ ଚାବି ହସ୍ତାନ୍ତର କରିବାକୁ ଜନସାଧାରଣ ଦାବୀ କରିଛନ୍ତି।

# ଡିସେମ୍ବର ୩୧ରେ ବହିତରାସ୍ ପାଇଁ ଆହ୍ୱାନ

ବାଲେଶ୍ୱର , ୧୫/୧୨ (ନି.ପ୍ର):ଅଜ୍ଞାନ ଅନ୍ଧକାର ମଧ୍ୟରେ ଜ୍ଞାନର ଆଲୋକ ଦେଖାଇ ବହିଟିଏ ପାଠକକୁ ଉତ୍ତମ ମାର୍ଗ ଦର୍ଶନ କରାଇଥାଏ । ଏଥିରୁ ବିଦ୍ୟାଲାଭ ସହିତ ଦିବ୍ୟାନୁଭୂତି ମିଳିଥାଏ । ପୁସ୍ତକ ପଠନରୁ ମିଳିଥିବା ଜ୍ଞାନକୁ ଖର୍ଚ୍ଚ କଲେ ତାହା କ୍ଷୟ ନ ହୋଇ ହୁଏ ଅଭିବୃଦ୍ଧି । ଏହି ଧନକୁ ଚୋର କିମ୍ବା ଠକ ନେଇପାରେ ନାହିଁ । ଉତ୍ତମ ପୁସ୍ତକ ପାଠ ଦ୍ୱାରା କ୍ଷୁଦ୍ର ଭଲ ପାଇବା ବୃହତ୍ତର ଭଲ ପାଇବାକୁ, ସଂକୀର୍ଣ୍ଣ ସ୍ୱାର୍ଥ ଚେତନା ବୃହତ୍ତର ସମ୍ଭାବନାକୁ ସଂପ୍ରସାରିତ ହୋଇଥାଏ । ତେଣୁ ପାଠକ ଭିତରେ 'ପର-ଆପଣା' ଭେଦଭାବ ରହେନାହିଁ । ସମଗ୍ର ଜଗତ ହୋଇଯାଏ ତା'ର, ସେ ହୋଇଯାଏ ସମଗ୍ର ଜଗତର । ଗୋଟିଏ ଆଲୋକରୁ ଜଳେ ଅନେକ ଆଲୋକ, ଗୋଟିଏ ଇଚ୍ଛାରୁ ଜନ୍ମ ନିଏ ଅନେକ ଇଚ୍ଛାଶକ୍ତି । ବିଦ୍ୟା ଆଖି ଖୋଲି ଦିଏ । ମୋହ ଭାଙ୍ଗି ଦିଏ । ତେଣୁ କୁହାଯାଏ - "ସା ବିଦ୍ୟା ଯା ବିମୁକ୍ତୟେ" ।

ପାଶ୍ଚାତ୍ୟ ଦେଶ ମାନଙ୍କରେ ପୁସ୍ତକ ପାଠକ ସଂଖ୍ୟା ଅଧିକ । ସେଠାରେ ବହି ପଢିବା ଆଗ୍ରହଗତ ଓ ଅଭ୍ୟାସଗତ । ଆମ ଦେଶରେ ଏହି ସଂଖ୍ୟା ଗୌଣ । ତେଣୁ ବିଭିନ୍ନ ପୁସ୍ତକ ମେଳା ଦ୍ୱାରା ପାଠକମାନଙ୍କୁ ଆକର୍ଷିତ କରି ପୁସ୍ତକ ବିକ୍ରୀ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ପୁସ୍ତକ ପଠନ ଓ ବିକ୍ରୀ ଖୁବ୍ ନିଉନ ଅଟେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପଠନ ଦ୍ୱାରା ଉନବିଂଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ସାକ୍ଷରତା ସଂଖ୍ୟା ଯଥେଷ୍ଟ ଅଭିବୃଦ୍ଧି ଲାଭ କରିଥିଲା । ହେଲେ ବର୍ତ୍ତମାନ ପାଠକଙ୍କ ସଂଖ୍ୟା ନଗଣ୍ୟ ଅଟେ । ତେଣୁ ପୁସ୍ତକ ପଠନର ଅଭ୍ୟାସକୁ ବଢାଇବାକୁ ହେବ । କେବଳ ସହରରେ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଏହି ଧାରାକୁ ପହଞ୍ଚାଇବାକୁ ପଡିବ ।

ଦିଲ୍ଲୀରେ ଏକ ପୁରାତନ ପ୍ରକାଶନ ସଂସ୍ଥା 'କିତାବ୍ ତେରସ୍' କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଓ ଦୀପାବଳି ଅମାବାସ୍ୟା ଅବସରରେ 'ଘର୍‌ଘର୍ ଦୀପକ, ହର୍‌ହର୍ କିତାବ'ର ନାରା ଦେଇ ବହି ବିକ୍ରୀକୁ କରିଛି ବହୁଗୁଣିତ । ସେଥିରେ ତେରସ୍‌ର ଅର୍ଥ ତ୍ରୟୋଦଶୀ ତିଥି । ବହିତରାସ୍‌ରେ ତରାସ୍‌ର ଅର୍ଥ ଦେବତାଙ୍କ ଆଡ଼େଣି । ଅର୍ଥାତ୍ ବହି କିଣି ଦେବଦର୍ଶୀ ହେବା। ଏଥିପାଇଁ ଧନତେରସ୍ ଭଳି ବହିତରାସ୍ ଦିବସ ଡିସେମ୍ବର ୩୧କୁ ଚିନ୍ତା କରାଯାଇଛି। କାରଣ ବର୍ଷର ଶେଷ ଦିନ ହୋଇଥିବାରୁ ପାଠକ ପାଠିକାବୃନ୍ଦ ପ୍ରିୟ ପୁସ୍ତକ କ୍ରୟ କରି ପୁରାତନ ବର୍ଷକୁ ସ୍ମରଣ ରଖିବେ। ନିଜେ ବହି ଗୁଡ଼ିକୁ ପଢିବା ସହିତ ପ୍ରିୟ ବନ୍ଧୁ ବାନ୍ଧବୀଙ୍କୁ ନୂଆ ବର୍ଷରେ ଉପହାର ଦେଇ ବନ୍ଧୁତ୍ୱର ରଜ୍ଜୁକୁ ଟାଣ କରିବେ । ଜଣେ ପାଠକ କିଛି ବହି କିଣିବା ସହିତ ପାଞ୍ଚ ଜଣ ବନ୍ଧୁଙ୍କୁ ବହି କିଣିବା ପାଇଁ ପ୍ରଭାବିତ କରାଇବେ ।

ଆଜିର ଯୁଗରେ ଧନ ସହିତ ଭଲ ମଣିଷ ହେବାପାଇଁ ଜ୍ଞାନର ଆବଶ୍ୟକତା ରହିଛି। ତେଣୁ ବହିତରାସ୍ ଦିବସରେ ଜ୍ଞାନର ଆଧାର ପୁସ୍ତକ କ୍ରୟ କରି ଲାଭ କରିପାରିବେ ଦିବ୍ୟ ଅନୁଭବ । କାରଣ ପୁସ୍ତକ ପାଠ ଅଭ୍ୟାସ ହିଁ ବ୍ୟକ୍ତିକୁ କରେ ଜ୍ଞାନୀ, ଗୁଣୀ ଉଦାର ଓ ଦେବୋପମ । ଏଥିପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲେଖକ, ପାଠକ, ପ୍ରକାଶକ, ସ୍ତମ୍ଭକାର, ସାମ୍ବାଦିକ, ସମ୍ପାଦକ, ବୁଦ୍ଧିଜୀବୀ, ଛାତ୍ର-ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା କରିଛନ୍ତି ବହିତରାସ୍‌ର ମହତ୍ ଅନୁଚିନ୍ତା। ସେମାନେ ହେଲେ କବି କୃଷ୍ଣ କୁମାର ମହାନ୍ତି ସହ ସମ୍ପାଦକ ରେବତୀ, ସତ୍ୟପ୍ରିୟ ମହାଲିକ୍ ଗାଳ୍ପିକ, ଡ. ହରିଶ୍ଚନ୍ଦ୍ର ବେହେରା ପ୍ରାକ୍ତନ ସଭାପତି ଫକୀର ମୋହନ ସାହିତ୍ୟ ପରିଷଦ, ଡ. ଶିରୀଶ୍ ଚନ୍ଦ୍ର ଜେନା ପୂର୍ବତନ ସମ୍ପାଦକ ଫକୀର ମୋହନ ସାହିତ୍ୟ ପରିଷଦ, ସୈରିନ୍ଧ୍ରୀ ସାହୁ ସମ୍ପାଦିକା ସାଗରିକା, ମମତା ମହାପାତ୍ର ସମ୍ପାଦିକା ଯୁଗଶ୍ରୀ ଯୁଗନାରୀ, ଡ. ରାଧା ରଞ୍ଜନ ପଟ୍ଟନାୟକ ସମ୍ପାଦକ ସ୍ୱନୋକ୍ଷର, ଡ. କାଳିପଦ ପଣ୍ଡା ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ଅଭୟ ଦାସ ବିଦ୍ୟାଭାରତୀ, ବହିଘର, କବି ଶ୍ରୀଦେବ, କଲ୍ୟାଣୀ ନନ୍ଦ, ଯୁଗ୍ମ ସମ୍ପାଦିକା ଫକୀର ମୋହନ ସାହିତ୍ୟ ପରିଷଦ, ଡ. ସୁବାସ ଚନ୍ଦ୍ର ପାତ୍ର ସଭାପତି ଫକୀର ମୋହନ ସାହିତ୍ୟ ପରିଷଦ, ଡ. ରତ୍ନାକର ସିଂହ ସମ୍ପାଦକ ଫକୀର ମୋହନ ସାହିତ୍ୟ ପରିଷଦ, ବିଶିଷ୍ଟ ସ୍ତମ୍ଭକାର ଅସିତ ମହାନ୍ତି, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ୍, ବିଜୟ ଲକ୍ଷ୍ମୀ ପଟ୍ଟନାୟକ ସମ୍ପାଦିକା ଆନ୍ତର୍ଜାତିକ ପତ୍ରିକା ଦାରୁବ୍ରହ୍ମ, ଚନ୍ଦ୍ରମୋହନ ମହାପାତ୍ର ସମ୍ପାଦକ ଶଙ୍ଖବେଳା, ନିହାର ରଞ୍ଜନ କର ସାଧାରଣ ସମ୍ପାଦକ ଭଦ୍ରକ ଜିଲ୍ଲା ଲେଖକ ସାମୁଖ୍ୟ, ହରେକୃଷ୍ଣ ସାମଲ ଅବସରପ୍ରାପ୍ତ ଅଧ୍ୟକ୍ଷ, ପୀତାମ୍ବର ମିଶ୍ର ଗୀତିକାର ଆକାଶବାଣୀ, ସଞ୍ଜୟ ପଣ୍ଡା ଯୁବ ଗାଳ୍ପିକ, ଅଭୟ ସୂତାର ସଦସ୍ୟ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରଘୁପତି ଖିଲାର ଅଧ୍ୟକ୍ଷ ବାରାପୁର ଡିଗ୍ରୀ କଲେଜ୍, ଡ. ବସନ୍ତ କୁମାର ଦାସ ଅବସରପ୍ରାପ୍ତ ପ୍ରଧାପକ, ବିକାଶ ଶତପଥୀ ସାହିତ୍ୟ ସଂଗଠକ, କୈଳାସ ଚନ୍ଦ୍ର ପାଢୀ ଗୀତିକବି, ଡ. ଶିଶିର କୁମାର କର ଗବେଷକ ଓ କଥାକାର ତଥା ଆହୁରି ଅନେକ ସଂସ୍କୃତି-ସାହିତ୍ୟ ଓ ପୁସ୍ତକପ୍ରେମୀ ବ୍ୟକ୍ତି ବିଶେଷ। ଆସନ୍ତୁ ସମସ୍ତେ ମିଶି ଏହି ମହତ୍ କାର୍ଯ୍ୟଟିକୁ କରିବା । ଯାହାଦ୍ୱାରା ଉତ୍କଳର ବାଣୀ ଭଣ୍ଡାର ହେବ ସମୃଦ୍ଧ ।

## କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୧୫/୧୨ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମୁଖ୍ୟମନ୍ତ୍ରୀ ଦାବି ପତ୍ର ପ୍ରଦାନ କରାଯାଇଛି । ଖରିଫ ଧାନ ମଣ୍ଡିର ସମସ୍ୟା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯାଇଛି । କୃଷକ କଲ୍ୟାଣ ମଂଚ ର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ସଦସ୍ୟ ମାନେ ଉପସ୍ଥିତ ରହି ୬ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ପଡୋଶି ଛତିଶଗଡ ରାଜ୍ୟ ମଣ୍ଡିରେ ଯେପରି ଧାନ କ୍ରୟ କରାଯାଉଛି ତାହା ଓଡିଶାରେ କାଯ୍ୟକାରି କରାଯାଉ, ଏଫେଏକ୍ୟୁ ନାମରେ ଯେଉଁ ଅଚଳା ବସ୍ତା ଲାଗି ରହିଛି ତାହା ଦୁର କରାଯାଇ ଜାନୁଆରି ୩୧ ତାରିଖ ସୁଦ୍ଧା ଧାନ କ୍ରୟ କରାଯାଉ, ଅଣ ଜଳ ସେଚିତ ଜମିରେ ୧୩ କ୍ୱିଂଟାଲ ଧାନ କ୍ରୟ କରାଗଲେ ଚାଷିଙ୍କ ମନବଳ ଭାଙ୍ଗିଯିବା ସହିତ ବଳକା ଧାନ ବକ୍ରି କରିବାକୁ ଚାଷି ଅଭାବି ବିକ୍ରିର ଶୀକାର ହେବେ ତେଣୁ ରାଜ୍ୟରେ ଏକର ପ୍ରତି ୨୫ କ୍ୱିଂଟାଲ ଧାନ କ୍ରୟ କରାଯାଉ, ଚାଷିଙ୍କୁ ଖାଲି ଅଖା ପ୍ରଦାନ କରାଯାଉ, ଏବଂ ଚାଷି କିପରି ଅନ୍ୟ ବର୍ଗର ଲୋକଙ୍କ ପରି ସମ୍ମାନର ସହିତ ବଞ୍ଚିପାରିବ ସେଥି ପ୍ରତି ସରକାରି ଯତ୍ନବାନ ହେଲେ ଚାଷି ଉପକୃତ ହୋଇଥାନ୍ତେ । ଜୟପୁର କୃଷକ ଭବନ ଚାଷୀଙ୍କ କାଯ୍ୟରେ ଲାଗିବା ସହିତ ଅବିଭକ୍ତ କୋରାପୁଟ ଜିଲା କୃଷକ ସମାଜ ଓ କୃଷକ କଲ୍ୟାଣ ମଂଚର ସଦସ୍ୟଙ୍କୁ ଡିଏଲପିସି ବୈଠକରେ ଭାଗ ନେବାର ସୁଯୋଗ ଦିଆଯାଉ ।

# ଶକ୍ତି ସଂରକ୍ଷଣ ଦିବସ ପାଳିତ

ବାଲିଆପାଳ , ୧୫/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କରଞ୍ଜ ନରସିଂହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶକ୍ତି କ୍ଲବ ତରଫରୁ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଶନିବାର ଦିନ ପୂର୍ବାହ୍ନରେ ବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ପଦଯାତ୍ରା ବାହାରି କରଞ୍ଜ ଗ୍ରାମ ପରିକ୍ରମା କରିବା ସହ ଛାତ୍ର ଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ମଧ୍ୟାହ୍ନ ବିରତି ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହେଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଦୁର୍ଜୟ ଗୋଚ୍ଛାୟତ ଯୋଗଦେବା ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶକ୍ତି ସଂରକ୍ଷଣର ଆବଶ୍ୟକତା ଏବଂ ଏହାର ଉପାଦେୟତା ସମ୍ପର୍କରେ ଶକ୍ତି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଇପ୍‌ସିତା ନାୟକ କହିବା ସହିତ ଏହି ଆଲୋଚନାରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଚାନ୍ଦ, ଦୀପାଳି ସାମନ୍ତରାୟ, ଇପ୍‌ସିତା ବାରିକ୍, ଜାହ୍ନବୀ ସାହୁ, ତନୁଶ୍ରୀ ମାଝୀ,ଶିକ୍ଷକ ସଦ୍ଦାମ ଅଲ୍ଲୀ ଖାଁ, ଜୟନାରାୟଣ ବିଶ୍ୱାଳ, ତପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ତାଙ୍କର ବହୁମୂଲ୍ୟ ଉପଦେଶ ଛାତ୍ର ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ । ଶକ୍ତି ସଂରକ୍ଷଣ ଦିବସ କୁ ସଫଳ କରିବାରେ ବିଦ୍ୟାଳୟର କାର୍ଯ୍ୟରତ କର୍ମଚାରୀ ରଣଜିତ୍ ପୁଟିଆ, ପଦ୍ମାବତୀ ବାଗ, ସରୋଜ ଦାଶ,ତ୍ରିଲୋଚନ ପାତ୍ର ପ୍ରମୁଖଙ୍କ ଭୂମିକା ଉଲ୍ଲେଖଯୋଗ୍ୟ ଥିଲା। ଏହାପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଏକସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା। ସଭା ଶେଷରେ ଶକ୍ତି ସଂରକ୍ଷଣ ସପ୍ତାହ ଉପଲକ୍ଷେ ଗତ ୮ ରୁ ୧୪ ତାରିଖ ମଧ୍ୟରେ ହୋଇଥିବା ସମସ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସାର୍ଟିଫିକେଟ ଦିଆଯାଇଥିଲା।

# ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ




ଆଳି, ୧୫/୧୨ (ନି.ପ୍ର): କ୍ରୀଡା ମଣିଷ କୁ କେବଳ ମାନସିକ କି ଶାରିରୀକ ପୃଷ୍ଟି ସାଧନରେ ସହାୟକ ହୋଇଥାଏ ଏହା ମଣିଷ କୁ ଧୈର୍ଯ୍ୟ, ସହନଶୀଳତା, ସହଯୋଗ ଓ ସମବେଦନା ଶିକ୍ଷା ଦେଇଥାଏ ବୋଲି ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି। ଶୁକ୍ରବାର ଦିନ ପୂର୍ବାହ୍ନରେ ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନ ର ସଭାପତି ସାହିତ୍ୟିକ ବନମାଳୀ ସେନାପତି ଅଧ୍ୟକ୍ଷତାକରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭୁବନେଶ୍ୱର ସ୍ଥ ପିନାକିଲ ହ୍ୟୁମାନ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ଼ ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ କହିଥିଲେ ଯେ କ୍ରୀଡା ମଣିଷ କୁ ଧୈର୍ଯ୍ୟ ସହନଶୀଳତା ଓ ସମବେଦନା ର ଶିକ୍ଷା ପ୍ରଦାନ କରିଥାଏ। ଆଜିର ସମାଜରେ ବହି ଶିକ୍ଷା ର ଯେତିକି ଗୁରୁତ୍ୱ ଅଛି ଶାରିରୀକ ଶିକ୍ଷା ର ମଧ୍ୟ ସମପରିମାଣର ଗୁରୁତ୍ୱ ରହିଛି। କେବଳ ପୁସ୍ତକ କୀଟ ନ ହୋଇ ସବୁ କିଛି ଜାଣିବାର ଏ ଆବଶ୍ୟକତା ରହିଛି। ଅନୁଷ୍ଠାନ ରେ ଏକ କମ୍ପ୍ୟୁଟର ଲ୍ୟାବ ଖୋଲିବା ପାଇଁ ସହଯୋଗ କରିବା ସହିତ ଆଗାମୀ ଦିନରେ ଆହୁରି ଅଧିକ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ବକ୍ତା ଭାବରେ ଆଳି ଉଚ୍ଚବିଦ୍ୟାଳୟ ର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ସାହୁ ଯୋଗ ଦେଇ କହିଲେ ଯେ ଅନୁଷ୍ଠାନ ପିଲା ମାନଙ୍କୁ କ୍ରୀଡା କ୍ଷେତ୍ରରେ ଯେତେ ପ୍ରକାର ସହଯୋଗ ର ଆବଶ୍ୟକତା ରହିଛି ତାହା ସେ କରିବାକୁ ପ୍ରସ୍ତୁତ ଅଛନ୍ତି। ସମ୍ମାନୀତ ଅତିଥି ଭାବରେ ଅନୁଷ୍ଠାନ ର ଉପସଭାପତି କଳ୍ପନା ପଣ୍ଡା କହିଥିଲେ ଯେ ପିଲାମାନେ ସବୁ ବିଷୟରେ ଜ୍ଞାନ ଅର୍ଜନ କରିବା ଉଚିତ ତା ନହେଲେ ସେମାନେ ପ୍ରତିଦ୍ୱନ୍ଦିତା ରେ ପଛରେ ରହିଯିବେ। ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଗତ ସପ୍ତାହରୁ ଆରମ୍ଭ ହୋଇଥିବା କ୍ରୀଡା ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଉତ୍ସବ ପୂର୍ବରୁ ମୁଖ୍ୟ ଅତିଥି ଙ୍କ ବାପାଙ୍କ ନାମ ରେ ନାମିତ ବୈଦ୍ୟନାଥ କମ୍ପ୍ୟୁଟର ଲ୍ୟାବ କୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହାରାଷ୍ଟ୍ରରେ ଛିଡ଼ିଲା ...

ସେହିପରି ସିନ୍ଦେଙ୍କ ଶିବସେନାରୁ ଗୁଲାବରାଓ ପାଟିଲ, ଦାଦା ଭୁସେ, ସଂଜୟ ରାଠୋର ଓ ଉଦୟ ସାମନ୍ତ ପ୍ରମୁଖ ପାଇଛନ୍ତି ମନ୍ତ୍ରୀପଦ। ସେହିଭଳି ଅଜିତ ପାୱାରଙ୍କ ଏନସିପିରୁ ହସନ ମୁଶରିଫ, ଧନଞ୍ଜୟ ମୁଣ୍ଡେ, ଅଦିତି ତଟକରେ ପ୍ରମୁଖ ନେଇଛନ୍ତି ମନ୍ତ୍ରୀପଦର ଶପଥ। କୁହାଯାଉଛି ଯେ ମନ୍ତ୍ରୀ ମଣ୍ଡଳ ଭାଗବଣ୍ଟା ମଧ୍ୟ ସରିଛି, ଆଜି ରାତି ସୁଦ୍ଧା ପୋର୍ଟଫୋଲିଓର ତାଲିକା ପ୍ରକାଶ ପାଇବ। କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀମାନଙ୍କ ସମେତ ମୋଟ ୪୨ ଜଣ ମନ୍ତ୍ରୀ ରହିବାର ବ୍ୟବସ୍ଥା ଅଛି। ତେବେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁଯାୟୀ ଶିବସେନା ନଜର ପକାଇଥିବା ଗୃହ ବିଭାଗ ବିଜେପି ହାତରେ ରହିବ। ଏଥିସହ ବିଜେପି ରାଜସ୍ୱ, ଜଳସେଚନ ଏବଂ ଶିକ୍ଷା ବିଭାଗକୁ ନିଜ ପାଖରେ ରଖିପାରେ। ଶିବସେନାକୁ ସ୍ୱାସ୍ଥ୍ୟ ଏବଂ ପରିବହନ ମିଳିବାକୁ ଥିବାବେଳେ ଅର୍ଥ ବିଭାଗ ଏନସିପି ହାତକୁ ଯାଇପାରେ।

## ଏସସି-ଏସଟି ବିଭାଗ...

ତେବେ ଓଟିଭି ହାତରେ ଲାଗିଛି ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ। ସମାନ ଅକ୍ଟୋବର ୧୯ ତାରିଖରେ କଳାହାଣ୍ଡି ଏବଂ ବାଲେଶ୍ୱରର ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ଦେବାକୁ କେନ୍ଦ୍ରୀୟ ଉଦ୍ୟୋଗ ଘଇଉଡକୁ ଚିଠି ଲେଖିଛନ୍ତି ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ। ଖାଲି ଘଇଉଡ ନୁହେଁ, ଏମିତିକି ଜଳଶକ୍ତି ବିଭାଗ ଅଧୀନରେ ଥିବା ଉଦ୍ୟୋଗ ଡଇଚଉଡଙ୍ଫ ଲିମିଟେଡକୁ ବି ଅନୁଗୁଳ, ଗଞ୍ଜାମ, ରାୟଗଡ଼ାର ହାଇସ୍କୁଲ ଏବଂ ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ଦେବାକୁ ସେ ଚିଠି ଲେଖିଛନ୍ତି। ଏପେଟ ଓଡ଼ିଶା ଠିକାଦାର ମହାସଂଘ ସାଂଘାତିକ ଅଭିଯୋଗ ଆଣି କହିଛି ଯେ ଓଡ଼ିଆ ଠିକାଦରଙ୍କୁ କାମ ନଦେବାକୁ କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକୁ କାମ ଦେଇଛନ୍ତି। ସେମାନଙ୍କ ଜରିଆରେ ବ୍ୟାପକ ଟଙ୍କା କାରବାର ହେଉଥିବା ମଧ୍ୟ ମହାସଂଘ ଅଭିଯୋଗ କରିଛି। ଆଉ ଆଖି ତରାଟି ଦେଲା ଭଳି ତଥ୍ୟ ହେଉଛି, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ଅପଗ୍ରେଡେସନ କାମ ବି କେନ୍ଦ୍ରୀୟ ଉଦ୍ୟୋଗକୁ ଦିଆଯାଇଛି। ସେଣ୍ଟ୍ରାଲ ଇଲେକ୍ଟ୍ରୋନିକସ୍ ଲିମିଟେଡ୍ ଯାହାକି କେବଳ ବିଦ୍ୟୁତ କ୍ଷେତ୍ରରେ କାମ କରେ। କିନ୍ତୁ ଏହି କଂପାନୀକୁ ବି କେନ୍ଦୁଝର ଜିଲ୍ଲାର ୫ଟି ହାଇସ୍କୁଲ କାମ ବାଣ୍ଟିଛନ୍ତି ବିଷ୍ଣୁପଦ। ଯାହାକୁ ନେଇ ଗତ ୬ ତାରିଖରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବାସଭବନ ଘେରାଉ କରିଥିଲା ଛାତ୍ର କଂଗ୍ରେସ। ବ୍ଲାକ ଲିଷ୍ଟେଡ୍ ସଂସ୍ଥା ଡଇଚଉଡଙ୍ଫକୁ କିଭଳି କାମ ଦିଆଗଲା ବୋଲି ଅଭିଯୋଗ କରିଥିଲା କଂଗ୍ରେସ। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ମନ୍ତ୍ରୀ କହିଛନ୍ତି ଯେ ତଦନ୍ତ ଚାଲିଛି, ସତ୍ୟାସତ୍ୟ ସାମ୍ନାକୁ ଆସିବ। କାହାକୁ କାମ ଦିଆଯିବ ସରକାର ବିଚାର କରୁଛନ୍ତି। ଏସବୁ ଭିତରେ ବଡ଼ ପ୍ରଶ୍ନ, କାହିଁକି ସ୍କୁଲ କାମଗୁଡିକ କେନ୍ଦ୍ରୀୟ ଉଦ୍ୟୋଗ ଗୁଡିକୁ ବଣ୍ଟାଗଲା ? ଯଦି ବିଭାଗ ନିଜେ କରିନପାରିଲା, ଓଙଇଉଡ ମାଧ୍ୟମରେ ବି କରିପାରିଥାନ୍ତେ ସରକାର। କେନ୍ଦ୍ରୀୟ ଉଦ୍ୟୋଗଗୁଡିକୁ କାମ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ ନା ନିଜେ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଏହି ନିଷ୍ପତ୍ତି ନେଇଗଲେ ? ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ଏସବୁ ହୋଇଥିଲା ତ ?

## ରାସ୍ତା ମଝିରେ ଅଟୋ ...

ଲୋକଙ୍କ ସହ ରହୁଥିଲେ। ଆଜି ସେ ନିଜର ଅଟୋ ଚଲାଇ ସିଙ୍ଗାରାମଠାରୁ ଟିକିରି ଅଭିମୁଖେ ଯାଉଥିଲେ। ତେବେ ଫୁଲ୍‌ଯୋବା ଛକରେ କୌଣସି ଦୁର୍ବୃତ୍ତ ତାଙ୍କ ଗଳା କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ରାସ୍ତା ପାର୍ଶ୍ୱରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସ୍‌କୁ ଖବର ଦେଇଛି। ସାଇଣ୍ଟିଫିକ୍ ଟିମ୍ ସହ ଟିକିରି ସମେତ ୩ ଥାନାର ଥାନା ଅଧିକାରୀ ଓ ଏସ୍‌ଡିପିଓ ରଶ୍ମୀ ରଞ୍ଜନ ସେନାପତି ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ତେବେ ବଳରାମଙ୍କୁ କିଏ ଓ କଣ ପାଇଁ ହତ୍ୟା କଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ତେବେ ଏନେଇ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରି ନାହିଁ।

## କଲରାପତରିଆ ...

କରିବା ସହ ୫ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି। ଗତ ତିନିଦିନ ହେଲା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହି ଟିମ୍ ଗତକାଲି ମୁନିଗୁଡାର କରଡାବନ୍ଧ ଗ୍ରାମ ନିକଟରେ ୨ ଜଣଙ୍କୁ ମାଡି ବସିଥିଲେ। ତାଙ୍କ ଠାରୁ ସଚନା ପାଇ ଚଢ଼ାଉ ଟିମ ନିୟମଗିରି ଅଞ୍ଚଳର ଏକ ଗ୍ରାମକୁ ଯାଇ ଆଉ ୩ ଜଣ ହାତୀଦାନ୍ତ ବ୍ୟବସାୟୀ ଏକ ଟ୍ରଲି ବ୍ୟାଗ୍‌ରେ ହାତୀଦାନ୍ତ ରଖି ବିକ୍ରି ପାଇ କେଉଁଆଡ଼େ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ମୁନିଗୁଡ଼ା ବନବିଭାଗ ଓ ଏସଟିଏଫ ଟିମ୍ ଘଟଣାସ୍ଥଳରେ ମାଡି ବସିଥିଲେ। ତାଙ୍କ ନିକଟରୁ ୨ଟି ହାତୀ ଦାନ୍ତ ଜବତ୍ କରିଥିଲେ। ସୂଚନାରୁ ଜଣାପଡିଛି ଯେ ଏହି ସମୟରେ ଚଢ଼ାଉ କରିଥିବା ଟିମର ୨ଟି ବୋଲେରୋ ଉପରକୁ କିଛି ଅଜଣା ଲୋକ ଦୁର୍ବୃତ୍ତମାନଙ୍କୁ ଛଡାଇ ନେବା ପାଇଁ ଫାଇରିଂ କରିଥିବା ସୂଚନା ମିଳିଛି। ଗୋଟିଏ ଗାଡ଼ିର ସାମ୍ନାପଟେ ୪ଟି ଗୁଳି ବାଜିଥିବା ବେଳେ ଏହି ଘଟଣାରେ କେହି ଆହାତ ହୋଇନଥିବା ସୂଚନା ମିଳିଛି। ଗାଡ଼ିର ବନେଟ ଏବଂ ଅନ୍ୟ ଜାଗାରେ ଗୁଳି ବାଜିଥିବା ଦେଖିବାକୁ ମିଳିଛି। କିନ୍ତୁ ଗାଡ଼ିର କାଚ ଭାଙ୍ଗିଥିବା ଯାଇଥିବା ଜଣାପଡିଛି। ଚଢ଼ାଉ ପାଇଁ ଯାଇଥିବା ଅନ୍ୟ ଏକ ଗାଡିକୁ ଦୁର୍ବୃତ୍ତମାନେ ପଥରରେ ଆକ୍ରମଣ କରି କାଚ ଭାଙ୍ଗି ଦେଇଥିବା ଜଣାପଡିଛି। ଏନେଇ ମୁନିଗୁଡା ଜଙ୍ଗଲ ବିଭାଗ ମୁନିଗୁଡା ଥାନାରେ ଏତଲା ଦେଇଥିବା ଜଣାପଡିଛି।

## ଓଡ଼ିଶାର ପ୍ରତି ...

ଡାକ୍ତରଖାନାରେ ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ଡ଼ଃ ମହାଲିଙ୍ଗ କହିଥିଲେ। ରାଜ୍ୟରେ ମଜବୁତ ସ୍ୱାସ୍ଥ୍ୟ ସଂରଚନା ଓ ଚିକିତ୍ସା କ୍ଷେତ୍ରରେ ମାନବ ସମ୍ପଦକୁ ଅଧିକ ଦକ୍ଷ କରିବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆଧୁନିକ ଯନ୍ତ୍ରପାତି ଚଳାଇବା ପାଇଁ ଆବଶ୍ୟକ ପ୍ରଶିକ୍ଷିତ କର୍ମଚାରୀ ଓ ପର୍ଯ୍ୟାପ୍ତ ଚିକିତ୍ସକମାନଙ୍କର ଯେଉଁ ଅଭାବ ରହିଛି ତାହା ଯେତେ ଶୀଘ୍ର ସମ୍ଭବ ପୂରଣ ହେବା ଆବଶ୍ୟକ। ସୁନିର୍ଦ୍ଦିଷ୍ଟ ଏବଂ ପ୍ରଶିକ୍ଷିତ ମାନବ ସମ୍ପଦ ବିନା ଆମେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଦେବାରେ ସକ୍ଷମ ହେବୁନାହିଁ। ଗ୍ରାମାଚଂଳର ଅନେକ ହସ୍ପିଟାଲ ଆଜିବି ଏହି ଯନ୍ତ୍ରଗୁଡ଼ିକ କାମ କରିବା ପାଇଁ ଜରୁରୀ ମାନବ ସମ୍ବଳର ଅଭାବ ରହିଛି ବୋଲି ସେ କହିଥିଲେ।

## ରାଜ୍ୟରେ ୧୦ଡିଗ୍ରି ତଳେ ...

ଫୁଲବାଣୀରେ ୮.୫ ଡିଗ୍ରି, ଦାରିଙ୍ଗବାଡ଼ିରେ ୮.୫ ଡିଗ୍ରି, ଅନୁଗୁଳରେ ୯ ଡିଗ୍ରି, କେନ୍ଦୁଝରରେ ୯.୨ ଡିଗ୍ରି, ସୁନ୍ଦରଗଡ଼ରେ ୯.୪ ଡିଗ୍ରି, ଭବାନୀପାଟଣାରେ ୯.୪ ଡିଗ୍ରି, ଭୁବନେଶ୍ୱରରେ ୧୩ ଡିଗ୍ରି ଏବଂ କଟକରେ ୧୧.୫ ଡିଗ୍ରି ରେକର୍ଡ କରାଯାଇଛି। ପାଣିପାଗ ବିଭାଗ କହିଛି, ଆଗାମୀ ୩ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ୧୭ ଠାରୁ ପୁଣି ରାଜ୍ୟରେ ବର୍ଷାର ସମ୍ଭାବନା ଅଛି। ବାୟୁର ଦିଶା ପରିବର୍ତ୍ତନକୁ ନେଇ ବଙ୍ଗୋପ ସାଗରରୁ ରାଜ୍ୟ ମଧ୍ୟକୁ ଯେଉଁ ବାୟୁ ପ୍ରବାହିତ ହେଉଛି। ଏହାଦ୍ୱାରା ଆଦ୍ରତାର ପରିମାଣ ରହୁଛି। ଫଳରେ ଆକାଶ ମେଘୁଆ ସହ କାଁଭାଁ ବର୍ଷା ସମ୍ଭାବନା ରହିଛି। ୧୭ ତାରିଖରେ ବର୍ଷା ସମ୍ଭାବନାକୁ ନେଇ ଗଜପତି, ଗଂଜାମ, ପୁରୀ, ରାୟଗଡ଼ା ଜିଲ୍ଲାଗୁଡ଼ିକରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

## ଅତୁଲ ସୁଭାଷ ଆତ୍ମହତ୍ୟା...

ବେଙ୍ଗାଲୁରୁର ୩୪ ବର୍ଷିୟ ଇଓ ଇଞ୍ଜିନିୟର ଅତୁଲ ସୁଭାଶ ଡିସେମ୍ବର ୯ ତାରିଖରେ ତାଙ୍କ ବେଙ୍ଗାଲୁରୁ ସ୍ଥିତ ଆପାର୍ଟମେଣ୍ଟରେ ଆତ୍ମହତ୍ୟା କରିଥିଲେ। ସେ ୨୪ ପୃଷ୍ଠାର ସୁସାଇଡ୍ ନୋଟ୍ ଓ ଦେଢ ଘଣ୍ଟାର ଭିଡିଓ ମେସେଜ୍ ଛାଡି ଜୀବନ ହାରିଛନ୍ତି। ଆକସେଞ୍ଚର ଭଳି ପ୍ରତିଷ୍ଠିତ ଆଇଟି କଂପାନୀରେ ଚାକିରୀ କରୁଥିବା ସତ୍ତ୍ୱେ ତାଙ୍କ ପତ୍ନୀ ନିକିତା ଏକାଥରକେ ଛାଡ଼ପତ୍ର ସେଟେଲମେଣ୍ଟ ପାଇଁ ୩ କୋଟି ଟଙ୍କା ଦାବି କରୁଥିଲେ। ଯାହାକୁ ନେଇ ମାନସିକ ଚାପରେ ରହୁଥିଲେ ଅତୁଲ। ନିଜ ସୁସାଇଡ୍ ନୋଟ୍‌ରେ ତାଙ୍କ ସ୍ତ୍ରୀ ନିକିତା ସିଙ୍ଘାନିଆ ଏବଂ ଶାଶୁଙ୍କ ବିରୋଧରେ ଅତୁଲ ଗୁରୁତର ଅଭିଯୋଗ କରିଛନ୍ତି। ତାଙ୍କ ସୁଇସାଇଡ ନୋଟରେ କୋଟି କୋଟି ଟଙ୍କା ଦାବି ସହ ମିଛ ମାମଲାରେ ଫଶାଯିବା ଭଳି ଅଭିଯୋଗ ରହିଛି।

## ଟ୍ରେନ୍‌ରେ କଟି ଦୁଇ...

ତାଙ୍କୁ ରକ୍ଷା କରିବାକୁ ଯାଇ ଅନ୍ୟ ଜଣେ ପଡ଼ି ଯାଇଥିଲେ। ଫଳରେ ଟ୍ରେନ୍‌ରେ କଟି ସେମାନଙ୍କର ସେହିଠାରେ ମୃତ୍ୟୁ ଘଟିଥିଲା। ଆରପିଏଫ୍ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହିତ ମାମଲା ରୁଜୁ କରି କେମିତି ଏଭଳି ଏକ ଘଟଣା ଘଟିଲା ତା'ର ତଦନ୍ତ କରୁଛି।

## କାଲକାଜିରୁ ଆତିଶୀ...

ଇମ୍ରାନ ହୁସେନ ବଲ୍ଲିମାରାନରୁ ନିର୍ବାଚନ ଲଢ଼ିବେ। ଏହି ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ସୋଶାଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍ ସମସ୍ତ ୭୦ଟି ଯାକ ଆସନ ଲାଗି ନିଜ ପ୍ରାର୍ଥୀ ଘୋଷଣା କରିସାରିଛି। ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ହେଲେ ବିଜେପି ନିଖୋଜ ଅଛି। ତାଙ୍କର କୌଣସି ମୁଖ୍ୟମନ୍ତ୍ରୀ ଚେହେରା ନାହିଁ, ଦଳ ନାହିଁ, ଯୋଜନା ନାହିଁ ଏବଂ ଦିଲ୍ଲୀ ପାଇଁ କୌଣସି ତାଙ୍କର ଭିଜନ୍ ନାହିଁ।'

## ବିଶିଷ୍ଟ ତବଲା ବାଦକ...

ପଦ୍ମ ଭୂଷଣ ସମ୍ମାନ ପାଇଥିଲେ ଉସ୍ତାଦ ଜାକିର ହୁସେନ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତ ସରକାର ୨୦୨୩ରେ ପଦ୍ମ ବିଭୂଷଣ ପ୍ରଦାନ କରିଥିଲେ। ୧୯୯୯ ମସିହାରେ ତାଙ୍କୁ ଆମେରିକାର ନ୍ୟାସନାଲ୍ ଆଣ୍ଡୋମେଣ୍ଟ ଫର୍ ଦି ଆର୍ଟ୍ସ ପକ୍ଷରୁ ନ୍ୟାସନାଲ୍ ହେରିଟେଜ୍ ଫେଲୋଶିପ୍ ପ୍ରଦାନ କରାଯାଇଥିଲା।

ସୋମବାର, ଡିସେମ୍ବର ୧୬, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଆଁଲାଗି ଜଳିଗଲା ଦୁଇବଖରା ଘର: କାରଣ ଅସ୍ପଷ୍ଟ

ନୀଳଗିରି, ୧୫/୧୨ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଅଧୀନ ବାରାଗଡିଆ ଗ୍ରାମରେ ହଠାତ୍ ନିଆଁ ଲାଗିଯିବା କାରଣରୁ ଜଣେ ଦିନମଜୁରିଆ ଅସହାୟ ହୋଇପଡ଼ିଛନ୍ତି। ସୂଚନାଅନୁଯାୟୀ ରବିବାର ଅପରାହ୍ନ ପ୍ରାୟ ଦୁଇଘଟିକା ସମୟରେ ବାରାଗଡିଆ ଗ୍ରାମର ଯୁଗେନ୍ଦ୍ର ସିଂଙ୍କ ପୁଅ ଶ୍ରୀକାନ୍ତ ସିଂ ଧାନ କାଟିବାପାଇଁ ନିଜ ସ୍ତ୍ରୀ ସହିତ ବିଲକୁ ଯାଇଥିବା ବେଳେ ଘରେ କେହି ନଥିଲେ। ହଠାତ୍ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଜ ଚାଳଘର ନିଆଁରେ ପୋଡିଯାଉଥିବା ଗାଁ ଲୋକଙ୍କ ଠାରୁ ଖବରପାଇ ଆସି ନିଜଘର ହୁତୁହୁତୁ ହୋଇ ଜଳିଯାଉଥିବା ଦେଖିବାକୁ ପାଇଥିଲେ।ପରେ ସ୍ଥାନୀୟ ଲୋକ ନୀଳଗିରି ଅଗ୍ନିଶମବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପୂର୍ବରୁ ଦୁଇବଖରା ଘରଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ଘରେ ଥିବା ଚାଉଳ, ରାସନ ସାମଗ୍ରୀ, ଲୁଗାପଟା, ବେଲାବାସନ ସହ ଟଙ୍କାପଇସା ପୋଡ଼ି ଯାଇଥିବା ଶ୍ରୀକାନ୍ତ କହିଛନ୍ତି। ତାଙ୍କର ଗୋଟିଏ ସାନ ଝିଅ ଥିବାବେଳେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ସଂପୃକ୍ତ ଯୁବକଜଣକ ଜଣେ ଦିନମଜୁରିଆ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ଓ ବେସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏଥିସହିତ ବର୍ତ୍ତମାନ ଶୀତଦିନ ହୋଇଥିବାରୁ ଶୀତକାକରରୁ ରକ୍ଷାପାଇଁ ସ୍ଥାନୀୟ ପ୍ରଶାସନ ତମ୍ବୁ ସହିତ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



# ଭଦ୍ରକରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ: ୫୫୯୭୫୫୪୪ ଟଙ୍କାରେ ୧୬୨୩ଟି ମୋକଦ୍ଦମା ଆପୋଷ ସମାଧାନ

ଭଦ୍ରକ, ୧୫/୧୨ (ନି.ପ୍ର): ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆଇନସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୫୫୯୭୫୫୪୪ ଟଙ୍କାରେ ୧୬୨୩ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା ।




ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି, ଟ୍ରିବୁନାଲର ବିଚରାଧିନ ୪୩ଟି ମାମଲାର ୨୮୨୯୩୪୦୦ ଟଙ୍କାରେ, ୨୮ଟି ବୈବାହିକ ବିବାଦ, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୫୪ଟି ବ୍ୟାଙ୍କ ଋଣ ମାମଲା ୨୬୨୪୭୮୬ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ୍‌ର ଟେଲିଫୋନ୍ ବିଲ ସମ୍ବନ୍ଧୀୟ ଏବଂ ବିଦ୍ୟୁତ ମାମଲା ୯୧ଟି ୧୩୦୩୮୩୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି ।

# ରେମୁଁ ଗୀତା ଶିକ୍ଷା କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର , ୧୫/୧୨ (ନି.ପ୍ର): ବାଲିଆପାଳ ବ୍ଲକ ରେମୁଁ ଠାରେ ଥିବା ଖଣ୍ଡେଶ୍ୱର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶ୍ରୀଳ ଶ୍ୟାମାକାନ୍ତ ଗୀତା ଶିକ୍ଷାକେନ୍ଦ୍ର ର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ନାରାୟଣ ବାଗ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ମୁରଲୀଧର ଗଙ୍ଗେଇ , ମୁଖ୍ୟବକ୍ତା ପ୍ରଫେସର ସୃଷ୍ଟିଧର ରାଉତ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଶିକ୍ଷାବିତ୍ ସନ୍ତୋଷ ଜେନା, ଅନନ୍ତ ରାଉତ,ବିଜୟ କୁମାର ଗିରି,ଗୌରହରି ବେହେରା ପ୍ରମୁଖ ଯୋଗଦେଇ କୁନି କୁନି ପିଲାମାନଙ୍କ ମଧ୍ୟରେ ଆଧାତ୍ମିକ ଜ୍ଞାନ ଜାଗ୍ରତ ପାଇଁ ଶିକ୍ଷା କେନ୍ଦ୍ର ପକ୍ଷରୁ ନିଆଯାଇଥିବା ଉଦ୍ୟମକୁ ଅତିଥି ମାନେ ପ୍ରଶଂସା କରିବା ସହିତ ରାଜ୍ୟ ସରକାର ଶିକ୍ଷା ବିଭାଗ ରେ ଗୀତା,ଭାଗବତ କୁ ପାଠ୍ୟକ୍ରମ ରେ ସାମିଲ କରାଇଲେ ପିଲାଙ୍କ ମଧ୍ୟରେ ଆଧାତ୍ମିକ ଜ୍ଞାନ, ସଂସ୍କାର, ଜୀବନ ଶୈଳୀ ର ପରିପ୍ରକାଶ ହୋଇପାରିବ ବୋଲି ଅତିଥି ମାନେ ବ୍ୟକ୍ତବରେ କହିଥିଲେ। ଗୀତାପାଠ, ଶ୍ଳୋକ ଉଚ୍ଚାରଣ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିବାନନ୍ଦ ଦାସ ଅଧିକାରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଧାକୃଷ୍ଣ ପଣ୍ଡା ବାର୍ଷିକୀ ବିବରଣୀ ପାଠ କରିଥିଲେ। ଗୀତା ଶିକ୍ଷାକେନ୍ଦ୍ର ର ପ୍ରତିଷ୍ଠାତା ରମା ନାଥ ଦାସଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଶିକ୍ଷକ ରବିନ୍ଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀମଦ୍ ଭାଗବତ କଥା ଉଦ୍‌ଯାପିତ

ବାଲେଶ୍ୱର, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଧାକୃଷ୍ଣ ଗୋସେବା ସମିତି ଆନୁକୁଲ୍ୟରେ ଓଟି ରୋଡ ରେ ଷ୍ଟେଟ ବ୍ୟାଙ୍କ ଶିଳ୍ପାଞ୍ଚଳ ଶାଖା ସମ୍ମୁଖରେ ୭ ଦିନ ଧରି ଶ୍ରୀମଦ୍ ଭାଗବତ କଥା ଆଲୋଚନା ହେଇଥିଲା । ଏହି ଭାଗବତ ମଞ୍ଚରେ ଭାରତର ସୁପ୍ରସିଦ୍ଧ ଆଧାତ୍ମିକ କଥା ବାଚକ୍ ଗୋବତ୍ସ ରାଧାକୃଷ୍ଣ ଜି ମହାରାଜ ପ୍ରବଚନ ଦେଇ ଥିଲେ । ଏହି ଭଗବତ୍ କଥା ଶୁଣିବା ପାଇଁ ଶହ ଶହ ସଂଖ୍ୟାରେ ଯୋଗ ଦେଇ ଭାଗବତ କଥା ଅମୃତ ଶ୍ରବଣ କରିଥିଲେ । ରାଧାକୃଷ୍ଣ ଜୀ ମହାରାଜ ଲୋକଙ୍କୁ କହୁଥିଲେ ଏହି ଭଗବତ୍ କଥା ୭ ଦିନ ସୀମିତ ନରଖି ବର୍ଷସାରା ନିଜ ଜୀବନ ଚର୍ଯ୍ୟାରେ ଆଚରଣ କରିବା ପାଇଁ ସେ ଉପଦେଶ ଦେଇଥିଲେ । ଏହି ଆଧାତ୍ମିକ କାର୍ଯ୍ୟ କ୍ରମରେ ବିଭିନ୍ନ ଦିବସରେ ଶ୍ରୀ ଶୁକ ପରୀକ୍ଷିତ ଚରିତ୍ର , କିଚୋକୋପଖ୍ୟାନ , ଧ୍ରୁବ ଚରିତ୍ର , ପୃ ଥୁ ଚରିତ୍ର , ଅଜାମିଳ ଉପାଖ୍ୟାନ , ନୃସିଂହ ଅବତାର , ପ୍ରହ୍ଲାଦ ଚରିତ୍ର , ସମୁଦ୍ର ମନ୍ଥନ , ବାମନ ଅବତାର , ଶ୍ରୀରାମ ଜନ୍ମ, ଶ୍ରୀକୃଷ୍ଣ ଜନ୍ମଉତ୍ସବ, ଶ୍ରୀକୃଷ୍ଣ ବାଲ୍ୟଲୀଳା,ଗୋଚରାଣ ଲୀଳା, ଗୋବର୍ଦ୍ଧନ ପୂଜା, ମହାରାସ ଲୀଳା, ଗୋପୀଗୀତ, ଗୋପୀ ଉଦ୍ଧବ ସମ୍ବାଦ, ରୁକ୍ମିଣୀ ବିବାହ ଭଗବାନଙ୍କ ଗୃହଚର୍ଚ୍ଚା, ସୁଦାମ ଚରିତ୍ର ଓ ପିରୀକ୍ଷିତ ମୋକ୍ଷ ଆଦି ବିଷୟ ଉପରେ ପୂଜ୍ୟ ମହାରାଜ ଦିବ୍ୟ ସଂଗୀତମୟ କଥା ପ୍ରବଚନ ଦେଇଥିଲେ। ଶେଷରେ ୧୪ ତାରିଖ ଉଦଯାପିତ ହୋଇଥିଲା। ଏହାକୁ ଆୟୋଜନ କରିଥିଲେ ରାଧାକୃଷ୍ଣ ଗୋସେବା ସମିତିର ସଭାପତି ପ୍ରସାଦ ମୋର ଓ ସମ୍ପାଦକ ମନୋଜ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କବିତା ଅଗ୍ରୱାଲ,କେଶବ ଅଗ୍ରୱାଲ, ଯୁଗଳ ରାଠୀ, ମନୋହର ପେରିୱାଲ, ପଙ୍କଜ ଶିକରିୟା, କବୀର ଅଗ୍ରୱାଲ, ସନ୍ତୋଷ ମୋଦି, ଶିଶିର ଜାଳିକ ଆଦି କର୍ମକର୍ତ୍ତା। ସପ୍ତଦିବସୀୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ସାନ ଧନାଡ଼ି ଗାଁରେ ଶିଶୁ କନ୍ୟାର ସଲିଳ ସମାଧି

ବସ୍ତା, ୧୫/୧୨ (ନି.ପ୍ର):ବସ୍ତା ଥାନା ଅନ୍ତର୍ଗତ ସାନ ଧନାଡ଼ି ଗାଁରେ ଆଜି ଜନୈକ ଶିଶୁ କନ୍ୟାର ସଲିଳ ସମାଧି ଘଟିଛି। ପ୍ରକାଶ ଯେ ନକୁଳାନନ୍ଦ ତରେଇଙ୍କ ଝିଅ ବୈଷ୍ଣବ ଓରଫ ଗାୟତ୍ରି (୫ ବର୍ଷ) ଖେଳୁଥିବା ସମୟରେ ସ୍ଥାନୀୟ ପୋଖରୀରେ ବୁଡି ଯାଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାକୁ ଉଦ୍ଧାର କରି ଡାକ୍ତରଖାନା ନେଇଯାଇଥିଲେ ହେଁ ତା'ର ଜୀବନ ରକ୍ଷା ସଂଭବ୍ ହୋଇ ନଥିଲା।ପୁଲିସ ଏନେଇ କେଶ ନମ୍ବର ୪୫/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ଏବଂ ଶବ ବ୍ୟବଛେଦ କରାଇଛନ୍ତି।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ମୟୁରଭଞ୍ଜ ଜିଲ୍ଲା ଶାଖାର ଶୁଭ ଉଦଘାଟନ

ଉଦଳା , ୧୫/୧୨ (ନି.ପ୍ର): ମୟୁରଭଞ୍ଜଜିଲ୍ଲା ଉଦଳାର ସାଇ ସାଧନା କଲେଜ ରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓଡିଶାର ମୟୁରଭଞ୍ଜ ଜିଲ୍ଲା ଶାଖା ଉଦଘାଟନ ପୂର୍ଣଚନ୍ଦ୍ର ବିନ୍ଧାଣୀ ଙ୍କ ସଭାପତିତ୍ୱରେ ସାଇ ସାଧନା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଇଂ. ରାମକୃଷ୍ଣ ମହାରଣା, ମୁଖ୍ୟ ବକ୍ତା ଇଂ. ଯୁଗଳ କିଶୋର ମହାରଣା, ସନ୍ମାନିତ ଅତିଥି ସହିଦେଶ୍ୱର ବିନ୍ଧାଣୀ , ପ୍ରଭାକର ମହାରଣା, ଅଶୋକ କୁମାର ମହାରଣା, ରବୀନ୍ଦ୍ର କୁମାର ଓଝା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ ବିଶ୍ୱକର୍ମା ସମିତିର ଉଦ୍ଦେଶ୍ୟ, କାର୍ଯ୍ୟାବଳୀ ଏବଂ ଦାୟିତ୍ୱ ବିଷୟରେ ସମସ୍ତେ ସ୍ୱ ସ୍ୱ ବକ୍ତବ୍ୟ



ପ୍ରଦାନ କରିଥିଲେ ଏବଂ ମୟୁରଭଞ୍ଜ ଜିଲ୍ଲା ଶାଖାର ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତା ଭାବେ ପୂର୍ଣଚନ୍ଦ୍ର ବିନ୍ଧାଣୀ ସଭାପତି, ରଘୁନାଥ ବିନ୍ଧାଣୀ ଉପସଭାପତି, ବୀରେନ୍ଦ୍ର ବିନ୍ଧାଣୀ ସମ୍ପାଦକ, ନଗେନ ବିନ୍ଧାଣୀ ସହସମ୍ପାଦକ,ଦୈତାରୀ ବିନ୍ଧାଣୀ କୋଷକ୍ଷଧକ୍ଷ, ପରୀକ୍ଷିତ ବିନ୍ଧାଣୀ ସହକୋଷକ୍ଷଧକ୍ଷ, ନରେନ୍ଦ୍ର ବିନ୍ଧାଣୀ ସଂଗଠନ ସମ୍ପାଦକ, କଟିଆ ବିନ୍ଧାଣୀ , ଭାସ୍କର ଚନ୍ଦ୍ର ବିନ୍ଧାଣୀ, ରବିନାରାୟଣ ବିନ୍ଧାଣୀ, ମନୋରଞ୍ଜନ ବିନ୍ଧାଣୀ , ଗୋପାଳ ବିନ୍ଧାଣୀ ସଂଯୋଜକ ଏବଂ ଇନ୍ଦ୍ରମଣି ବିନ୍ଧାଣୀ ଓ ନନ୍ଦକିଶୋର ବିନ୍ଧାଣୀ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ । ଏହି ନୂତନ ସଭାକୁ ରାଜ୍ୟସଙ୍ଘର ସଭାପତି ସ୍ୱୀକୃତି ପ୍ରଦାନ କରିଥିଲେ । ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରମଣି ବିନ୍ଧାଣୀ, ଚନ୍ଦ୍ରମହନ ବିନ୍ଧାଣୀ ଓ ନଗେନ ବିନ୍ଧାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୈତାରୀ ବିନ୍ଧାଣୀ ମଞ୍ଚ ପରିଚାଳନା କରିଥିବା ସ୍ଥଳେ କପିଳେନ୍ଦ୍ର ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଶ୍ୱକର୍ମା ପରିବାରର ସଭ୍ୟ ସଭ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ବାସୁଦେବପୁର, ୧୫/୧୨ (ନି.ପ୍ର): ବାସୁଦେବପୁର ପୌର ପାଳିକାର ଆଦର୍ଶ ଶିକ୍ଷା ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନ ଉତ୍ସବରେ ବାସୁଦେବପୁର ଥାନା ଏ ଏସ ଆଇ ଦେବୀ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଥିଲେ ବାବାଜି ଚରଣ ନାୟକ । ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ପାଣିଗ୍ରାହୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ଶିକ୍ଷା କେନ୍ଦ୍ରର ସଭାପତି ତାରାକାନ୍ତ




ଡାଙ୍ଗୁଆ ଓ ସମ୍ପାଦକ ସୁକାନ୍ତ କୁମାର ବାରିକ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ଦୁଇ ଦିନ ଧରି ବିଭିନ୍ନ ପ୍ରକାର ଖେଳ ଦୌଡ, ଲମ୍ଫ ଡିଆଁ, ମ୍ୟୁଜିକ୍ ଚେଆର ଓ ଏକକ ଅଭିନୟ ଅନୁଷ୍ଠିତ ହୋଇ ଥିଲା । କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଇପ୍ସିତା ମହାପାତ୍ର ଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ବହୁ ସଂଖ୍ୟା ରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଏହି କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିଲେ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୧୫/୧୨ (ନି.ପ୍ର): ଶୃଙ୍ଖଳିତ ଶୈକ୍ଷିକ ପରିବେଶ ହିଁ ଉନ୍ନତ ରାଷ୍ଟ୍ର ଗଠନ ରେ ସହାୟକ ହୋଇଥଏ ବିସିପୁର। ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବିଶିପୁର ର ଏକାଦଶ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ଭାରତୀୟ ସଂସ୍କୃତି ସମ୍ପନ୍ନ ଉପରେ ପର୍ଯ୍ୟବେଶିତ ହେବା ସହ ଶୃଙ୍ଖଳିତ ଶୈକ୍ଷିକ ପରିବେଶ ସୃଷ୍ଟି ହେଲେ ଉନ୍ନତ ରାଷ୍ଟ୍ର ଗଠନ ରେ ତାହା ସହାୟକ ହେବ ବୋଲି ଶ୍ରୀଯୁକ୍ତ ଦାଶ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ପରିଷଦର ମୁଖ୍ୟ ପରାମର୍ଶ ଦାତା ତଥା ବିଶିଷ୍ଟ ଶିକ୍ଷା ବିତ ଭରତ ଚନ୍ଦ୍ର ମହାନ୍ତି ନିଜ ବକ୍ତବ୍ୟ ରେ ପିଲାମାନଙ୍କୁ



ବିବେକାନନ୍ଦ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇ ଥିଲେ। ସମ୍ମାନିତ ବକ୍ତା ଭାବେ ଉଦଳା ପୌର ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା ପିଲା ମାନଙ୍କୁ ଉପଯୁକ୍ତ ସଂସ୍କାର ରେ ଗଢି ତୋଳିବା ପାଇଁ ଅଭିଭାବକ ଓ ଗୁରୁଜୀ ଗୁରୁମା ମାନଙ୍କୁ ପରାମର୍ଶ ଦେଇ ଥିଲେ ଲ ବାଣୀ ପୀଠ ର ଅଧ୍ୟକ୍ଷ ଡ଼ କୁମାର ବାବୁଲି ଙ୍କ ସଭାପତି ତ୍ୱ ରେ ଏହି ସଭା ରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ଶିବ ଶଙ୍କର ଭୋଇ ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଅନୁଷ୍ଠାନ ର ସମ୍ପାଦକ ଶାନ୍ତି ପ୍ରବୀର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ବିଷୟ ରେ ନିଜ ର ବିବରଣୀ ପ୍ରଦାନ କରିଥିଲେ ଲ ସାମ୍ମନ୍ଦିତ ଅତିଥି ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଶେଷଦେବ ପାତ୍ର ଯୋଗ ଦାନ କରିଥିଲେ । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟକ୍ଷ ମଧୁସ୍ମିତା ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭ ରେ ସ୍ୱାମୀ ବିବେକାନନ୍ଦ, ଭାରତ ମାତା, ପ୍ରଭୁ ଜଗନ୍ନାଥ, ପଣ୍ଡିତ ଲକ୍ଷ୍ମୀଧର ରାଉତ ଙ୍କଫୋଟୋ ଚିତ୍ର ରେ ପୂଜାର୍ଚ୍ଚନା କରା ଯାଇ ଥିଲା । ଶେଷ ରେ ଅତିଥି ମାନେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ପିଲା ମାନଙ୍କ ଦ୍ୱାରା ନାଟକ ଆମ୍ବା କାନ୍ଦୁଛି, ଅଭିଭାବକ ଓ ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ନାଟକ 'ମଶାଣି ପଦାରେ ଜଗା ବଳିଆ ' ପୌରାଣିକ ନାଟକ 'ଦୁର୍ଗତି ନାଶିନୀ ଦୁର୍ଗା। ' ପାରିବେଶିତ ହୋଇଥିଲା ଶେଷରେ ଗୁରୁଜୀ ପରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦା ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ



ବାରିପଦା, ୧୫/୧୨ (ନି.ପ୍ର): ବାରିପଦା ପୌରପାଳିକା ପରିସରରେ ପୌରପାଳିକା ଅବସରପ୍ରାପ୍ତ ଅବସରପ୍ରାପ୍ତ କର୍ମଚାରୀ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକ ସଭାପତି ତାରାମଣୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯିବା ସହ ଅବସରପ୍ରାପ୍ତ ୫୦ ଜଣ କର୍ମଚାରୀଙ୍କ ବକେୟା ଦରମା ଅଦ୍ୟାବଧି ମିଳିନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରାଯାଇ ଯଥାଶୀଘ୍ର ପ୍ରଦାନ କରିବା, ପେନସନ ଠିକ ସମୟରେ ଯୋଗାଇ ଦେବା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏକ ଅଫିସ ଗୃହ ଯୋଗାଇ ଦେବା ଆଦି ଦାବୀ କରାଯାଇଛି। ବୈଠକରେ ସଂଘର ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ସାଧାରଣ ସମ୍ପାଦକ ଉଜ୍ଜ୍ୱଳ ବେହେରା ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହାଡିବନ୍ଧୁ ପଣ୍ଡା, ଅନୁପ ଗିରି, ପଙ୍କଜ ମିଶ୍ର, ଜଗନ୍ନାଥ ଆଚାର୍ଯ୍ୟ, ତରୁଣ ବାରିକ, ନୃସିଂହ ବାରିକ ପ୍ରମୁଖ ଅବସର ପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ଅଜଣା କାର ଧକ୍କାରେ ଦହିବରା ଦୋକାନୀଙ୍କ ମୃତ

ବସ୍ତା, ୧୫/୧୨ (ନି.ପ୍ର): ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ହଳଦୀପଦା ବାଇପାସ୍ ନିକଟ ରେ ଅଜଣକ୍ଷ କାର ଧକ୍କାରେ ଜଣେ ଦହିବରା ବେପାରୀଙ୍କ ମୃତ୍ୟୁ ହୋଇଛି।ମୃତକ ଜଣକ ହେଲେ ରୂପସା ଥାନା ଅନ୍ତର୍ଗତ ଆଗର ଗୋହିରା ଗାଁର ଶତୃଘନ ବାରିକ। ସୂଚନାଥାଉକି ସବୁଦାନ ପରି ଆଜି ନିଜ ଗାଡି ଦହିବରା ଡେକିଚିରେ ବାନ୍ଧୀ ବ୍ୟାପାର ପାଇଁ ଘରୁ ବାହାରି ଯାଇଥିଲେ ଭଗବାନଙ୍କଲୀଳା ଘରକୁ ତାଙ୍କ ଶବ ଆସିଲା । ଶତୃଘନ ଦହିବରା ବ୍ୟବସାୟ କରନ୍ତି ବାଇକ ଯୋଗେ ଦହିବରା କରୁଥିବା ସମୟରେ ଜଳେଶ୍ୱରରୁ ବାଲେଶ୍ୱର ଆଡ଼କୁ ଯାଉଥିବା କୌଣସି ଏକ ଅଜଣା କାର ଦୃତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ି ମୁଣ୍ଡମାଡ଼ ହେବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲ । କିଛି ସମୟ ପାଇଁ ରାଜପଥ ଉପରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜପଥ ପଇଁତରା ପୁଲିସ ସହ ବସ୍ତା ଥାନା ପୁଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।ଏ ସଂକ୍ରାନ୍ତିରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି। ଶତ୍ରୁଘନ ଦହିବରା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛନ୍ତି।ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବନ୍ଦର ବିରୋଧୀ ଆନ୍ଦୋଳନ ତେଜୁଛି: ବନ୍ଦର ବିରୋଧରେ ବାଇକ ରାଲୀ ଓ ମଶାଲ ଶୋଭାଯାତ୍ରା

## ୧୭ରେ ଡଗରାରେ ପ୍ରସ୍ତାବିତ ବନ୍ଦରର ଜନ ଶୁଣାଣି

ଲଙ୍ଗଳେଶ୍ୱର,୧୫/୧୨ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ଚଳିତ ମାସ ୧୭ ତାରିଖ ଜନ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଭିଟାମାଟି ସୁରକ୍ଷା କମିଟି ପ୍ରସ୍ତାବିତ ବନ୍ଦର ପାଇଁ ଜନ ଶୁଣାଣିରେ ବନ୍ଦରକୁ ବିରୋଧ କରିବା ପାଇଁ ରବିବାର ଅପରାହ୍ନରେ ଜମ୍ପିରାଇ ପଞ୍ଚାୟତରୁ ଚଉମୁଖ ପଞ୍ଚାୟତର କଙ୍କଡାପାଳ ଯାଏ ବାଇକ ରାଲିରେ ଜନ ଜାଗରଣ କରିବା ସହିତ ସନ୍ଧ୍ୟାରେ କଙ୍କଡାପାଳରୁ ଡଗରା ବଡ଼ ଗୁମୁଟି ଛକ ଯାଏ ମଶାଲ ଶୁଭାଯାତ୍ର କରି ଲୋକଙ୍କୁ ବନ୍ଦର ବିରୁଦ୍ଧରେ ଜାଗ୍ରତ କରାଇଛି । ବାଟରେ ବିଭିନ୍ନ ସ୍ଥାନରେ ପଥ ପ୍ରାନ୍ତ ସଭା ମାଧ୍ୟମରେ ସରକାର ସମୁଦ୍ର ଭିତରେ ବନ୍ଦର କରିବା କଥା କହି ଜେନ ତେନ ପ୍ରକାରେ ଲୋକଙ୍କ ଠାରୁ ହଁ କରାଇ ନେଇ ବନ୍ଦର କାମ ଆରମ୍ଭ କଲା ପରେ କଙ୍କଡାପାଳରୁ ଜାମ୍ପିରାଇ ଯାଏ ମାନବ ଶୂନ୍ୟ କରିଦେବେ ବୋଲି ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ସହିତ ବନ୍ଦର ବିରୁଧିନେତା ମାନେ ଲୋକଙ୍କୁ ବୁଝାଇଥିଲେ। ସମୁଦ୍ର କୂଳିଆ ଦୋଫସଲି ବହୁ ଉର୍ବର ଜମିରେ ବନ୍ଦର କରିବା ପାଇଁ ସରକାର କାହିଁକି ଅଡି ବସିଛନ୍ତି। କାହା ସ୍ୱାର୍ଥରେ ଏଠାରେ ବନ୍ଦର କରଯାଇଛି ଆଦି ବିଭିନ୍ନ ପ୍ରଶ୍ନ କରିଥିଲେ। ତେବେ ଏଠାରେ ବନ୍ଦର କରାଇ ନଦେବା ପାଇଁ ଭିଟାମାଟି ସୁରକ୍ଷା କମିଟି ବଜ୍ର ଶପଥ ନେଇଛି ବୁଲି ଆବାହକ ଶ୍ରୀ ଜେନା କହିଥିଲେ। ସେଥି ପାଇଁ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଜମ୍ପିରାଇ, ନୂଆଗାଁ, ବେତଗଡିଆ, ଅଳାଡିହା, ଡଗରା, ଚଉମୁଖ ଆଦି ପଞ୍ଚାୟତର ପ୍ରତିଟି ଗାଁ ରେ ପ୍ରଜା ମେଳି କରି ଆଜି ସମୁଦାୟ ୬ଟି ପଞ୍ଚାୟତର ଲୋକ ମାନଙ୍କୁ ଏକତ୍ରିତ କରି ବାଇକ ରାଲି ଓ ମଶାଲ ଶୁଭାଯାତ୍ରା ମାଧ୍ୟମରେ ବନ୍ଦରକୁ ବିରୁଦ୍ଧ କରିବାର ବଳ ସାଉଁଟିଛି ଭିଟାମାଟି ସୁରକ୍ଷା କମିଟି। ତେବେ ପ୍ରଶାସନ କଡ଼ା ପ୍ରହରା ମାଧରେ ଜନ ଶୁଣାଣି ସ୍ଥାନରେ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଥିବା ଜଣାଯାଇଛି।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida